ବର୍ଷ-୨୬, ସଂଖ୍ୟା-୮୬
ଭୁବନେଶ୍ୱର
୩୦, ମାର୍ଚ୍ଚ, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No.96
Bhubaneswar
30 March, , 2026 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଯାମିଙ୍କ
କାର୍
ଉପହାର




# ଗୁଜବରୁ ଦୂରେଇ ରହିବାକୁ ପିଏମ ମୋଦିଙ୍କ ଅପିଲ

ନୂଆଦିଲ୍ଲୀ, ୨୯।୩(ପିଆଇବି); ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ଓ ବିଶ୍ୱସ୍ତରରେ ଚାଲୁଥିବା ସଂଘର୍ଷ ଏବଂ ଉର୍ଜା ସଂକଟ ନେଇ ଚିନ୍ତା ବ୍ୟକ୍ତ କରି ରବିବାର 'ମନ କି ବାତ' କାର୍ଯ୍ୟକ୍ରମରୁ ପୁଣିଥରେ ଦେଶବାସୀଙ୍କୁ ଗୁଜବରେ ଧ୍ୟାନ ନ ଦେବା ଓ ଏକତା ରଖିବାକୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ଆନ୍ତର୍ଜାତୀୟ ସଂଘର୍ଷର କାରଣରୁ ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ପ୍ରଭାବିତ ହେଉଛି। ଏପରି ସମୟରେ ଗୁଜବରୁ ଦୂରେଇ ରହି ସରକାରୀ ସୂଚନାରେ ଭରସା କରିବା ଆବଶ୍ୟକ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ'ର ୧୩୨ତମ ଏପିସୋଡରେ ଏହି କଥା କହିଛନ୍ତି। ସେ ଉପସାଗରୀୟ ଦେଶଗୁଡ଼ିକରେ ଚାଲୁଥିବା ସଂଘର୍ଷ ମଧ୍ୟରେ ସେଠାରେ ରହୁଥିବା ଭାରତୀୟମାନଙ୍କୁ ଯେ ସହଯୋଗ ମିଳୁଛି, ସେଥିପାଇଁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ ବିଶ୍ୱର ଉର୍ଜା ଆବଶ୍ୟକତା ଏହି ଅଞ୍ଚଳ ସହ ଜଡିତ ଥିବାରୁ ବର୍ତ୍ତମାନର ସଂଘର୍ଷର ପ୍ରଭାବ ପଡ଼ିଛି। ଭାରତ ନିଜର ଆନ୍ତର୍ଜାତୀୟ ସମ୍ପର୍କ ଦ୍ୱାରା ଏହି ପରିସ୍ଥିତିକୁ ସମ୍ଭାଳୁଛି ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ଏହି ବିଷୟରେ ରାଜନୀତି କରିବାରୁ ବଞ୍ଚିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଏହା ୧୪୦ କୋଟି ଲୋକଙ୍କ ସହ ସମ୍ବନ୍ଧିତ ଏକ ବିଷୟ ଏବଂ ଏଥିରେ ସ୍ୱାର୍ଥପୂର୍ଣ୍ଣ ରାଜନୀତିର କୌଣସି ସ୍ଥାନ ନାହିଁ। ସେ ଗୁଜବ ପ୍ରସାର କରୁଥିବା ଲୋକମାନଙ୍କୁ ଦେଶ ପାଇଁ କ୍ଷତିକାରକ ବୋଲି କହି ନାଗରିକମାନଙ୍କୁ କେବଳ ସରକାରୀ ସୂଚନାରେ ଭରସା କରିବାକୁ ଆହ୍ୱାନ କରିଛନ୍ତି। ପଶ୍ଚିମ ଏସିଆରେ ଚାଲୁଥିବା ସଂଘର୍ଷ ଫଳରେ ବିଶ୍ୱ ଉର୍ଜା ଯୋଗାଣ ପ୍ରଭାବିତ ହେଉଥିବାରୁ ଅନେକ ଦେଶରେ ଇନ୍ଧନ ସଂକଟ ସୃଷ୍ଟି ହୋଇଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଲୋକଙ୍କୁ ଏକଜୁଟ୍ ହୋଇ ରହି ସଙ୍କଟରୁ ବାହାରକୁ ବାହାରିବାକୁ ପଡ଼ିବ । ଏଭଳି ପ୍ରସଙ୍ଗରେ ରାଜନୀତି ନ କରି ମିଶିକି କାମ କରିବାକୁ ହେବ । କୌଣସି ଗୁଜବ ଉପରେ ବିଶ୍ୱାସ କରନ୍ତୁ ନାହିଁ । କେବଳ ସରକାରୀ ତଥ୍ୟ ଉପରେ ବିଶ୍ୱାସ କରନ୍ତୁ । ଭୀଷଣ ଯୁଦ୍ଧ ଯୋଗୁଁ ବର୍ତ୍ତମାନର ସମୟ ଅତ୍ୟନ୍ତ ଚ୍ୟାଲେଞ୍ଜ ଏଥିରେ କୌଣସି



ସନ୍ଦେହ ନାହିଁ । ମୁଁ ନିଶ୍ଚିତ ଯେ ଆମେ ସବୁବେଳେ ଦେଶର ୧୪୦ କୋଟି ନାଗରିକଙ୍କ ସାମୂହିକ ଶକ୍ତି ମାଧ୍ୟମରେ ଅତୀତର ସଙ୍କଟକୁ ଦୂର କରିଆସିଛୁ, ଏଥର ମଧ୍ୟ ଆମେ ଏହି କଠିନ ପରିସ୍ଥିତିକୁ ବଡ଼ ସଫଳତାର ସହିତ ଦୂର କରିବୁ। କରୋନା ସମୟରେ ସଙ୍କଟରୁ ବାହିଥିଲୁ ଏଥିରୁ ବି ମୁକୁଳିବୁ ବୋଲି ମନ୍ କି ବାତରେ ସମ୍ବୋଧନ କହିଛନ୍ତି ପ୍ରଧାନମନ୍ତ୍ରୀ ।

– ପଶ୍ଚିମ ଏସିଆ ଯୁଦ୍ଧ ସଙ୍କଟକୁ ନେଇ ମନ୍ କି ବାତରେ ପ୍ରଧାନମନ୍ତ୍ରୀ କହିଛନ୍ତି,''ଯେଉଁମାନେ ଏହି ପ୍ରସଙ୍ଗକୁ ନେଇ ରାଜନୀତି କରୁଛନ୍ତି ସେମାନେ ଏହା କରିବା ଉଚିତ୍ ନୁହେଁ । ଏହା ୧୪୦ କୋଟି ନାଗରିକଙ୍କ ସ୍ୱାର୍ଥ ସହିତ ଜଡିତ ଏକ ପ୍ରସଙ୍ଗ । ଏଥିରେ ସ୍ୱାର୍ଥପର ରାଜନୀତିର କୌଣସି ସ୍ଥାନ ନାହିଁ। ଯେଉଁମାନେ ଗୁଜବ ପ୍ରଚାର କରୁଛନ୍ତି ସେମାନେ ଦେଶକୁ ବହୁତ କ୍ଷତି ପହଞ୍ଚାଉଛନ୍ତି । ମୁଁ ସମସ୍ତ ଦେଶବାସୀଙ୍କୁ ସଚେତନ ରହିବା ଏବଂ ଗୁଜବ ଦ୍ୱାରା ଭ୍ରମିତ ନ ହେବାକୁ ନିବେଦନ କରୁଛି । ସରକାର ନିରନ୍ତର ସୂଚନା ପ୍ରଦାନ କରୁଛନ୍ତି । ଏଥିରେ ବିଶ୍ୱାସ କରନ୍ତୁ ଏବଂ କେବଳ ଏହା ଉପରେ ଆଧାରିତ ପଦକ୍ଷେପ ନିଅନ୍ତୁ । ଭାରତ ଏହାର ବିଶ୍ୱ ସମ୍ପର୍କ, ବିଭିନ୍ନ ଦେଶରୁ ସହାୟତା ଏବଂ ଗତ ଦଶନ୍ଧି ମଧ୍ୟରେ ଦେଶ ଯେଉଁ କ୍ଷମତା ସୃଷ୍ଟି କରିଛି ସେଥିପାଇଁ ଏହି ଚ୍ୟାଲେଞ୍ଜଗୁଡ଼ିକର ଦୃଢ଼ ମୁକାବିଲା କରୁଛି । ଏହା ନିସନ୍ଦେହ ଯେ ଏକ ଚ୍ୟାଲେଞ୍ଜପୂର୍ଣ୍ଣ ସ୍ଥିତି । ଆଜି, 'ମନ କି ବାତ' ମାଧ୍ୟମରେ, ମୁଁ ପୁଣି ଥରେ ଦେଶବାସୀଙ୍କୁ ଏକତ୍ରିତ ହୋଇ ଏହି ଚ୍ୟାଲେଞ୍ଜର ସାମ୍ନା କରିବାକୁ ଅନୁରୋଧ କରୁଛି ।''

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'ବର୍ତ୍ତମାନ, ଆମ ପଡ଼ ?ଶୀରେ ଗତ ଏକ ମାସ ଧରି ଏକ ଭୟଙ୍କର ଯୁଦ୍ଧ ଚାଲିଛି । ଲକ୍ଷ ଲକ୍ଷ ପରିବାରର ସମ୍ପର୍କୀୟ ଉକ୍ତ ଦେଶରେ ବାସ କରନ୍ତି, ବିଶେଷକରି ଉପସାଗର ଅଞ୍ଚଳରେ କାମ କରୁଛନ୍ତି । ସେଠାରେ ୧ କୋଟିରୁ ଅଧିକ ଭାରତୀୟଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇବା ପାଇଁ ମୁଁ ଉପସାଗର ଦେଶଗୁଡ଼ିକ ପ୍ରତି ବହୁତ କୃତଜ୍ଞ । ଯେଉଁ ଅଞ୍ଚଳରେ ଯୁଦ୍ଧ ଚାଲିଛି ତାହା ଆମର ଶକ୍ତି ଆବଶ୍ୟକତାର ଏକ ପ୍ରମୁଖ କେନ୍ଦ୍ର । ଏହି କାରଣରୁ, ସାରା ବିଶ୍ୱରେ ପେଟ୍ରୋଲ ଏବଂ ଡିଜେଲ ସଙ୍କଟ ସୃଷ୍ଟି ହେଉଛି । କିନ୍ତୁ ଭାରତ ତାର ସାମ୍ନା କରିଛି । ଏହି ମାର୍ଚ୍ଚ ମାସ ବିଶ୍ୱ ସ୍ତରରେ ଅତ୍ୟନ୍ତ ଘଟଣାପୂର୍ଣ୍ଣ ହୋଇଛି । ଅତୀତରେ, ସମଗ୍ର ବିଶ୍ୱ କୋଭିଡ ଯୋଗୁଁ ଦୀର୍ଘ ସମୟ ଧରି ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲା । ଆମେ ସମସ୍ତେ ଆଶା କରିଥିଲୁ ଯେ, କୋଭିଡ ସଙ୍କଟରୁ ବାହାରିବା ପରେ, ବିଶ୍ୱ ଏକ ନୂତନ ଆରମ୍ଭ ସହିତ ପ୍ରଗତି ପଥରେ ଆଗକୁ ବଢ଼ିବ, କିନ୍ତୁ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଯୁଦ୍ଧ ଏବଂ ସଂଘର୍ଷର ପରିସ୍ଥିତି ଦେଖାଦେଇଛି । ସେଥିରୁ ବି ଭାରତ ମୁକୁଳିବ । '

ମନ୍ କି ବାତ୍ ?ରେ କ୍ରିକେଟର ସଫଳତା କଥା କହି ପ୍ରଧାନମନ୍ତ୍ରୀ କହିଛନ୍ତି, 'ଗତ ମାସ ଶେଷରେ, କର୍ଣ୍ଣାଟକରରେ ଏକ ଆକର୍ଷଣୀୟ ମ୍ୟାଚ୍ ଦେଖିବାକୁ ମିଳିଥିଲା, ଯେଉଁଠାରେ ଜମ୍ମୁ ଏବଂ କାଶ୍ମୀର କ୍ରିକେଟ୍ ଦଳ ରଣଜୀ ଟ୍ରଫି ଜିତିଥିଲା । ସବୁଠାରୁ ସନ୍ତୋଷଜନକ ଦିଗ ହେଉଛି ଯେ ସାତ ଦଶନ୍ଧିର ଦୀର୍ଘ ଅପେକ୍ଷା ପରେ, ଏହି ଦଳ ପ୍ରଥମ ରଣଜୀ ଟ୍ରଫି ଟାଇଟଲ ଜିତିଥିଲା । ଏହି ଅଭୂତପୂର୍ବ ସଫଳତା ଖେଳାଳିମାନଙ୍କ ବର୍ଷ ବର୍ଷର ନିରନ୍ତର ପ୍ରୟାସର ପରିଣାମ। ଦଳର ଅଧିନାୟକ ପାରସ ଡୋଗ୍ରା ଅନୁକରଣୀୟ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଆଜି, ରଣଜୀ ସିଜିନରେ ୬୦ ୱିକେଟ୍ ନେଇଥିବା ଯୁବ କାଶ୍ମୀରୀ ବୋଲର ଆକିବ ନବିଙ୍କ ପ୍ରଦର୍ଶନକୁ ନେଇ ସାରା ଦେଶରେ ଆଲୋଚନା ହେଉଛି । ସେହିପରିଚାଳିତ ମାସ ସାରା ଦେଶର କ୍ରିକେଟ୍ ପ୍ରେମୀଙ୍କ ପାଇଁ ବହୁତ ଉତ୍ସାହଜନକ ହୋଇଛି । ଟି-୨୦ ବିଶ୍ୱକପରେ ଭାରତର ଐତିହାସିକ ବିଜୟ ଦେଶ ସାରା ଆନନ୍ଦ ଆଣିଦେଇଛି । ଆମ ଦଳର ଅନୁକରଣୀୟ ସଫଳତା ପାଇଁ ଆମେ ସମସ୍ତେ ଗର୍ବିତ। '

# କେନ୍ଦୁଝରରେ ବିଜେଡ଼ିକୁ ଝଟକା

କେନ୍ଦୁଝର, ୨୯।୩(ମହାଭାରତ): ପୁଣି ଥରେ ବିଜୁ ଜନତା ଦଳକୁ ଶକ୍ତ ଝଟକା ଲାଗିଛି । କେନ୍ଦୁଝରରେ ଜଣେ ପୌର ଉପାଧ୍ୟକ୍ଷ ଓ ୮ ଜଣ କାଉନସିଲର୍ ଇସ୍ତଫା ଦେଇଛନ୍ତି । ଏହା ସହିତ ୩ ଜଣ ସାଧାରଣ ସମ୍ପାଦକ ଦଳର ପ୍ରାଥମିକ ସଦସ୍ୟତା ପଦରୁ ରବିବାର ଇସ୍ତଫା ଦେଇଛନ୍ତି ।

## ଜଣେ ପୌର ଉପାଧ୍ୟକ୍ଷ ଓ ୮ କାଉନସିଲରଙ୍କ ଇସ୍ତଫା

ପୌର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ୧ ନଂ ୱାର୍ଡ କାଉନସିଲର ସନତ କୁମାର ସାହୁ, ୭ ନଂ ୱାର୍ଡ କାଉନସିଲର ଅବିନାଶ ମିଶ୍ର, ୮ ନଂ ୱାର୍ଡ କାଉନସିଲର ଦୟାନିଧି ପାତ୍ର, ୧୦ ନଂ ୱାର୍ଡ କାଉନସିଲର ପଦ୍ମିନୀ ପାତ୍ର, ୧୨ ନଂ ୱାର୍ଡ କାଉନସିଲର କରୁଣାକର ମାଝୀ, ୧୫ ନଂ ୱାର୍ଡ କାଉନସିଲର ଭଗବାନ ନାଏକ, ୧୬ ନଂ ୱାର୍ଡ କାଉନସିଲର ସବିତା ପଟ୍ଟନାୟକ ଏବଂ ୨୧ ନଂ ୱାର୍ଡ କାଉନସିଲର ହେମନ୍ତ କୁମାର ପତି । ସେହିପରି ତିନି ଜଣ ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକ, ସନତ କୁମାର ସାହୁ ଏବଂ ବରଦା ପ୍ରସନ୍ନ ଦାସ ଦଳର ପ୍ରାଥମିକ ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି । ସେମାନେ ବ୍ୟକ୍ତିଗତ କାରଣ ଦର୍ଶାଇ ସାମୂହିକ ଇସ୍ତଫା ପତ୍ର ଦଳର ସୁପ୍ରିମୋଙ୍କ ନିକଟକୁ ପଠାଇ ଦେଇଛନ୍ତି । ଇସ୍ତଫା ଦେଇଥିବା କର୍ମୀ ଖୁବଶୀଘ୍ର ଭାରତୀୟ ଜନତା ପାର୍ଟୀରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

# ଜେଲ୍ ଶୌଚାଳୟରୁ ମିଳିଲା ବିଚାରାଧୀନ କଏଦୀଙ୍କ ମୃତଦେହ

ପୁରୀ, ୨୯।୩(ମହାଭାରତ): ରାମଚଣ୍ଡୀ ଥାନା ଅରନ୍ତଗତ ବାରଙ୍ଗସ୍ଥିତ ପୁରୀ ଜେଲରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପୁରୀ ଜେଲ୍‌ରେ ଥିବା ଜଣେ ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି।ମୃତ କଏଦୀ ହେଉଛନ୍ତି ସାକ୍ଷୀଗୋପାଳ ଡାହାଣ କୁମ୍ଭାରପଡ଼ାର ଦୀପ୍ତିରଞ୍ଜନ ସ୍ୱାଇଁ। ଶୌଚାଳୟରୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ତେବେ ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି କି ଜେଲ୍ ମଧ୍ୟରେ ଦୀପ୍ତିଙ୍କୁ କେହି ହତ୍ୟା କରିଛନ୍ତି।

# ଟିଏମସିର ଜନବିରୋଧୀ ନୀତିରୁ ମୁକ୍ତି ପାଇବା ପାଇଁ ପଶ୍ଚିମବଙ୍ଗର ପ୍ରତିଟି ନାଗରିକ ସଂକଳ୍ପବଦ୍ଧ : ଧର୍ମେନ୍ଦ୍ର

ନନ୍ଦୀଗ୍ରାମ/ପଶ୍ଚିମବଙ୍ଗ/ଭୁବନେଶ୍ୱର, ୨୯।୩(ମହାଭାରତ): – କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଗସ୍ତ କରି ବିଜେପିର ବରିଷ୍ଠ ନେତା ତଥା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନିର୍ବାଚନମଣ୍ଡଳୀରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ପ୍ରଚାର କରିଛନ୍ତି । ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ନନ୍ଦିଗ୍ରାମ କେବଳ ଏକ ଭୌଗୋଳିକ କ୍ଷେତ୍ର ନୁହେଁ, ବରଂ ଏହା ଏକ ପରିବର୍ତ୍ତନର ଚେତନାର ପ୍ରତୀକ । ବିଗତ ପ୍ରାୟ ୨୦ ବର୍ଷ ଧରି ନନ୍ଦୀଗ୍ରାମ ସହ ତାଙ୍କର ଏକ ଗଭୀର ଆଧ୍ୟାତ୍ମିକ ଓ ବ୍ୟକ୍ତିଗତ ସମ୍ପର୍କ ରହିଆସିଛି । ନନ୍ଦୀଗ୍ରାମର ମାଟି ବଙ୍ଗୀୟ ଅସ୍ମିତା ଏବଂ ସାହସର ପରିଚୟ ଦେଇଛି, ଯାହା ସମଗ୍ର ପଶ୍ଚିମବଙ୍ଗର ରାଜନୀତିକୁ ଦିଗଦର୍ଶନ ଦେଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ପଶ୍ଚିମବଙ୍ଗର ଜନସାଧାରଣ ବର୍ତ୍ତମାନର ଅନ୍ୟାୟ, ଦୁର୍ନୀତି ଏବଂ ତୁଷ୍ଟୀକରଣ ରାଜନୀତିରେ ଅତିଷ୍ଠ ହୋଇପଡ଼ିଛନ୍ତି । ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରର ଜନବିରୋଧୀ ନୀତିରୁ ମୁକ୍ତି ପାଇବା ପାଇଁ ବଙ୍ଗଳାର ପ୍ରତିଟି ନାଗରିକ ଏବେ ସଂକଳ୍ପବଦ୍ଧ ।



ସେଥିପାଇଁ ଆଜି ସାରା ରାଜ୍ୟରେ ପରିବର୍ତ୍ତନ କେବଳ ଏକ ସ୍ଲୋଗାନ ହୋଇ ରହିନାହିଁ, ବରଂ ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ।ନନ୍ଦୀଗ୍ରାମରେ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଥିବା ଅଦମ୍ୟ ଉତ୍ସାହ, ଅନୁଶାସନ ଏବଂ ସମର୍ପଣ ଭାବକୁ ପ୍ରଶଂସା କରି ସେ କହିଛନ୍ତି ଯେ, ଏଠାକାର ଜନତାଙ୍କ ଅକୁଣ୍ଠ ସମର୍ଥନ ପୁଣି ଥରେ ପଦ୍ମ ଫୁଟାଇବା ପାଇଁ ସ୍ପଷ୍ଟ ସଙ୍କେତ ଦେଉଛି । ପଶ୍ଚିମବଙ୍ଗରେ ପରିବର୍ତ୍ତନ ହେବ ଏବଂ ଏକ ନୂତନ ବିକଶିତ ବଙ୍ଗଳାର ନିର୍ମାଣ ହେବାର ସମୟ ଉପନୀତ ହୋଇଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।ଏହି ପ୍ରଚାର କାଳରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ଅନ୍ନ ପ୍ରସାଦ ବିତରଣ କରିଥିଲେ ।

# ବିଜେଡି ନର୍ଲା ବିଧାୟିକାଙ୍କ ସରକାରୀ କ୍ୱାର୍ଟରରେ ପୋଲିସର ଚଢ଼ାଉ

ଭୁବନେଶ୍ୱର, ୨୯।୩(ମହାଭାରତ): ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ଭୁବନେଶ୍ୱର ସରକାରୀ ବାସଭବନରେ କେସିଙ୍ଗା ପୋଲିସ ଚଢାଉ କରିଛି । ବିଧାୟିକାଙ୍କ ସ୍ୱାମୀ ତଥା ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଓରଫ ମୁନା ମହାନ୍ତି ସ୍ଥାନୀୟ ତହସିଲଦାର ବିଭୁ ପ୍ରସାଦଙ୍କୁ ଫୋନରେ ହତ୍ୟା ଧମକ ଦେବା ଅଭିଯୋଗରେ ଚଢ଼ାଉ କରିଛି ପୁଲିସ। ଗତ ଫେବୃଆରୀ ୧୫ତାରିଖରେ କେସିଙ୍ଗା ଥାନାରେ ଅଭିଯୋଗ କରିଥିଲେ ତହସିଲଦାର। ଆଜି ସକାଳୁ କେସିଙ୍ଗା ପୁଲିସର ଏକ ଟିମ ମନୋରମାଙ୍କ ସରକାରୀ ବାସଭବନରେ ଚଢ଼ାଉ କରିଥିଲେ ହେଁ ବିଧାୟିକା କିମ୍ବା ତାଙ୍କ ସ୍ୱାମୀଙ୍କୁ ପାଇନଥିଲେ। ଏହି ଘଟଣାକୁ ନେଇ ବିଜେଡି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାପତି ଇପ୍ସିତା ସାହୁ, ମନ୍ମଥ ରାଉତରାୟଙ୍କ ସମେତ ଅନ୍ୟ ବିଜେଡି ନେତା ଉପସ୍ଥିତ ରହି ଏ ଘଟଣାକୁ ବିରୋଧ କରିଛନ୍ତି। କାହିଁକି କେସିଙ୍ଗା ପୁଲିସ ବିନା ୱାରେଣ୍ଟରେ ବିଧାୟିକାଙ୍କ ଘରେ ଚଢ଼ାଉ କଲା, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କଳାହାଣ୍ଡି ଏସପି ପ୍ରତିକ୍ରିୟା ରଖି କହିଛନ୍ତି, ବିଧାୟିକାଙ୍କ ଘରକୁ ନୋଟିସ୍ ଦେବାକୁ ଯାଇଥିଲା ପୁଲିସ । କମିଶନରେଟ୍ ପୁଲିସ ସହାୟତାରେ ଏହି ନୋଟିସ୍ ଦିଆଯାଇଛି । 'ଗିରଫଦାରୀ କିମ୍ବା କୌଣସି ରେଡ୍ ପାଇଁ ପୁଲିସ ଯାଇନଥିଲା । ତେଣୁ ବାଚସ୍ପତି ସୁରମା ପାଢୀଙ୍କୁ ଅବଗତ କରାଯାଇନାହିଁ ବୋଲି କଳାହାଣ୍ଡି ଏସପି କହିଛନ୍ତି ।

# ତେହରାନରେ ଶକ୍ତିଶାଳୀ ବିସ୍ଫୋରଣ, ଇରାକର କୁର୍ଦ୍ଦ ଅଂଚଳରେ ହମ୍‌ଲା

ତେହେରାନ/ବାଗଦାଦ, ୨୯।୩(ମହାଭାରତ): ଇରାନର ରାଜଧାନୀ ତେହେରାନରେ ଆଜି ସକାଳେ ଏକାଧିକ ବିସ୍ଫୋରଣ ଘଟିଛି। ଇରାନର ଫାର୍ସ ନ୍ୟୁଜ୍ ଏଜେନ୍ସି ଏହି ସୂଚନା ଦେଇଛି। ଅନ୍ୟପଟେ, ଇରାକର କୁର୍ଦ୍ଦ ଅଞ୍ଚଳରେ ଆକ୍ରମଣ ବୃଦ୍ଧି ପାଇଥିବାରୁ ଚିନ୍ତା ବଢ଼ିଛି। ଆମେରିକା-ଇସ୍ରାଇଲ ଓ ଇରାନ ମଧ୍ୟରେ ଚାଲୁଥିବା ଏହି ସଂଘର୍ଷରେ, ଇରାକରେ ଥିବା ଅସ୍ତ୍ରଧାରୀ ଗ୍ରୁପ 'ସରାୟା ଔଲିଆ ଅଲ-ଦାମ' ଆମେରିକୀୟ ସ୍ୱାର୍ଥ ଉପରେ ଆକ୍ରମଣ କରିଛି।



ଅଲ୍ ଜଜିରା ଚ୍ୟାନେଲର ଖବର ଅନୁଯାୟୀ, ଫାର୍ସ ଜଣାଇଛି ଯେ ଆଜି ସକାଳ ପ୍ରାୟ ୭:୨୦ ବେଳେ ଉତ୍ତର ତେହେରାନରେ ଦୁଇଟି ଜୋରଦାର ବିସ୍ଫୋରଣ ଘଟିଥିଲା। ତଥାପି, ଏହାର ଲକ୍ଷ୍ୟ କିଏ ଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ, ଇରାକରେ ବିଶେଷ କରି ସ୍ୱାୟତ୍ତ କୁର୍ଦ୍ଦ ଅଞ୍ଚଳରେ ଆକ୍ରମଣ ହଠାତ୍ ବଢ଼ିଯାଇଛି। ଦୁହୋକରେ କୁର୍ଦ୍ଦ ଅଞ୍ଚଳର ରାଷ୍ଟ୍ରପତି ନେଚିରଭାନ ବରଜାନିଙ୍କ ଘରକୁ ଲକ୍ଷ୍ୟ କରି ଅନେକ ପ୍ରୟାସ ହୋଇଛି। ଗୋଟିଏ ବିବୃତିରେ, ବରଜାନି ବାଗଦାଦର କେନ୍ଦ୍ର ସରକାରକୁ ଏହି ଆକ୍ରମଣଗୁଡ଼ିକ ବିରୋଧରେ କଠୋର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।ଇରାକରେ ଥିବା ଅସ୍ତ୍ରଧାରୀ ଗ୍ରୁପ 'ସରାୟା ଔଲିଆ ଅଲ-ଦାମ' ଗୋଟିଏ ବିଜ୍ଞପ୍ତି ଜାରି କରିଛି। ଏହି ଗ୍ରୁପର ଇରାନ ସହ ସମ୍ପର୍କ ରହିଛି। ଗ୍ରୁପ ଦାବି କରିଛି ଯେ ଗତ ୨୪ ଘଣ୍ଟାରେ ସେ ଆମେରିକୀୟ ସ୍ୱାର୍ଥ ସହ ସମ୍ପୃକ୍ତ କମ୍ ସେ କମ୍ ଛଅଟି ଅଞ୍ଚଳକୁ ଲକ୍ଷ୍ୟ କରିଛି। ଏହି ଗ୍ରୁପ କୋୟା ଜିଲ୍ଲାରେ ବିସ୍ଥାପିତମାନଙ୍କ ଶିବିର ଓ ହରୀରରେ ଆମେରିକାର ସେନା ଘାଟି ଉପରେ ଆକ୍ରମଣ କରିଛି। ଏହା ସହିତ, ଏରବିଲରେ ଆମେରିକୀୟ ଦୂତାବାସ ଉପରେ ଡ୍ରୋନ ଆକ୍ରମଣ କରିବାକୁ ମଧ୍ୟ ପ୍ରୟାସ କରାଯାଇଥିଲା, ଯାହାକୁ ଆମେରିକୀୟ ଆକାଶ ସୁରକ୍ଷା ପ୍ରଣାଳୀ ବିଫଳ କରିଦେଇଥିଲା। ଏହି ମଧ୍ୟରେ ବାଗଦାଦରେ ମଧ୍ୟ କିଛି ସମୟ ପୂର୍ବରୁ ଆକାଶରେ ଜୋରଦାର ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଛି।ଉଲ୍ଲେଖନୀୟ ଯେ 'ସରାୟା ଔଲିଆ ଅଲ-ଦାମ' ଇରାକରେ ଅବସ୍ଥିତ ଇରାନ ସମର୍ଥିତ ଶିଆ ମିଲିସିଆ ଗ୍ରୁପ। ଏହି ଗ୍ରୁପ ଉତ୍ତର ଇରାକ, ବିଶେଷତଃ ଏରବିଲରେ ଆମେରିକୀୟ ଘାଟି ଉପରେ ଡ୍ରୋନ ଓ ରକେଟ ଆକ୍ରମଣ ପାଇଁ ଦାୟୀ। ଏହା ମୁଖ୍ୟତଃ ଅୟାତୁଲ୍ଲା ଅଲି ଖାମେନେଇଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଇରାନର ସାମରିକ କାର୍ଯ୍ୟରେ ସହଭାଗୀ ହେଉଛି। ଏହାକୁ 'ଆସାଇବ ଅହଲ ଅଲ-ହକ' ମିଲିଶିଆ ସହ ଜଡିତ ଏକ ଫ୍ରଣ୍ଟ ଗ୍ରୁପ ଭାବେ ମନାଯାଏ। ଏହା 'ଇସ୍ଲାମିକ ରେଜିଷ୍ଟାନ୍ସ ଇନ୍ ଇରାକ'ର ଅଂଶ ଅଟେ ଏବଂ ନିଜକୁ ଇରାକୀ ପ୍ରତିରୋଧର ଅଂଶ ଭାବେ ପ୍ରସ୍ତୁତ କରି ଇରାନ ବିରୋଧରେ ଇସ୍ରାଇଲ-ଆମେରିକା ଯୁଦ୍ଧର ପ୍ରତିକ୍ରିୟାରେ ସକ୍ରିୟ ରହିଛି।

# 'ମନ୍ କୀ ବାତ୍' ଦୁଇ ଓଡ଼ିଆଙ୍କୁ ପ୍ରଶଂସା

ଭୁବନେଶ୍ୱର, ୨୯।୩(ମହାଭାରତ.): ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଶଂସିତ ହୋଇଛନ୍ତି ଦୁଇ ଜଣ ଓଡ଼ିଆ । କେନ୍ଦ୍ରାପଡ଼ାର ଓମ୍ ପ୍ରକାଶ ରଥ ଓ ସମ୍ବଲପୁର ଜିଲ୍ଲାର ସୁଜାତା ଭୂୟାଁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ମହିଳାଙ୍କୁ ସଶକ୍ତିକରଣ କରିବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ପାଇଁ ପ୍ରଶଂସିତ ହୋଇଛନ୍ତି ।

ସମ୍ବଲପୁର ମୁଦିପଡା ଏଲଆଇସି କଲୋନୀର ସିକନ୍ଦର ଭୂୟାଁଙ୍କ ସ୍ତ୍ରୀ ସୁଜାତା ଭୂୟାଁ ଜଣେ ସଫଳ ମହିଳା ଉଦ୍ୟୋଗୀ ମାଛ ଚାଷୀ । ସିଏ ଲକ୍ଷ ଲକ୍ଷ ମହିଳାଙ୍କ ପାଇଁ ଜଣେ ପ୍ରେରଣାର ଉତ୍ସ । ସୁଜାତା ହୀରାକୁଦ ଜଳଭଣ୍ଡାରରେ 'କେଜ୍ କଲଚର'ମାଧ୍ୟମରେ ମାଛ ଚାଷ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି । ୨୦୨୨ ମସିହାରେ ବୈଜ୍ଞାନିକ ଜ୍ଞାନ କୌଶଳ ମାଧ୍ୟମରେ ହୀରାକୁଦ ଡ୍ୟାମ ପାଣିରେ ମଧୁର ଚାଷ କରନ୍ତି । ସୁଜାତା କହିଛନ୍ତି ଯେ ଦିନେ ସ୍ୱାମୀଙ୍କ ସହିତ ହୀରାକୁଦ ରିଜର୍ଭରକୁ ବୁଲିବାକୁ ଯାଇଥିଲେ କ୍ଷ ସେଠାରେ ମାଛ ଚାଷ ହେଉଥିବା ଦେଖି ମତ୍ସ୍ୟ ବିଭାଗକୁ ଯୋଗାଯୋଗ କରିଥିଲେ କ୍ଷ ପରେ ମତ୍ସ୍ୟ ବିଭାଗ ପକ୍ଷରୁ ତାଲିମ ନେଇ ମାଛ ଚାଷ ଆରମ୍ଭ କରିଥିଲେ କ୍ଷ ବ୍ୟାଙ୍କରୁ ଋଣ ଆଣି ଚାଷ ଆରମ୍ଭ କରିଥିଲେ । କେଜ୍ କଲଚର ମାଧ୍ୟମରେ ସେ ରୋଜଗାରକ୍ଷମ ହେବା ସହିତ ୧୫ ଜଣଙ୍କୁ ରୋଜଗାର ମଧ୍ୟ ଦେଇଛନ୍ତି । ୩ଟି କେଜରେ ସେ ୫୪ ଲକ୍ଷ ଟଙ୍କା ନିବେଶ କରିବା ସହ ବର୍ଷକୁ ଗୋଟିଏ କେଜରେ ୨୫ରୁ ୩୦ ଟନ୍ ମାଛ ଉତ୍ପାଦନ କରିପାରୁଛନ୍ତି । ପ୍ରାୟ ୫ରୁ ୬ ଲକ୍ଷ ରୋଜଗାର କରୁଛନ୍ତି । ସେଥିରୁ ଉତ୍ପାଦିତ ହେଉଥିବା ମାଛ ସବୁ ପଡ଼ଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ , ଛତିଶଗଡ ଓ ପଶ୍ଚିମବଙ୍ଗକୁ ରପ୍ତାନୀ ହେଉଛି । ଏଥିରେ ତାଙ୍କ ପରିବାର ସମସ୍ତ ସଦସ୍ୟଙ୍କ ପୂର୍ଣ୍ଣ ସହଯୋଗ ରହିଛି ।



ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପରେ ସୁଜାତା ବେଶ ଖୁସି ଅଛନ୍ତି । ସେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ତାଙ୍କ ନାଁ ନେଇ ଥିବାରୁ ସେ ବହୁ ଖୁସି ଅଛନ୍ତି । ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ଓ ମତ୍ସ୍ୟ ବିଭାଗକୁ ଧନ୍ୟବାଦ ଦେଇଛନ୍ତି । ସରକାରୀ ସ୍ତରରେ ଲୋନ ଏବଂ ମତ୍ସ୍ୟ ବିଭାଗ ପକ୍ଷରୁ ସହାୟତା ମିଳି ଥିବାରୁ ଆଜି ସେ ସଫଳ ହୋଇ ପାରିଛନ୍ତି ବୋଲି କହିଛନ୍ତି ।

କେନ୍ଦ୍ରାପଡାର ଯୁବକ ଓମ୍ ପ୍ରକାଶ ମହିଳା ସଶକ୍ତିକରଣ କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିବାରୁ ତାଙ୍କର ବିଚାରଧାରାକୁ ମୋଦୀ ସ୍ୱାଗତ କରିଛନ୍ତି । କେନ୍ଦ୍ର ସରକାରଙ୍କ 'ମାଇଁ ଭାରତ ବଜେଟ୍ କ୍ୱେଷ୍ଟ' ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରାୟ ୧୨ ଲକ୍ଷ ଯୁବପିଢ଼ିଙ୍କ ମଧ୍ୟରୁ; 'ଓମେନ୍ ଲେଡ୍ ଡେଭଲପମେଣ୍ଟ୍' (ଡକ୍ଟଙ୍କରଭ-କ୍ଷରୟ ଊରଙ୍ଗରକ୍ଷକ୍ଟକ୍ଟଙ୍କରଭଣ୍ଡ) ବା ମହିଳାଙ୍କ ନେତୃତ୍ୱରେ ବିକାଶ ସମ୍ପର୍କିତ ନିବନ୍ଧରେ ନିଜର ଉଚ୍ଚକୋଟିର ମତାମତ ରଖିଥିଲେ । ଓମ ପ୍ରକାଶ କେନ୍ଦ୍ରାପଡା ଜିଲ୍ଲା ଚାନ୍ଦୋଳ ସ୍ଥିତ ହୃଦାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଯୁକ୍ତ ତିନିର ପ୍ରଥମ ବର୍ଷର ଛାତ୍ର। ତାଙ୍କ ନିଜସ୍ୱ ଘର ନିକଟସ୍ଥ ନିଶ୍ଚନ୍ତକୋଇଲିର ଗୋପପୁର ଗ୍ରାମରେ । ପିତା ଅଜୟ କୁମାର ରଥ ଜଣେ ଶିକ୍ଷକ, ମା ନିରୁପମା ପଣ୍ଡା ଜଣେ ଅଙ୍ଗନବାଡି ଶିକ୍ଷୟିତ୍ରୀ । ଛୋଟବେଳୁ ଓମଙ୍କର ପଢା ପ୍ରତି ଯେତିକି ଆଗ୍ରହ ଥିଲା, ସାମାଜିକ ଦାଇତ୍ୱବୋଧ, ବକ୍ତୃତା ପ୍ରତିଯୋଗିତାରେ ଅଧିକ ଆଗ୍ରହ ଥିଲା। ତେବେ ମନ୍ କି ବାତ୍ ରେ ସ୍ଥାନ ପାଇବାପରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଣାମ ଜଣାଇବା ସହ ଧନ୍ୟବାଦ ଜଣାଇଛନ୍ତି ଓମ୍ ଏବଂ ପରିବାର ବର୍ଗ। ଓମ୍ ନିଜ ଜିଲ୍ଲାର ଜିଲ୍ଲାପାଳ, ଶିକ୍ଷାନୁଷ୍ଠାନ, ପିତାମାତାଙ୍କୁ ଧନ୍ୟବାଦ ଦେଇଛନ୍ତି ।

# ଆରଆଇଙ୍କୁ ମାଡିବସିଲା ଭିଜିଲାନ୍ସ

ଭୁବନେଶ୍ୱର, ୨୯।୩(ମହାଭାରତ.): ମ୍ୟୁଟେସନ୍ ମାମଲାରେ ଜମି ପରିବର୍ତ୍ତନ ସଂପର୍କିତ ଏକ ଅନୁକୂଳ ରିପୋର୍ଟ ପ୍ରଦାନ କରିବା ପାଇଁ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ କଟକଜିଲ୍ଲା ଚୌଦ୍ୱାର ତହସିଲ ଅଧୀନ ମଙ୍ଗରାଜପୁରର ରାଜସ୍ୱ ନିରୀକ୍ଷକ ରାଜାରାମ ବାନ୍ଦ୍ରା ଓଡ଼ିଶା ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଶ୍ରୀ ବାନ୍ଦ୍ରା ଜଣେ ଜମି ମାଲିକଙ୍କ ଠାରୁ

## ଅନ୍‌ଲାଇନ୍‌ରେ ଆବେଦନ କଲେ ବି ଯୋଗାଯୋଗ କରି ଲାଞ୍ଚ ମାଗୁଛନ୍ତି



ତାଙ୍କ ପତିତ ଜମିକୁ ହୋମଷ୍ଟେଡ୍ ଜମିରେ ପରିବର୍ତ୍ତନ କରିବା ପାଇଁ ୩୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ପୂର୍ବରୁ ଦାବି କରିଥିବା ଟଙ୍କା ଆଜି ଗ୍ରହଣ କରୁଥିବା ଭିଜିଲାନ୍ସ ବିଭାଗ ଅତର୍କିତ ଚଢ଼ଉ କରିଥିଲା।

ଭିଜିଲାନ୍ସ ବିଭାଗର ସୂଚନା ଅନୁସାରେ ଜମି ମାଲିକ ଗତ ୧୦ ତାରିଖ ଦିନ ରାଜସ୍ୱ ବିଭାଗର ନିର୍ଦ୍ଦେଶାବଳୀ ଅନୁସାରେ ଅନ୍‌ଲାଇନରେ ଏକ ଆବେଦନ କରିଥିଲେ। କିନ୍ତୁ ଅଭିଯୁକ୍ତ ଆରଆଇ ଶ୍ରୀ ବାନ୍ଦ୍ରା ଜମି ମାଲିକଙ୍କ ସହିତ ଯୋଗାଯୋଗ କରି ତାଙ୍କୁ ୩୦,୦୦୦ ଟଙ୍କା ଲାଞ୍ଚ ଦାବି କରି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଆସିବାକୁ କହିଥିଲେ। ଶ୍ରୀ ବାନ୍ଦ୍ରା ଜମି ମାଲିକଙ୍କୁ କହିଥିଲେ, ଯଦି ତାଙ୍କୁ ୩୦,୦୦୦ ଟଙ୍କା ଲାଞ୍ଚ ନଦିଆଯାଏ, ତେବେ ସେ ତାଙ୍କ ଦ୍ୱାରା ଦାୟର କରାଯାଇଥିବା ମ୍ୟୁଟେସନ୍ ମାମଲାରେ ଅନୁକୂଳ ରିପୋର୍ଟ ପ୍ରଦାନ କରିପାରିବେ ନାହିଁ। ଶ୍ରୀ ବାନ୍ଦ୍ରାଙ୍କ ଏହି କଥା ଜମି ମାଲିକଙ୍କୁ ବିରକ୍ତ କରିଥିଲା। ସେ ଅନ୍ୟ କୌଣସି ଉପାୟ ନପାଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ସବୁ କଥା ଅବଗତ କରିଥିଲେ।

ପୂର୍ବ ଯୋଜନା ଅନୁସାରେ ଆଜି ଭିଜିଲାନ୍ସର ଏକ ଦଳ ଶ୍ରୀ ବାନ୍ଦ୍ରାଙ୍କ କାର୍ଯ୍ୟାଳୟରେ ଜମି ମାଲିକଙ୍କଠାରୁ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଅତର୍କିତ ଚଢ଼ଉ କରିଥିଲା। ଅଭିଯୁକ୍ତ ଶ୍ରୀ ବାନ୍ଦ୍ରାଙ୍କ କବଜାରୁ ଲାଞ୍ଚର ୩୦,୦୦୦ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି। ଡିଏ ମାମଲା ଦୃଷ୍ଟିକୋଣରୁ ଶ୍ରୀ ବାନ୍ଦ୍ରାଙ୍କ ଦୁଇଟି ସ୍ଥାନରେ ଏକକାଳୀନ ଯାଞ୍ଚ ଚାଲିଛି।

# 'ମଲାଇ ମଶରୁମ୍'

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ। କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ। 'ମଲାଇ ମଶରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।



## ଖବର

# ଖୁବଶୀଘ୍ର ରିଲିଜ୍ ହୋଇପାରେ 'କକଟେଲ ୨'ଫିଲ୍ମ, ଭିଓ ଲୁକରେ ନଜର ଆସିବେ ଅଭିନେତ୍ରୀ କୃତି ସାନନ୍



ଖୁବଶୀଘ୍ର ଆଗାମୀ ଫିଲ୍ମ 'କକଟେଲ ୨'ରେ ନଜର ଆସିବେ ବଲିଉଡ ଅଭିନେତ୍ରୀ କୃତି ସାନନ୍ । ଏହି ଫିଲ୍ମରେ ଅଭିନେତ୍ରୀଙ୍କୁ ଏକ ଭିଓ ଅବତାରରେ ଦେଖିବାକୁ ପାଇବେ ଦର୍ଶକ ।ବଲିଉଡ ଅଭିନେତ୍ରୀ କୃତି ସାନନଙ୍କ ଆଗାମୀ ଫିଲ୍ମ 'କକଟେଲ ୨'କୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି ।ଏହି ଫିଲ୍ମରେ ତାଙ୍କୁ ବୋଲ୍ଡ଼ ଚରିତ୍ରରେ ଦେଖିବାକୁ ମିଳିବ ବୋଲି ସେ ପ୍ରକାଶ କହିଛନ୍ତି । ହୋମୀ ଅଦଜାନିୟାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଫ୍ରେସ୍ କାଷ୍ଟ ଏବଂ ମର୍ଡନ୍ ରୋମାନ୍ସର ଝଲକ ଦେଖିବାକୁ ମିଳିବ । ଯାହାକୁ ନେଇ ଫ୍ୟାନ୍ସ ମଧ୍ୟରେ ଉତ୍ସାହ ବଢିଛି । ଲୁକ୍ ଏବଂ ଫିଲ୍ମର ଚରିତ୍ର ସମ୍ପର୍କରେ ସେ ଏକ ଇଣ୍ଟରଭ୍ୟୁରେ ପ୍ରକାଶ କରିଛନ୍ତି । ଏହି ଫିଲ୍ମରେ ତାଙ୍କ ଚରିତ୍ର ଷ୍ଟାଇଲିସ୍, ଆତ୍ମ ବିଶ୍ୱାସ ଏବଂ ଫ୍ୟାଶନର । କିନ୍ତୁ ସ୍କ୍ରିନ୍ ଉପରେ ଦେଖିବାକୁ ମିଳିନାହିଁ । ହୋମୀ ଅଦଜାନିୟାଙ୍କ ସହିତ କାମ କରିବା ନିଜର ସ୍କ୍ରିନିଂ ପର୍ସନାଲିଟିକୁ ବଢାଇବାର ସୁଯୋଗ ପାଇପାରିଛନ୍ତି ବୋଲି ମଧ ସେ କହିଛନ୍ତି ।ଏହା ମଧ ଆପଣଙ୍କୁ ଜଣାଇ ରଖୁଛୁ ଯେ, ଏହି ଫିଲ୍ମରେ ଶାହିଦ କପୁର ଏବଂ ରଶ୍ମିକା ମନ୍ଦାନା ମୁଖ୍ୟ ଭୂମିକାରେ ନଜର ଆସିବେ । ଏହି ଫିଲ୍ମଟି ନୂଆ କାହାଣୀ ଏବଂ ଚରିତ୍ର ସହିତ ଉପସ୍ଥାପିତ ହେବ। ଏହି ଫିଲ୍ମଟି ୨୦୨୬ ମସିହା ଜୁନ୍ ମାସରେ ରିଲିଜ୍ ହେବାର ଯୋଜନା ରହିଛି।

# ସାରନାଥର 'ଧର୍ମଚକ୍ର'

ସାରନାଥଠାରେ ଅଶୋକ ଚକ୍ର 'ସିଂହ ସ୍ତମ୍ଭ' ଭାରତୀୟ ସଂଘରାଜ୍ୟର ପ୍ରତୀକ ଅଟେ। ଏଥିରେ ବେଦବାକ୍ୟ 'ସତ୍ୟମେବ ଜୟତେ' ଲିଖିତ ହୋଇଛି। ଏଠାରେ ଚାରୋଟି ଚକ୍ର ରହିଛି। ଚାରି ଚକ୍ରରେ ଚାରୋଟି ସିଂହ ଧାବମାନ ସଦୃଶ ଦୃଶ୍ୟମାନ ହେଉଛନ୍ତି। ବୌଦ୍ଧ ଧର୍ମାବଲମ୍ବୀମାନେ ଏହି ଚକ୍ରକୁ 'ଜ୍ଞାନ ଚକ୍ର' ଭାବେ କହୁଥିବା ବେଳେ ସମ୍ରାଟ୍ ଅଶୋକ ଏହାକୁ 'ଧର୍ମଚକ୍ର' କହିଥାନ୍ତି।

କାଶୀଠାରୁ ସାତ ମାଇଲ ଦୂର ପୂର୍ବରେ ବୌଦ୍ଧଧର୍ମର ପ୍ରାଚୀନ ତୀର୍ଥ ସାରନାଥ ଅବସ୍ଥିତ। ଜ୍ଞାନ ପ୍ରାପ୍ତି ପରେ ଭଗବାନ ବୁଦ୍ଧ ତାଙ୍କ ଭକ୍ତମାନଙ୍କୁ ଏହିଠାରେ ପ୍ରାରମ୍ଭିକ ଉପଦେଶ ପ୍ରଦାନ କରିଥିଲେ। ଏଠାରେ ସାରଙ୍ଗନାଥ ମହାଦେବଙ୍କ ମନ୍ଦିର ବିଦ୍ୟମାନ। ସାରନାଥଠାରେ ଅଶୋକଙ୍କ ଚତୁର୍ମୁଖ ସିଂହସ୍ତମ୍ଭ, ଭଗବାନ ବୁଦ୍ଧଙ୍କ ମନ୍ଦିର, ଧର୍ମେଖ ସ୍ତୁପ, ଚୌଖଣ୍ଡୀ ସ୍ତୁପ, ରାଜକୀୟ ସଂଗ୍ରହାଳୟ, ଜୈନ ମନ୍ଦିର, ଚୀନୀ ମନ୍ଦିର ପ୍ରଭୃତି ଅବସ୍ଥିତ। ଏହି ସ୍ଥାନର ପ୍ରାଚୀନ ନାମ ଥିଲା ଋଷିପତନ କିମ୍ବା ମୃଗଦାବ (ହରିଣଙ୍କ ଜଙ୍ଗଲ)। ଏହିଠାରେ ଋଷିମାନଙ୍କ ପତନ ପରେ ମୃଗମାନେ ବିଚରଣ କରୁଥିବା ଆଧାରରେ ଏହି ସ୍ଥାନର ନାମ ମୃଗଦାବ ରଖା ଯାଇଥିଲା।



ପରବର୍ତ୍ତୀ ସମୟରେ ଏହି ସ୍ଥାନର ନାମ ସାରନାଥର ଉତ୍ପତ୍ତି 'ସାରଙ୍ଗନାଥ (ମୃଗଙ୍କ ନାଥ)ରୁ ହୋଇଥିଲା। କୁହାଯାଏ ଯେ ବୋଧିସତ୍ତ୍ୱଙ୍କର କୌଣସି ପୂର୍ବଜ, ଯେତେବେଳେ ମୃଗଦାବଠାରେ ମୃଗମାନଙ୍କର ରାଜାଥିଲେ, ସେ ନିଜର ପ୍ରାଣବଳିଦେଇ ଏକ ଗର୍ଭବତୀ ହରିଣର ଜୀବନ ବଞ୍ଚାଇଥିଲେ। ଏହି କାରଣରୁ ଉକ୍ତ ସ୍ଥାନକୁ ସାର କିମ୍ବା ସାରଙ୍ଗ (ମୃଗ) ନାଥ କୁହାଯାଏ। ରାୟ ବାହାଦୁର ଦୟାରାମ ସାହାଣୀଙ୍କ ଅନୁସାରେ ଭଗବାନ ଶିବଙ୍କୁ ମଧ୍ୟ ସାରଙ୍ଗନାଥ କୁହାଯାଏ ଏବଂ ମହାଦେବ ଶିବଙ୍କ ନଗରୀ କାଶୀ ନିକଟବର୍ତ୍ତୀ ହୋଇଥିବା କାରଣରୁ ଏହି ସ୍ଥାନ ଶିବ ଉପାସନାର ପ୍ରମୁଖ ସ୍ଥଳ ଥିଲା।

# ରୁଦ୍ରାକ୍ଷ ପିନ୍ଧିଛନ୍ତି କି ?

ଭଗବାନ ଶିବଙ୍କ କୃପା ପାଇଁ ରୁଦ୍ରାକ୍ଷ ଧାରଣ କରିବା ପରମ୍ପରା ପୁରୁଣା କାଳରୁ ଚାଲି ଆସୁଛି । ଉଜ୍ଜୟିନୀ ଜ୍ୟୋତିଷ ଓ ଶିବମହାପୁରାଣ କଥାକାର ପଣ୍ଡିତ ମନୀଷ ଶର୍ମାଙ୍କ କହିବାନୁଯାୟୀ, ରୁଦ୍ରାକ୍ଷ ଶିବଙ୍କ ଲୁହରୁ ଉତ୍ପନ୍ନ ହୋଇଥିଲା । ପୁରାଣ ଅନୁଯାୟୀ, ଥରେ ଭଗବାନ ଶିବ ଧ୍ୟାନରେ ବସିଥିବା ସମୟରେ ତାଙ୍କ ଆଖିରୁ ଲୁହ ଝରିଥିଲା । ଶିବଙ୍କ ଆଖିରୁ ଝରିଥିବା ଏହି ଲୁହ ରୁଦ୍ରାକ୍ଷ ବୃକ୍ଷରେ ପରିଣତ ହୋଇଥିଲା । ରୁଦ୍ରାକ୍ଷ ଏକମୁଖୀରୁ ୨୧ ମୁଖି ଥାଏ । ରୁଦ୍ରାକ୍ଷ ଧାରଣ କରିବା ଅତ୍ୟନ୍ତ ଶୁଭ ବୋଲି କୁହାଯାଏ । ଯେଉଁମାନେ ରୁଦ୍ରାକ୍ଷ ଧାରଣ କରନ୍ତି, ସେମାନଙ୍କୁ ଅଧର୍ମ କର୍ମରୁ ଦୂରେଇ ରହିବ ଆବଶ୍ୟକ । ରୁଦ୍ରାକ୍ଷ ଧାରଣ କରୁଥିବା ସାକାହାରୀ ଭୋଜନ କରିବା ଉଚିତ । ମାଂସାହାରୀ ହେବା ଅନୁଚିତ । ଏମାନେ ସମସ୍ତଙ୍କୁ ସମ୍ମାନ କରିବା ଉଚିତ । ଭୁଲରେ ମଧ ମାତାପିତାଙ୍କୁ ଅନାଦର କିମ୍ବା ଅସମ୍ମାନ କରିବା ଅନୁଚିତ । ସର୍ବଦା ମାତାପିତାଙ୍କ ସେବା କରିବା ଉଚିତ । କୌଣସି ପ୍ରକାର ନିଶା ଦ୍ରବ୍ୟ ସେବନ କରିବା ଅନୁଚିତ । ଯେଉଁମାନେ ଏହିସବୁ ନିୟମ ପାଳନ କରିପାରିବେ ନାହିଁ ସେମାନେ ରୁଦ୍ରାକ୍ଷ ଧାରଣ କରିବା ଅନୁଚିତ । ରୁଦ୍ରାକ୍ଷ ୩ ପ୍ରକାରର । କିଛି ରୁଦ୍ରାକ୍ଷର ଆକାର ଅଁଳା ଭଳି ଗୋଲ । ଏହି ରୁଦ୍ରାକ୍ଷ ସବୁଠାରୁ ଉତ୍ତମ ବୋଲି ବିଶ୍ୱାସ ରହିଛି । କିଛି ରୁଦ୍ରାକ୍ଷ ବରକୋଳି ଆକାରର ହୋଇଥାଏ । ଏହି ରୁଦ୍ରାକ୍ଷ ମଧ୍ୟମ ଫଳଦାୟୀ ବୋଲି ବିଶ୍ୱାସ ରହିଛି । ତୃତୀୟ ରୁଦ୍ରାକ୍ଷର ଆକାର ଚଣା ଭଳି, ଏହା ସବୁଠାରୁ କମ୍ ଫଳଦାୟୀ । ଯଦି ଆପଣ ରୁଦ୍ରାକ୍ଷ ଧାରଣ କରିବାକୁ ଚାହୁଁଛନ୍ତି ତାହେଲେ କିଛି ବିଶେଷ ଜିନିଷ ଉପରେ ଦୃଷ୍ଟି ଦିଅନ୍ତୁ । ଯଦି କୌଣସି ରୁଦ୍ରାକ୍ଷରେ ପୋକ ଲାଗି ଯାଇଥାନ୍ତି କିମ୍ବା ନଷ୍ଟ କରିଦେଇଥାନ୍ତି ତାହେଲେ ତାକୁ ଧାରଣ କରନ୍ତୁ ନାହିଁ । ଯଦି ରୁଦ୍ରାକ୍ଷର କୌଣସି ଅଂଶ ଭାଙ୍ଗି ଯାଇଥାଏ କିମ୍ବା ସମ୍ପୂର୍ଣ ଗୋଲ ନଥାଏ ତାହେଲେ ତାକୁ ମଧ ଧାରଣ କରନ୍ତୁନାହିଁ । ରୁଦ୍ରାକ୍ଷରେ ଛୋଟ ଛୋଟ ଦାନା ଫୁଟି ଉପରକୁ ବାହାରିଥିଲେ ତାହା ଅସଲି ବୋଲି ଜାଣିବେ । ଯେଉଁ ରୁଦ୍ରାକ୍ଷ ମଝିରେ ପୂର୍ବରୁ କଣା ଥାଏ ତାକୁ ଶ୍ରେଷ୍ଠ ବୋଲି ବିଶ୍ୱାସ କରାଯାଏ ।ରୁଦ୍ରାକ୍ଷ ଧାରଣ କରିବାର ସରଳ ବିଧି : ଯଦି ଆପଣ ରୁଦ୍ରାକ୍ଷ ଧାରଣ କରିବାକୁ ଚାହୁଁଛନ୍ତି ତାହେଲେ ଏହି ବିଧି ଅନୁଯାୟୀ ଧାରଣ କରନ୍ତୁ । ରୁଦ୍ରାକ୍ଷ ସୋମବାର ଧାରଣ କରିବା ଉଚିତ । ରୁଦ୍ରାକ୍ଷ ସୋମବାର ଦିନ କିଣିବା ଉଚିତ । ସୋମବାର ଛଡା ଅନ୍ୟ ଶୁଭ ଲଗ୍ନରେ ମଧ ରୁଦ୍ରାକ୍ଷ ଧାରଣ କରାଯାଇପାରିବ । ରୁଦ୍ରାକ୍ଷ କିଣିବା ପରେ କୌଣସି ଶିବ ମନ୍ଦିର ଯାଇ ରୁଦ୍ରାକ୍ଷକୁ କଞ୍ଚା କ୍ଷୀର, ପଞ୍ଚାମୃତ, ପଞ୍ଚଗବ୍ୟ କିମ୍ବା ଗଙ୍ଗାଜଳରେ ପବିତ୍ର କରିବେ । ଅଷ୍ଟଗନ୍ଧ, କେଶର, ଚନ୍ଦନ, ଧୂପ-ଦୀପ, ଫୁଲ ଆଦିରେ ଶିବଲିଙ୍ଗ ଏବଂ ରୁଦ୍ରାକ୍ଷକୁ ପୂଜା କରନ୍ତୁ । ଶିବଙ୍କ ମନ୍ତ୍ର ଓଁ ନମଃ ଶିବାୟ ୧୦୮ ଥର ଜପ କରିବେ । ଏହାପରେ ନାଲି ସୁତା, ସୁନା କିମ୍ବା ରୁପାରେ ରୁଦ୍ରାକ୍ଷ ଧାରଣ କରିପାରିବେ । ରୁଦ୍ରାକ୍ଷ ଧାରଣ କରିବା ପରେ ପ୍ରତିଦିନ ସକାଳୁ ଭଗବାନ ଶିବଙ୍କୁ ନିଶ୍ଚୟ ଆରାଧନା କରିବେ । ଶିବଲିଙ୍ଗରେ ତମ୍ବା ଢାଳରେ ଜଳ ଅର୍ପଣ କରିବେ ଓ ଧର୍ମ ଅନୁସାରେ କର୍ମ କରିବା ଉଚିତ ।



# ଶ୍ରୀଜଗନ୍ନାଥଙ୍କ କିମ୍ବଦନ୍ତୀ



ଜଗନ୍ନାଥ ମନ୍ଦିର ଓଡ଼ିଶାର ପୁରୀ ସହରର ମଧଭାଗରେ ଅବସ୍ଥିତ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ପୂଜିତ ହେଉଥିବା ଏକ ପୁରାତନ ଦେଉଳ । ଓଡ଼ିଶାର ସଂସ୍କୃତି ଏବଂ ଜୀବନ ଶୈଳୀ ଉପରେ ଏହି ମନ୍ଦିରର ସବିଶେଷ ସ୍ଥାନ ରହିଅଛି। କଳିଙ୍ଗ ସ୍ଥାପତ୍ୟ କଳାରେ ନିର୍ମିତ ଏହି ଦେଉଳ ବିଶ୍ୱର ପୂର୍ବ-ଦକ୍ଷିଣରେ ଭାରତ, ଭାରତର ଅଗ୍ନିକୋଣରେ ଓଡ଼ିଶା, ଓଡ଼ିଶାର ଅଗ୍ନିକୋଣରେ ଅବସ୍ଥିତ ପୁରୀ, ପୁରୀର ଅଗ୍ନିକୋଣରେ ଶ୍ରୀବତ୍ସଖଣ୍ଡଶାଳ ରୀତିରେ ନିର୍ମିତ ବଡ଼ଦେଉଳ ଏବଂ ବଡ଼ଦେଉଳର ଅଗ୍ନିକୋଣରେ ରୋଷଶାଳା, ଯେଉଁଠାରେ ମନ୍ଦିର ନିର୍ମାଣ କାଳରୁ ଅଗ୍ନି ପ୍ରଜ୍ୱଳିତ ହୋଇଥାଏ । ଏହା ମହୋଦଧିତୀରେ ଥିଲେ ହେଁ ଏଠାରେ କୂଅ ଖୋଳିଲେ ଲୁଣପାଣି ନ ଝରି ମଧୁରଜଳ ଝରିଥାଏ। ୧୯୭୫ ମସିହାରେ ଶ୍ରୀମନ୍ଦିରକୁ ଜାତୀୟ କୀର୍ତ୍ତି ରୂପେ ଘୋଷଣା କରାଯାଇଛି ।ଦ୍ୱାଦଶ ଶତାବ୍ଦୀରେ ଗଙ୍ଗ ବଂଶର ରାଜା ଅନଙ୍ଗବର୍ମା ଚୋଡ଼ଗଙ୍ଗ ଦେବ ବର୍ତ୍ତମାନ ବଡ଼ଦାଣ୍ଡ ପତନ ଠାରୁ ୨୧୪ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଶ୍ରୀମନ୍ଦିର କାର୍ଯ୍ୟ ଆରମ୍ଭ କରିଥିଲେ ଓ ଅନଙ୍ଗ ଭୀମଦେବ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଶ୍ରୀବିଗ୍ରହମାନଙ୍କୁ ଅଧିଷ୍ଠିତ କରାଇଥିଲେ। ଏହା ଦଶ ଏକର ଆୟତନ ବିଶିଷ୍ଟ ଜମି ଉପରେ ଅବସ୍ଥିତ ।୧୪୫୨ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରୀର ନିର୍ମାଣ କରାଇଥିଲେ। ଏହାର ଦୈର୍ଘ୍ୟ ୬୬୫ ଫୁଟ ଓ ପ୍ରସ୍ଥ ୬୪୦ ଫୁଟ, ଉଚ୍ଚତା ୨୨ ଫୁଟ ଓ ସ୍ଥାନେ ସ୍ଥାନେ ୨୦ରୁ ୨୪ ଫୁଟ ଉଚ୍ଚତା ମଧ ରହିଥିବା ଦେଖାଯାଇଛି। ମେଘନାଦ ପାଚେରି ପରେ କୂର୍ମ ବେଢାର ଦୈର୍ଘ୍ୟ ୪୨୦ ଫୁଟ,୩୫୦ ଫୁଟ ପ୍ରସ୍ଥ ଓ ୨୦ ଫୁଟ ଉଚ୍ଚତାରେ ନିର୍ମିତ ହୋଇଛି ।ଶ୍ରୀମନ୍ଦିରର ଶୋଭା ନୀଳଚକ୍ର ବୃଦ୍ଧି କରୁଛି ଓ ଏହା ଉପରେ ପତିତପାବନ ବାନା ଫର ଫର ହୋଇ ଉଡି ଅଗଣିତ ଭକ୍ତ, ପାପୀ ତପୀଙ୍କୁ ନିଜ ପାଖକୁ ଟାଣି ଆଣି ଅଭୟ ଦେଉଛି ଓ ଶରଣ ପଞ୍ଜର ନାମକୁ ସାର୍ଥକ କରୁଛି । ବର୍ତ୍ତମାନର ଶ୍ରୀମନ୍ଦିର ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଙ୍କଦ୍ୱାରା ନିର୍ମିତ ଓ ଏହା ଏକାଦଶ ଶତାବ୍ଦୀର ବିଷୟ । ଏଥିପୂର୍ବରୁ ଶ୍ରୀମନ୍ଦିରର ନାଭିକଟା ମଣ୍ଡପ ଓ ଶ୍ରୀଜଗନ୍ନାଥଙ୍କ ପାଦୁକାନଳା ମଧବର୍ତ୍ତୀ ସ୍ଥାନରେ ଦକ୍ଷିଣାଭିମୂଖୀ ଭାବେ ଅବସ୍ଥିତ ଥିବା ଜଣାଯାଏ । ଉକ୍ତ ମନ୍ଦିରର କଳା ଓ ଭାସ୍କର୍ଯ୍ୟ ଖ୍ରୀଷ୍ଟୀୟ ଦ୍ୱିତୀୟ କିମ୍ବା ତୃତୀୟ ଶତକର ବୋଲି କେହିକେହି ଫ୍ଲଷ୍ଟା କ ପରିଦୃଶ୍ୟମାନ ଭଗ୍ନ ମନ୍ଦିରର ମୂଳଭିତ୍ତିରୁ ଅନୁମାନ କରନ୍ତି । ଏହି ମନ୍ଦିରର ମୂଳଭିତ୍ତି ଉପରେ ବର୍ତ୍ତମାନ ଅମୁହଁ ଦେଉଳ ବା ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅବସ୍ଥିତ । ବର୍ତ୍ତମାନ ମଧ ଏହି ମନ୍ଦିରର ମୁଖ ଶ୍ରୀଜଗନ୍ନାଥଙ୍କ ବାହାର ଗମ୍ଭୀରା ବା ଜଗମୋହନ ଦିଗକୁ ରହିଅଛି । ପୂର୍ବ ଦିଗସ୍ଥ ଜୟବିଜୟ ଦ୍ୱାର ବ୍ୟତୀତ ଭକ୍ତ ଗମ୍ଭୀରାକୁ ଗମନାଗମନର ଅପର ଏକ ଦ୍ୱାର ଦକ୍ଷିଣାଭିମୁଖରେ ଅବସ୍ଥିତ । ବେଢ଼ା ମଧରୁ ଭକ୍ତ ଦ୍ୱାର ଦେଇ ପ୍ରବେଶ କରିବାକୁ ହେଲେ ଦ୍ୱାରଦେଶରେ ପହଞ୍ଚିବାନିମନ୍ତେ କେତୋଟି ପାହାଚ ଚଢ଼ିବାକୁ ପଡେ । ଉକ୍ତ ପାବଚ୍ଛ ଶ୍ରେଣୀର ଉଭୟ ପାର୍ଶ୍ୱରେ ଦୁଇଟି ସିଂହମୂର୍ତ୍ତି ବିଦ୍ୟମାନ । ତେଣୁ ଏହାକୁ ଏକ ସିଂହଦ୍ୱାର କୁହାଯାଇପାରେ। ଯଦ୍ୱାର ପ୍ରବେଶ ପଥର ପୂର୍ବରେ ମାଜଣା ମଣ୍ଡପ ଓ ପଶ୍ଚିମରେ ଦକ୍ଷିଣି ଘର ଅବସ୍ଥିତ । ଭକ୍ତ ପ୍ରବେଶ ପଥର ଅନତି ଦୂରର ଦକ୍ଷିଣରେ ମୁକ୍ତିମଣ୍ଡପ, ଯେଉଁ ସ୍ଥାନରେ କି ଝୁଲଣଯାତ୍ରା ଅନୁଷ୍ଠିତ ହୋଇଥାଏ। ମୁକ୍ତି ମଣ୍ଡପର ପଶ୍ଚିମ ଦିଗରେ ଶ୍ରୀନୃସିଂହ ମନ୍ଦିର ବା ପୁରୁଷୋତ୍ତମ ମନ୍ଦିର ଏବଂ ପୂର୍ବ ଦିଗରେ କ୍ଷେତ୍ରପାଳ ମନ୍ଦିର ରହିଅଛି । କ୍ଷେତ୍ରପାଳ ମନ୍ଦିରର ମୁଖ ଦକ୍ଷିଣ ଦିଗକୁ ଏବଂ ଏହି ମନ୍ଦିରରେ ଶକ୍ତି ଯୁକ୍ତ ଶିବଲିଙ୍ଗ ପୂଜା ପାଉଥିଲେ ମଧ ବିଗ୍ରହର ପଶ୍ଚାତ ଭାଗର ଭିତ୍ତିଚିତ୍ର ଶିବଙ୍କର ନହୋଇ ଭୈରବ ନାମରେ ଅଭିହିତ । ମନ୍ଦିରର ତିନି ପାର୍ଶ୍ୱରେ କାର୍ତ୍ତିକ, ପାର୍ବତୀ ଓ ଗଣେଶଙ୍କ ପରିବର୍ତ୍ତେ ନୃମୁଣ୍ଡମାଳିନୀ ଖଡ୍ଗଧାରିଣୀ ଭୈରବୀ ମୂର୍ତ୍ତିମାନ ରହିଛନ୍ତି । ଏଥି ମଧ୍ୟରୁ ପୂର୍ବ ପାର୍ଶ୍ୱଗଢା ଭୈରବୀ କୁତାମଚଣ୍ଡୀ ରୂପେ ସର୍ବଜନ ପରିଚିତା ଓ ଆରାଧିତା ଅଟନ୍ତି । ମନ୍ଦିରର ପୂର୍ବଦିଗରେ ଅନନ୍ତଶୟନ ବାସୁଦେବ, ଦକ୍ଷିଣ ପଶ୍ଚିମ କୋଣରେ ମୁକ୍ତେଶ୍ୱର ମହାଦେବ, ପଶ୍ଚିମରେ ମୁକ୍ତିମଣ୍ଡପ ଏବଂ ଉତ୍ତର ଦିଗରେ ସୂର୍ଯ୍ୟ ପୂଜା ମଣ୍ଡପାଦିଦ୍ୱାରା ପରିବେଷ୍ଟିତ ରହି ଏକ ପ୍ରକାର ଅବହେଳିତ ତଥା ଲୋକଲୋଚନର ଅଗୋଚରରେ ରହିଅଛି ।



# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀଙ୍କ ଗଣଧାରଣା

ଭୁବନେଶ୍ୱର, ୨୯।୩ (ମହାଭାରତ): କଟକ ଏସ୍.ସି.ବି. ମେଡ଼ିକାଲ କଲେଜ ଏଣ୍ଡ ହସ୍ପିଟାଲର ଟ୍ରମା କେୟାର ଆଇ.ସି.ୟୁ.ରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ରାଜ୍ୟ ସରକାରଙ୍କ ଅପରାଧିକ ଅବହେଳା ବିରୋଧରେ ମିଳିତ ଗଣ ଧାରଣା ୩୦ ମାର୍ଚ୍ଚରେ ଆୟୋଜିତ ହେବ । ଆଜି ପ୍ରତିବାଦ ଆନ୍ଦୋଳନ ପାଇଁ ମିଳିତ ବିରୋଧୀ ଦଳମାନଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ମର୍ମାନ୍ତିକ ଘଟଣାରେ ୧୩ଜଣ ନିରୀହ ରୋଗୀଙ୍କ ମୃତ୍ୟୁ ଘଟିଥିବା ଘଟଣାକୁ ମିଳିତ ବୈଠକରେ ଗଭୀର ଶୋକ ପ୍ରକାଶ କରାଯାଇଛି । ଶୋକସନ୍ତପ୍ତ ପରିବାରମାନଙ୍କ ପ୍ରତି ଆନ୍ତରିକ ସମବେଦନା ଜ୍ଞାପନ କରାଯାଇଛି । ଏହି ଘଟଣାରେ ମିଳିତ ବୈଠକରେ ଅତ୍ୟନ୍ତ କ୍ଷୋଭ ଏବଂ ଉଦ୍‌ବେଗ ପ୍ରକାଶ କରିବା ସହିତ ରାଜ୍ୟ ସରକାରଙ୍କ ବିଫଳତା ପାଇଁ ତୀବ୍ର ନିନ୍ଦା କରାଯାଉଛି । ଏହାକୁ ସରକାରଙ୍କ ଅପରାଧିକ ଅବହେଳା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୟନୀୟ ଅବସ୍ଥାର ପ୍ରମାଣ ବୋଲି ମିଳିତ ବିରୋଧୀ ଦଳ ବିଚାର କରୁଛି । ଏହା କେବଳ ଦୁର୍ଘଟଣା ନୁହେଁ, ବରଂ ସରକାର ଓ ହସ୍ପିଟାଲ ପ୍ରଶାସନର ଅପରାଧିକ ଅବହେଳା ଯୋଗୁଁ ଘଟିଥିବା ଏକ ସ୍ପଷ୍ଟ "ବ୍ୟବସ୍ଥାକୃତ ହତ୍ୟା" ବୋଲି ମିଳିତ ବିରୋଧୀ ଦଳମାନଙ୍କର ନେତୃବୃନ୍ଦ ମତ ପ୍ରକାଶ କରିଛନ୍ତି । ଏହି ସଭାରେ ଉପସ୍ଥିତ ସମସ୍ତ ବିରୋଧୀ ଦଳ ଏକମତ ହୋଇ ତୁରନ୍ତ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି । ଏହା ସହିତ ନିମ୍ନଲିଖିତ ଦାବିଗୁଡ଼ିକୁ ତୁରନ୍ତ ପୂରଣ କରିବାକୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା କିମ୍ବା ମନ୍ତ୍ରୀମଣ୍ଡଳରୁ ବହିଷ୍କାର, ପ୍ରତ୍ୟେକ ମୃତକଙ୍କ ପରିବାରକୁ ଅନ୍ୟୁନ ଏକ କୋଟି ଟଙ୍କା ଆର୍ଥୀକ କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରୀ, ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ତଦନ୍ତ, ସମସ୍ତ ଆହତଙ୍କୁ ମାଗଣା ଉଚ୍ଚମାନର ଚିକିତ୍ସା ଓ ଅନ୍ୟୁନ ୫ଲକ୍ଷ ଟଙ୍କା ସହାୟତା, ହସ୍ପିଟାଲ ସୁପରିଟେଣ୍ଡେଣ୍ଟ ସମେତ ଏହି ଘଟଣା ପାଇଁ ଦାୟୀ ସରକାରୀ ଅଧିକାରୀ, କର୍ମଚାରୀ ଏବଂ ବିଦ୍ୟୁତ୍ ଠିକାଦାରକୁ ତୁରନ୍ତ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ, ସରକାରୀ ଓ ବେସରକାରୀ ହସ୍ପିଟାଲର ଫାୟାର୍ ସେଫ୍ଟି ଓ ସୁରକ୍ଷା ବ୍ୟବସ୍ଥାର ସାମଗ୍ରିକ ଅଡ଼ିଟ୍, ଇତ୍ୟାଦି କାର୍ଯ୍ୟାନୁଷ୍ଠାନ ଅନ୍ତର୍ଭୁକ୍ତ। ମିଳିତ ବିରୋଧୀ ଦଳ ତରଫରୁ ଏହା ମଧ୍ୟ କୁହାଯାଇଛି ଯେ, ଏହି ଦାବିଗୁଡ଼ିକ ପୂରଣ ପାଇଁ ମିଳିତ ଭାବେ ତୀବ୍ର ଆନ୍ଦୋଳନ ଆରମ୍ଭ କରାଯିବ । ଉପରୋକ୍ତ ଦାବି ଉପରେ ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ରାଜ୍ୟ ବିଧାନସଭା ସମ୍ମୁଖରେ ବିଶାଳ ପ୍ରତିବାଦ ଧାରଣା ସଂଗଠିତ କରି ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ଏବଂ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରାଯିବ । ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବିଜୁ ଜନତା ଦଳର ବରିଷ୍ଠ ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସି.ପି.ଆଇ. ରାଜ୍ୟ ସମ୍ପାଦକ ଡ଼ଃ ପ୍ରଶାନ୍ତ କୁମାର ମିଶ୍ର, ସହ ସମ୍ପାଦକ ଜୟନ୍ତ ଦାସ, ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସି.ପି.ଆଇ.(ଏମ୍-ଏଲ୍)-ଲିବେରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ବରିଷ୍ଠ ନେତା ଅଶୋକ ପ୍ରଧାନ, ଫରୱାର୍ଡ଼ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ।



# ସୁବିଧାଜନକ ଉପମାର୍ଗ ନିର୍ମାଣ ପାଇଁ ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯।୩ (ମହାଭାରତ): ରେଳ ଟ୍ରାକ୍ ଅତିକ୍ରମ କରିବା ସମୟରେ ଘଟୁଥିବା ଦୁର୍ଘଟଣାକୁ ବର୍ତ୍ତମାନ ରେଳବାଇ ଏକ ମିଶନ ମୋଡରେ ଅଟକାଇବ। ସୁବିଧାଜନକ ଉପମାର୍ଗ ନିର୍ମାଣ କରି ଏହା ସୁନିଶ୍ଚିତ କରାଯିବ। ଏହାର ବ୍ୟାପକ ପ୍ରସ୍ତୁତି ସ୍ୱରୂପ ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ନୂଆଦିଲ୍ଲୀରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଏକ କର୍ମଶାଳା ଆୟୋଜନ କରିଥିଲେ। ଏହି ରେଳ ଉପମାର୍ଗ ଗୁଡ଼ିକ ଏପରି ସ୍ଥାନରେ ନିର୍ମାଣ କରାଯିବ ଯେଉଁଠାରେ ରେଳ ଟ୍ରାକ୍ ର ଗୋଟିଏ ପାର୍ଶ୍ୱରେ ଜନବସତି ଏବଂ ଅନ୍ୟ ପାର୍ଶ୍ୱରେ କୃଷି, ବିଦ୍ୟାଳୟ, ଶ୍ମଶାନ କିମ୍ବା ଅନ୍ୟାନ୍ୟ ଉପଯୋଗୀ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଥିବ। ରେଳ ମନ୍ତ୍ରୀ ସାରା ଦେଶରେ ଏଭଳି ଉପମାର୍ଗ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଠାରେ ବହୁ ସଂଖ୍ୟକ ଲୋକ ସେମାନଙ୍କ ଦୈନନ୍ଦିନ ଜୀବନରେ ଟ୍ରାକ୍ ଅତିକ୍ରମ କରନ୍ତି। ଏହି ଉପମାର୍ଗ ଗୁଡ଼ିକ ଜୀବନ ରକ୍ଷାକାରୀ ବିକଳ୍ପ ଭାବରେ ଉଭା ହେବ। ରେଳମନ୍ତ୍ରୀ ଅଧିକାରୀମାନଙ୍କୁ ଏପରି ରେଳ ଉପମାର୍ଗ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଟ୍ରାକ୍ ଅତିକ୍ରମ କରୁଥିବା ଲୋକମାନଙ୍କ ପାଇଁ ଜୀବନରକ୍ଷକ ବିକଳ୍ପ ଭାବରେ କାର୍ଯ୍ୟ କରିବ। ଏହି ରେଳ ଉପମାର୍ଗ ଗୁଡ଼ିକ ନିର୍ମାଣ କରିବା ସମୟରେ, ଏହା ଉପରେ ଧ୍ୟାନ ଦିଆଯିବ ଯେ ଜଣେ ସାଧାରଣ ବ୍ୟକ୍ତି ଏହି ଉପମାର୍ଗରେ ସାଇକେଲ, ମୋଟରସାଇକେଲ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମ୍ବନ୍ଧୀୟ ସାମଗ୍ରୀ ବହନ କରିପାରିବେ। ଏହା ସାରା ଦେଶରେ ଟ୍ରାକ୍ ଅତିକ୍ରମ କରିବା ସମୟରେ ହେଉଥିବା ଦୁର୍ଘଟଣାକୁ ରୋକିବ। ଭାରତୀୟ ରେଳବାଇର ଏହି ଉପମାର୍ଗ ଗୁଡ଼ିକ ଦେଶର ଏକ ବଡ଼ ଜନସଂଖ୍ୟା ପାଇଁ ବରଦାନ ହେବ। ରେଳ ମନ୍ତ୍ରୀ ଅଧିକାରୀମାନଙ୍କୁ ଦେଶର ଏହି ବଡ଼ ସମସ୍ୟାକୁ ଆଗାମୀ ୫-୬ ବର୍ଷ ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଉପମାର୍ଗ ଗୁଡ଼ିକ ଏପରି ଭାବରେ ନିର୍ମିତ ହେବ ଯାହା ଦ୍ୱାରା ସେଗୁଡ଼ିକ କେବଳ ୧୨ ଘଣ୍ଟା ମଧ୍ୟରେ ଟ୍ରାକ୍ ଉପରେ ନିର୍ମାଣ କରାଯାଇପାରିବ।



# ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ଏମ୍ସ ପରିଦର୍ଶନ

ଭୁବନେଶ୍ୱର, ୨୯।୩ (ମହାଭାରତ): ଜାତୀୟ ମାନବାଧିକାର କମିଶନର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ (ମାନବାଧିକାର ଶିକ୍ଷା ଏବଂ ଲିଙ୍ଗ ସମାନତା) ପ୍ରଫେସର କହ୍ନେୟା ତ୍ରିପାଠୀ ଗତକାଲି ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଥିଲେ। ଏହି ଅବସରରେ ଶ୍ରୀ ତ୍ରିପାଠୀ ମାନବାଧିକାର ଶିକ୍ଷା, ରୋଗୀସେବାରେ ସମାନତା ଏବଂ ଲିଙ୍ଗ-ସମ୍ବେଦନଶୀଳ ସ୍ୱାସ୍ଥ୍ୟସେବା ଅଭ୍ୟାସ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଥିଲେ। ଏଥିସହିତ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ସମେତ ବରିଷ୍ଠ ଅଧ୍ୟାପକ, ପ୍ରାଶାସନିକ ଅଧିକାରୀ ଏବଂ ବିଭାଗୀୟ ପ୍ରତିନିଧିଙ୍କ ସହିତ ବିସ୍ତୃତ ଆଲୋଚନା ମଧ୍ୟ କରିଥିଲେ। ସମସ୍ତଙ୍କୁ ଗୁଣବତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ, ନିୟମିତ ଚିକିତ୍ସା ଅଭ୍ୟାସରେ ମାନବାଧିକାର ନୀତିଗୁଡ଼ିକର ଉତମ ଅନୁପାଳନ ନିମନ୍ତେ ଏମ୍ସ ଭୁବନେଶ୍ୱରକୁ ପ୍ରଶଂସା କରିଥିଲେ ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ। ସ୍ୱାସ୍ଥ୍ୟସେବା ପାଇଁ ସମାନ ପ୍ରବେଶ, ସୂଚିତ ସମ୍ମତି, ରୋଗୀ ସମ୍ମାନ ଏବଂ ଅଣ-ପାକ୍ଷିକତା ଭଳି ପ୍ରମୁଖ ଦିଗଗୁଡ଼ିକୁ ଏକ ଅଧିକାର-ଭିତିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅତ୍ୟାବଶ୍ୟକ ଉପାଦାନ ଭାବରେ ଆଲୋକପାତ କରିଥିଲେ ଶ୍ରୀ ତ୍ରିପାଠୀ। ଏହି ଅବସରରେ ଏମ୍ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ମାନବାଧିକାର ପ୍ରକୋଷ୍ଠ ସ୍ଥାପନ ନେଇ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରକୋଷ୍ଠ ରୋଗୀଙ୍କ ଅଭିଯୋଗକୁ ପ୍ରଭାବଶାଳୀ ଢଙ୍ଗରେ ସମାଧାନ କରିବା, ସଚେତନତା ଏବଂ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ପରିଚାଳନା କରିବା, ସ୍ୱାସ୍ଥ୍ୟସେବା ବୃତିଗତଙ୍କ ପାଇଁ ତାଲିମ ଅଧିବେଶନ ଆୟୋଜନ କରିବା, ଏନ୍‌ଏଚ୍‌ଆରସି ନିର୍ଦ୍ଦେଶାବଳୀର ପାଳନ ସୁନିଶ୍ଚିତ କରିବା ପାଇଁ ଏକ ବ୍ୟବସ୍ଥା ଭାବରେ କାର୍ଯ୍ୟ କରିବ।



# ୯୩ତମ ସଂସ୍କୃତି ଚର୍ଚ୍ଚା ସମାରୋହ ଅନୁଷ୍ଠିତ

ଭୁବନେଶ୍ୱର, ୨୯।୩ (ମହାଭାରତ): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ବୁଧବାର ୯୩ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ବିଶିଷ୍ଟ ଲେଖକ, ଗବେଷକ ଓ ପ୍ରାକ୍ତନ ପ୍ରଶାସକ ଜୟନ୍ତ କୁମାର ଦାସ । ମୁଖ୍ୟ ଅତିଥିଭାବରେ ଯୋଗଦାନ କରିଥିଲେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ, ଦେବ ପ୍ରସାଦ ଦାଶ, ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଯୁଗ୍ମ ନିର୍ଦ୍ଦେଶକ ତଥା ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ । ସମ୍ମାନର ମୁଖ୍ୟ ବକ୍ତା ଜୟନ୍ତ କୁମାର ଦାସ କହିଥିଲେ ଯେ ମୁଷ୍ଟିମେୟ କେତେଜଣ ସଂକଳ୍ପବଦ୍ଧ ସାଧକ ଯଦି ସେମାନଙ୍କ ଆଦର୍ଶରେ ଅବିଚଳିତ ବିଶ୍ୱାସ ରଖନ୍ତି ତା'ହେଲେ ସେମାନେ ଇତିହାସର ମୋଡ଼ ବଦଳାଇ ଦେଇ ପାରିବେ- ଏହି ମହାମନ୍ତ୍ରରେ ଅଭିହିତ ହୋଇ ପରାଧୀନ ଭାରତ ତଥା ଆମ ରାଜ୍ୟର ଅଗଣିତ ମହିଳା ତତ୍କାଳୀନ ସାମାଜିକ ପ୍ରଥାକୁ ଆଡ଼େଇ ଦେଇ ସ୍ୱଇଚ୍ଛାରେ ପୁରୁଷମାନଙ୍କ ସହ ସ୍ୱାଧୀନତା ଯୁଦ୍ଧରେ ନିଜକୁ ସାମିଲ୍ କରିଦେଇଥିଲେ ସବୁ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ । ଗୋପାଳ କୃଷ୍ଣ ଗୋଖେଲଙ୍କ ଆହ୍ୱାନରେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକା ଛାଡ଼ି ଭାରତ ମାଟିରେ ପାଦ ଦେଲାପରେ ସ୍ୱାଧୀନତା ସଂଗ୍ରାମର ବିଗୁଲ ବାଜିବା ଆରମ୍ଭ ହେଲା ଓ ସ୍ୱତଃପ୍ରବୃତ ଭାବେ ଚାରିଆଡେ ଉତ୍ସାହ ଓ ଉଦ୍ଦୀପନା ଖେଳିଗଲା । ସେତେବେଳେ ରକ୍ଷଣଶୀଳ ସମାଜରେ ଘର ଭିତରେ ଆବଦ୍ଧ ରହି ରୋଷେଇବାସଠୁ ଯାବତୀୟ କାମ ନାରୀମାନଙ୍କୁ କରିବାକୁ ପଡୁଥିଲା । ପର୍ଦ୍ଦାପଥା, କୁସଂସ୍କାର, ଅନ୍ଧବିଶ୍ୱାସ, ବାଲ୍ୟବିବାହ ସମାଜରେ ଅବିଚ୍ଛେଦ୍ୟ ଅଙ୍ଗ ଥିଲା । ନାରୀମାନଙ୍କର ସ୍ୱତନ୍ତ୍ର ପରିଚୟ ବୋଲି କିଛି ନଥିଲା । ଘରର ଏରୁଣ୍ଡିବନ୍ଧ ଡେଇଁବା ମହିଳମାନଙ୍କ ପାଇଁ ସାତ ସ୍ୱପ୍ନ ଥିଲା । ସାମ୍ପ୍ରତିକ ପରିସ୍ଥିତିରେ ନାରୀମାନଙ୍କର ଅଦମ୍ୟ ସାହସ ଓ ନିର୍ଭୀକତା ସେମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରିଥିଲା । ଓଡ଼ିଶାର ପ୍ରଖ୍ୟାତ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ଥିଲେ ମା'ସାରଳା ଦେବୀ, ମାଳତୀ ଚୌଧୁରୀ, ଶଶିବାଳା କାନୁନଗୋ, ପ୍ରଭାବତୀ ଦେବୀ,ଜାହ୍ନବୀ ଦେବୀ, କୋକିଳା ଦେବୀ ପ୍ରମୁଖ । ସାହିତ୍ୟ ମାଧ୍ୟମରେ ନାରୀ ଜାଗରଣ ସୃଷ୍ଟି କରିବାରେ କୁନ୍ତଳା କୁମାରୀ ସାବତଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ । ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ କହିଥିଲେ ଯେ ଯଦିଓ ବ୍ରିଟିଶରମାନେ ୧୬୦୦ ମସିହାରେ ଭାରତରେ ପଦାର୍ପଣ କରିଥିଲେ, ଓଡ଼ିଶା ସର୍ବଶେଷରେ ୧୮୦୩ ମସିହାରେ ବ୍ରିଟିଶ ଶାସନକୁ ଆସିଥିଲା । ଓଡ଼ିଶାରେ ବ୍ରିଟିଶ୍ ଶାସନକୁ ପ୍ରଥମେ ଜୟୀ ରାଜଗୁରୁ ୧୮୦୪ ମସିହାରେ ବିରୋଧ କରିଥିଲେ । ଓଡ଼ିଶାର ଜନଜାତିମାନେ ପ୍ରଥମେ ସାମୁହିକ ଭାବରେ ବିରୋଧ କରିଥିଲେ । ସାଧାରଣତଃ ଯେତେବେଳେ ସ୍ୱାଧୀନତା ସଂଗ୍ରାମ କଥା କୁହାଯାଏ ସେତେବେଳେ ପୁରୁଷମାନେ ଅଗ୍ରଧାବକ ଥିଲେ ମାତ୍ର ମହିଳା ସ୍ୱାଧୀନତା

ସଂଗ୍ରାମୀମାନେ ସେ ସମୟର ସାମାଜିକ ଅବଗୁଣ୍ଠନ ସତ୍ତ୍ୱେ ବହୁ ସଂଖ୍ୟାରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ସାଧାରଣତଃ ଯେଉଁ ପରିବାର ପ୍ରୋଗ୍ରେସିଭ ଥିଲେ, ଯେମିତିକି ମଧୁବାବୁ ଏବଂ ଚୌଧୁରୀ ପରିବାରର ମହିଳାମାନେ ସର୍ବପ୍ରଥମେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ଆରମ୍ଭ କରିଥିଲେ।



# ଆଇନଜୀବୀ ନ୍ୟାୟ ବ୍ୟବସ୍ଥା ପ୍ରତି ବିଶ୍ୱସ୍ତ ରହିବା ଆବଶ୍ୟକ

ଭୁବନେଶ୍ୱର, ୨୯।୩ (ମହାଭାରତ): ଆଇନ ବୃତିକୁ ଆପଣେଇବା ନିମନ୍ତେ ଇଚ୍ଛୁକ ଛାତ୍ରଛାତ୍ରୀମାନେ ମୂଳରୁ ନ୍ୟାୟ ବ୍ୟବସ୍ଥାକୁ ବଜାୟ ରଖିବା ନିମନ୍ତେ ଦୃଢ଼ପ୍ରତିଜ୍ଞ ହେବା ଆବଶ୍ୟକ ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତୀ ମୁରହରୀ ଶ୍ରୀ ରମଣ କହିଛନ୍ତି। ଜଣେ ଆଇନଜୀବିଙ୍କୁ ନ୍ୟାୟ ପ୍ରଦାନ ବ୍ୟବସ୍ଥା ପ୍ରତି ବିଶ୍ୱସ୍ତ ରହିବା ସହ ନିର୍ଭୀକ ତଥା ସ୍ୱାଧୀନ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତି ହେବା ଆବଶ୍ୟକ କାରଣ ଜନସାଧାରଣଙ୍କର ନ୍ୟାୟପାଳିକା ପ୍ରତି ଅତୁଟ ବିଶ୍ୱାସ ରହିଛି ବୋଲି ସେ କହିଥିଲେ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ବକ୍ତୃତାମାଳା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କୁ ବକ୍ତବ୍ୟ ପ୍ରଦାନ କରିବା ଅବସରରେ ନ୍ୟାୟମୂର୍ତ୍ତୀ ରମଣ ଏହା କହିଥିଲେ।

ନ୍ୟାୟମୂର୍ତ୍ତୀ ରମଣ ଆଇନ ଓ କୃଷି ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ଜଣେ ଆଇନଜୀବିଙ୍କୁ ସତ୍ୟନିଷ୍ଠ ହେବା ସହ ପ୍ରାସଙ୍ଗିକ ତଥ୍ୟ ପ୍ରତି ଅନୁରକ୍ତି ରଖିବା ଆବଶ୍ୟକ । ଆଇନ୍ ବୃତିରେ ପ୍ରବେଶ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କୁ ଆଇନ ବ୍ୟବସ୍ଥାକୁ ଗଭୀର ଭାବେ ଅଧ୍ୟୟନ କରିବା ଆବଶ୍ୟକ ଏବଂ ଏହା ଏକ ନିରନ୍ତର ପ୍ରଚେଷ୍ଟା ହେବା ଦରକାର । ଭାବେ କୌଣସି ମକଦମା ପରିଚାଳନା କରିବ । କେବଳ ସେମାନଙ୍କର ଯୁକ୍ତି ପ୍ରାସଙ୍ଗିକ ଓ ସୁସ୍ପଷ୍ଟ ହେବ । ଆବଶ୍ୟକ । ଏହି ଯୁକ୍ତିରେ ଆଇନର କାରଣ ଏହାର କୌଣସି ବିକଳ୍ପ ନାହିଁ । ଜଣେ ଆଇନ ଶିକ୍ଷାର ବିଦ୍ୟାର୍ଥୀ ସାରା ଜୀବନ ଆଇନକୁ ଅଧ୍ୟୟନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେ କହିଥିଲେ ଯେ ଆଦାଲତ ସମ୍ମୁଖରେ ଆଇନଜୀବି ସମସ୍ତ ନିୟମ ସମୂହ ରହିବା ଆବଶ୍ୟକ।ବର୍ତ୍ତମାନ ଆଇନ ବୃତିରେ କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ୍ ଇନଟେଲିଜେନ୍ସ)କୁ ବ୍ୟବହାର କରାଯାଉଥିବା ଦର୍ଶାଇ ନ୍ୟାୟମୂର୍ତ୍ତୀ ରମଣ କହିଥିଲେ ଯେ ଛାତ୍ରଛାତ୍ରୀମାନେ ଏହାକୁ ଏକ ସାହାଯ୍ୟକାରୀ ଭାବେ ବ୍ୟବହାର କରିପାରିବେ । ମାତ୍ର ଏହା ଉପରେ ନିର୍ଭର କରିବା ବିପଦ୍ଜନକ ହୋଇପାରେ । ଆଇନଜୀବିମାନେ ନିଜର ବୁଦ୍ଧିମତା ଉପରେ ଅଧିକ ନିର୍ଭର କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ଅନୂପ କୁମାର ସାମନ୍ତରାୟ ଅଧ୍ୟକ୍ଷତା କରିଥିବା ବେଳେ ସୋଆ ନ୍ୟାସ୍ନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ'ର ବରିଷ୍ଠ ପ୍ରଫେସର ମଧୁସୂଦନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଜିଲେଟ୍ ଇଣ୍ଡିଆ ବ୍ରାଣ୍ଡ ଆମ୍ବାସଡ଼ର ଅଭିଷେକ ଶର୍ମା

ଭୁବନେଶ୍ୱର, ୨୯।୩ (ମହାଭାରତ): ଭାରତୀୟ ଯୁବପିଢ଼ୀଙ୍କୁ ଉନ୍ନତମାନର ଗ୍ରୁମିଙ୍ଗ ଉପରକୁ ପ୍ରଦାନ କରିବା ପ୍ରତିଶ୍ରୁତିକୁ ଦୋହରାଇ, ଜିଲେଟ୍ ପକ୍ଷରୁ ଅଭିଷେକଶର୍ମାଙ୍କୁ ନେଇ ଏକ ନୂତନ ଅଭିଯାନ ମାଧ୍ୟମରେ ଅଲ-ନିଉ ଜିଲେଟ୍‌ଗାର୍ଡ଼ ୩-ଇନ-୧ର ଶୁଭାରମ୍ଭ କରାଯାଇଛି। ଗାର୍ଡ଼ ୩-ଇନ-୧ ହେଉଛି ଭାରତୀୟ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଏକ ଉଚ୍ଚ-କ୍ଷମତାସମ୍ପନ୍ନ ଅପଗ୍ରେଡ଼। ଏହି ନୂତନତ୍ୱର ମୁଖ୍ୟ ଚେ଼ହେରା ଭାବେ ଅଭିଷେକ "ବଡେ ଲିଗ୍ କା ଶେଭ୍" ଅଭିଯାନରେ ନଜର ଆସିଛନ୍ତି, ଯାହା ନୂତନ ପିଢ଼ୀର ପୁରୁଷମାନଙ୍କୁ ସାଧାରଣ ଶେଭିଙ୍ଗରୁ ଉର୍ଦ୍ଧ୍ୱକୁ ଯାଇ ଏକ ଆତ୍ମବିଶ୍ୱାସୀ ଓ ଉନ୍ନତ ଗ୍ରୁମିଙ୍ଗ ଅଭିଜ୍ଞତା ଆପଣାଇବାକୁ ଉତ୍ସାହିତକରୁଛି। ଜିଲେଟ୍ ଗାର୍ଡ଼ ୩-ଇନ-୧ ହେଉଛି ଯୁବ ଭାରତର ଆକାଂକ୍ଷାର ଏକ ପ୍ରତିଫଳନ- ସେହି ପୁରୁଷମାନଙ୍କ ପାଇଁ ଯେଉଁମାନେ "ଚ଼ଳିବ ବୋଲି" ସାଧାରଣ ସମାଧାନରୁ ବାହାରି ଏକ ଉନ୍ନତ ଗ୍ରୁମିଙ୍ଗ ଅଭିଜ୍ଞତା ଚାହୁଁଛନ୍ତି। ଅଭିଷେକ ଶର୍ମାଙ୍କ ନେତୃତ୍ୱରେ ଏହି ଅଭିଯାନ ଉତ୍ପାଦକୁ ପ୍ରଗତିର ଏକ ପ୍ରତିକଭାବରେ ଉପସ୍ଥାପିତ କରୁଛି, ଯାହା ଗ୍ରାହକଙ୍କୁ ଜୀବନର ବଡ଼ ସୁଯୋଗ ପାଇଁ ଆତ୍ମ ବିଶ୍ୱାସର ସହ ପ୍ରସ୍ତୁତ ରହିବାରେ ସାହାଯ୍ୟ କରିବ। ଏହି ଅନନ୍ୟ ତିନୋଟି ପ୍ଲାଟିନମ-କୋଟେଡ ବ୍ଲେଡ଼, ଆଦି-ସ୍ଲିପ ରବର ଗ୍ରିପ୍ ହ୍ୟାଣ୍ଡେଲ ଏବଂ ଆକ୍ୱାଜେଲ୍ ଲୁବ୍ରାଷ୍ଟ୍ରିପ ସହିତ, ଜିଲେଟ୍‌ଗାର୍ଡ଼ ୩-ଇନ-୧ ଏହାର ମୁଖ୍ୟ ପ୍ରତିଶ୍ରୁତି ପୂରଣକରୁଛି "ଏକ ଷ୍ଟ୍ରୋକ୍ ମେ ସ୍ମୁଥ୍ ଶେଭ, ବିନା କଟେ, ବିନା ଜଲେ"। ଭାରତର ଜଣେ ଅତି ପ୍ରତିଭାଶାଳୀ ଯୁବ କ୍ରିକେଟର ଭାବରେ ଅଭିଷେକ ଶର୍ମା ସେହି ନୂତନ ପିଢ଼ୀର ପ୍ରତିନିଧିତ୍ୱ କରନ୍ତି, ଯେଉଁମାନେ ନିରନ୍ତର ପରବ??ୀ ସଫଳତା ପାଇଁ ଚେ଼ଷ୍ଟା କରୁଛନ୍ତି - ଯାହା ତାଙ୍କୁ ଏହି ଅଭିଯାନ ପାଇଁ ଏକ ଯୋଗ୍ୟ ଚେ଼ହେରା ଭାବେ ଗଢ଼ି ତୋଳିଛି। ନିଜର ଚି଼ନ୍ତାଧାରା ବ୍ୟକ୍ତ କରି ଅଭିଷେକ କହିଛନ୍ତି, "ଆଜିର ପ୍ରତ୍ୟେକ ଯୁବକ ନିଜ ଜୀବନର ପରବ??ୀସ୍ତରକୁ ଯିବା ପାଇଁ କଠିନ ପରିଶ୍ରମ କରୁଛନ୍ତି – ସେ ଖେଳ ହେଉ, କ୍ୟାରିୟର ହେଉକି ସାଧାରଣ ଜୀବନ ହେଉ। ମୋ ପାଇଁ, ନିଜକୁ ଆତ୍ମବିଶ୍ୱାସୀ ଏବଂ ମ୍ୟାଚ୍ ପ୍ରସ୍ତୁତ ଅନୁଭବ କରିବାରେ ଗ୍ରୁମିଙ୍ଗ ଏକ ବଡ଼ ଭୂମିକା ଗ୍ରହଣ କରିଥାଏ। ଜିଲେଟ ଗାର୍ଡ଼ ୩-ଇନ-୧ ବାସ୍ତବରେ ଅଲଗା, କାରଣ ଏହା କୌଣସି କଟା – ଚି଼ରା କିମ୍ବା ଜଳାପୋଡ଼ାରଚି଼ନ୍ତ।

# ସଚିବାଳୟର ଅଧିକାରୀମାନଙ୍କ ପାଇଁ ପୋଶ୍ ସଚେତନତା

ଭୁବନେଶ୍ୱର, ୨୯।୩ (ମହାଭାରତ): କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯାତନା (ପ୍ରତିରୋଧ, ନିଷେଧ ଏବଂ ନିରାକରଣ) ଅଧିନିୟମ, ୨୦୧୩ ଉପରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ କର୍ମଶାଳା ଭୁବନେଶ୍ୱରସ୍ଥିତ ରାଜ୍ୟ ସଚିବାଳୟର ଅଧିକାରୀମାନଙ୍କ ପାଇଁ ଅନୁଷ୍ଠିତ ହୋଇଯାଇଛି। ସଚେତନତାକୁ ସୁଦୃଢ଼ କରିବା ଏବଂ ଏକ ନିରାପଦ ତଥା ସମ୍ମାନଜନକ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅଧିବେଶନରେ ସମ୍ବଳ ବ୍ୟକ୍ତି ଶ୍ରୀମତୀ ସ୍ନେହ ଶର୍ମା ଏବଂ ଶ୍ରୀମତୀ ମାନସୀ ପାଢ଼ୀ ଯୋଗଦେଇ 'ପୋଶ୍' ଆଇନର ବିଭିନ୍ନ ବ୍ୟବସ୍ଥା, ଏହାର କାର୍ଯ୍ୟକାରିତା ଏବଂ ଗୁରୁତ୍ୱ ଉପରେ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ମର୍ଯ୍ୟାଦା, ସମାନତା ଏବଂ ପାରସ୍ପରିକ ସମ୍ମାନ ଉପରେ ଆଧାରିତ ଏକ କର୍ମକ୍ଷେତ୍ର ସଂସ୍କୃତି ଗଠନ କରିବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡକ୍ଟର ମୃଣାଳିନୀ ଦର୍ସୱାଲ ଏହି କାର୍ଯ୍ୟକ୍ରମକୁ ଉଦ୍?ଘାଟନ କରି ପ୍ରଶାସନିକ ଢାଞ୍ଚାରେ 'ପୋଶ୍' ଆଇନର ବଢୁଥିବା ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଏକ ନିରାପଦ କର୍ମକ୍ଷେତ୍ର ନିଶ୍ଚିତ କରିବା ଉଭୟ ଏକ ଆଇନଗତ ଆଦେଶ ଏବଂ ନୈତିକ ଦାୟିତ୍ୱ, ବିଶେଷ କରି ଓଡ଼ିଶା ଭଳି ଏକ ପ୍ରଗତିଶୀଳ ରାଜ୍ୟରେ ।ଏହି କର୍ମଶାଳାରେ ଅଧିକାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବା ଉପରେ କର୍ମଶାଳା

ଭୁବନେଶ୍ୱର, ୨୯।୩ (ମହାଭାରତ): ରାଜ୍ୟର ସହରାଂଚଳଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଓଡ଼ିଶା ଅଗ୍ନିଶମ ସେବା ପକ୍ଷରୁ ଆଭାସୀ (ଭର୍ଚୁଆଲ୍) ଜରିଆରେ ମିଳିତ ଭାବେ ଏକ ଉଚ୍ଚସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସହରାଂଚଳରେ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଏବଂ ବୈଷୟିକ ପ୍ରସ୍ତୁତିକୁ ଅଧିକ ସମନ୍ୱିତ କରିବା ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

କର୍ମଶାଳାରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ବୈଷୟିକ ଜ୍ଞାନକୌଶଳ ସମ୍ପର୍କରେ ସୂଚନା ଦେବା ସହ ନିରାପତ୍ତାମୂଳକ ପଦକ୍ଷେପ, ଆଧୁନିକ ଅଗ୍ନିଶମ ଉପକରଣର ବ୍ୟବହାର ଏବଂ ସାଂଗଠନିକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ସମଗ୍ର ରାଜ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ହେଉଛି ପ୍ରଥମ ବିଭାଗ ଯିଏ ଏଭଳି ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଅନ୍ତଃ-ବିଭାଗୀୟ ସମନ୍ୱୟର ଏକ ନୂତନ ଉଦାହରଣ ସୃଷ୍ଟି କରିଛି। ଶନିବାର ଦିନ ରାଜ୍ୟବ୍ୟାପୀ ଏକ ଅଗ୍ନି ନିରାପତ୍ତା ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ ଏବଂ ଏହାର ସଫଳ ରୂପାୟନ ପାଇଁ ସମସ୍ତ ପୌରାଂଚଳ ଗୁଡ଼ିକର ସହଯୋଗ କାମନା କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଅଗ୍ନି ନିରାପତ୍ତାକୁ କେବଳ ଏକ ନିୟମ ପାଳନ ଭାବେ ନଦେଖି ସହର ଶାସନ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ଅଗ୍ନିନିରାପତ୍ତା ବ୍ୟବସ୍ଥାକୁ ସମସ୍ତ ପୌରାଂଚଳ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଶ୍ରୀମତୀ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଭାସୀ ବୈଠକରେ ରାଜ୍ୟର ସମସ୍ତ ମହାନଗର ନିଗମର କମିଶନର, ପୌରପାଳିକା ଏବଂ ବିଜ୍ଞପିତ ଅଂଚଳ ପରିଷଦ ର ନିର୍ବାହୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏଥିସହ ଅଗ୍ନିଶମ ଅଧିକାରୀ ଓ ଉପ-ଅଗ୍ନିଶମ ଅଧିକାରୀମାନେ ମଧ୍ୟ ଭର୍ଚୁଆଲ୍ ମାଧ୍ୟମରେ ଏଥିରେ ସାମିଲ ହୋଇଥିଲେ। ନିକଟରେ ଘଟିଥିବା ଅଗ୍ନିକାଣ୍ଡଗୁଡ଼ିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଆଲୋଚନା ହୋଇଥିଲା। ଏହା ମୁଖ୍ୟତଃ ତିନୋଟି ଦିଗ ଉପରେ ପର୍ଯ୍ୟବେସିତ ଥିଲା—ପ୍ରସ୍ତୁତି, ପ୍ରତିରୋଧ ଏବଂ ଜନସଚେତନତା। ସହରଗୁଡ଼ିକୁ ଅଗ୍ନି-ନିରାପଦ କରିବା ପାଇଁ ବିଭାଗ ପକ୍ଷରୁ କେତେକ ପ୍ରମୁଖ ପଦକ୍ଷେପ ନିଆଯାଇଛି: °ଟ ଅଧିକାରୀ ଏବଂ ନାଗରିକମାନଙ୍କୁ କ୍ରମାଗତ ଭାବେ ସଚେତନ କରିବା। °ଟ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନଗୁଡ଼ିକରେ ବାଧ୍ୟତାମୂଳକ ନିୟମିତ ଅଗ୍ନି ସୁରକ୍ଷା ଯାଂଚ। °ଟ ତୃଣମୂଳ ସ୍ତରରେ ଅଗ୍ନି ପ୍ରତିରୋଧ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଉପରେ ସଚେତନତା ଅଭିଯାନ।

# ରାକୁଲ ପ୍ରୀତ ସିଂ ରସ୍ନାର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର, ୨୯।୩ (ମହାଭାରତ): ଭାରତର ସବୁଠାରୁ ଆଇକନିକ୍ ଏବଂ ପ୍ରିୟ ପାନୀୟ ବ୍ରାଣ୍ଡ ରସ୍ନା ନ୍ୟୁଟ୍ରି + ଲଂଚ ସହିତ ଗ୍ରୀଷ୍ମ ସତେଜତା ଦୃଶ୍ୟକୁ ଆନୁଷାଧିକ ଭାବରେ ପୁନଃ ପରିଭାଷିତ କରୁଛି । ଏହି ପୁଷ୍ଟିକର ସମୃଦ୍ଧ ପାଉଡର କନସେଟ୍ରେଟ୍ ହେଉଛି ରସନା ଆର ଆଣ୍ଡ ଡି ଡିଭିଜନର ଏକ ସଫଳତା, ଯାହା କିମ୍ବଦନ୍ତୀ ସ୍ୱାଦକୁ ଅତ୍ୟାବଶ୍ୟକ ସୁସ୍ଥତା ଲାଭ ସହିତ ମିଶ୍ରଣ କରି ଆଧୁନିକ ଭାରତୀୟ ପରିବାରର ଚାହିଦା ପୂରଣ କରିବା ପାଇଁ ଯତ୍ନର ସହିତ ଡିଜାଇନ୍ କରାଯାଇଛି । ୨୦୨୬ ଗ୍ରୀଷ୍ମ ଅଭିଯାନରେ ବଲିଉଡ ପାୱାରହାଉସ୍ ରାକୁଲ ପ୍ରୀତ ସିଂ ବ୍ରାଣ୍ଡର ନୂତନ ରାଷ୍ଟ୍ରଦୂତ ଭାବରେ ଅଭିନୟ କରିଛନ୍ତି। ରସ୍ନାର ଗ୍ରୁପ୍ ଚେୟାରମ୍ୟାନ୍ ଶ୍ରୀ ପିରୁଜ ଖମ୍ବାଟା କହିଛନ୍ତି ଯେ, "ଆଜିର ଗ୍ରାହକମାନେ ସୁସ୍ଥତା ଏବଂ ସ୍ୱାଦ ମଧ୍ୟରେ ବାଛିବାକୁ ମନା କରୁଛନ୍ତି। ରସ୍ନା ନ୍ୟୁଟ୍ରି + ଏହି ବ୍ୟବଧାନକୁ ସମ୍ପୂର୍ଣ୍ଣ ଭାବରେ ଦୂର କରେ । ଆମେ ମଧ୍ୟ ଅବିଶ୍ୱସନୀୟ ଭାବରେ ଗର୍ବିତ ଯେ ରସ୍ନା ଏକ 'ମେକ୍ ଇନ୍ ଇଣ୍ଡିଆ'ର ଅଗ୍ରଦୂତ ହୋଇ ରହିଛି । କେବଳ ସ୍ଥାନୀୟ ଉତ୍ପାଦିତ ଭାରତୀୟ ଫଳ ବ୍ୟବହାର କରି, ଆମେ ନିଶ୍ଚିତ କରୁଛୁ ଯେ ଆମର କୃଷକମାନେ ସେମାନଙ୍କ ଫସଲର ଦୁଇଗୁଣ ମୂଲ୍ୟ ପାଇବେ, ଯାହା କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଅନୁରୂପ ଅଟେ । ସାରା ଦେଶରେ ଫଳ ଉତ୍ସ ପାଇଁ ଆମେ ବହୁ ସଂଖ୍ୟକ କୃଷକଙ୍କ ସହ ମିଳିତ ହୋଇଛୁ । ଉପାଦାନ ଆମଦାନୀ କରୁଥିବା ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ଆମେ ୧୦୦% ଭାରତୀୟ ଏବଂ ୬୦ରୁ ଅଧିକ ଦେଶକୁ ଆମର ରେଞ୍ଜ ରପ୍ତାନି କରି ଗର୍ବିତ ।

# କଡ଼ ଲେଉଟାଉଛି ବିହାର ରାଜନୀତି

ନୀତିଶ ନିଶ୍ଚିତ ଭାବେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ଏହା ଏକ କଠିନ ଏବଂ ବହୁତ ବଡ଼ ନିଷ୍ପତ୍ତି। ଶୁଣାଯାଉଛି ଯେ, ନୀତିଶଙ୍କ ସ୍ଥାନରେ ତାଙ୍କ ପୁଅ ନିଶାନ୍ତ ଜେଡିୟୁର ନେତୃତ୍ୱ ନେବାକୁ ଯାଉଛନ୍ତି ଏବଂ ସେ ଖୁବ ଶୀଘ୍ର ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ନିଶାନ୍ତ ଏବେ ସକ୍ରିୟ ରାଜନୀତିରେ ପ୍ରବେଶ କରିଛନ୍ତି। ରାଜନୀତିର ଏ ବି ସି ଡି ସେ ଜାଣି ନାହାଁନ୍ତି। କିନ୍ତୁ ତାଙ୍କୁ ଏ ବିଷୟରେ ଜାଣିବାକୁ ଅଧିକ ସମୟ ଲାଗିବ ନାହିଁ। ଅସଲ କଥା ହେଲା ନୀତିଶ କୁମାର ଯେପରି ସଂଘର୍ଷ କରି ରାଜନୀତିରେ ନିଜକୁ ପ୍ରତିଷ୍ଠା କରିଛନ୍ତି ଏବଂ ତୃଣମୂଳ ସ୍ତରରୁ ଉଠି ଆଜି ନିଜକୁ ଜଣେ ଜାତୀୟ ସ୍ତରର ନେତାଭାବେ ପ୍ରତିଷ୍ଠା କରିଛନ୍ତି ତାହା ନିଶାନ୍ତଙ୍କ ଜୀବନରେ ଘଟିବ ନାହିଁ। ସବୁ ନେତାଙ୍କ ପିଲାମାନେ ଏପରି ବିନା ସଂଘର୍ଷରେ କ୍ଷମତା ଦଖଲ କରିଛନ୍ତି। ଅଖିଳେଶ ଯାଦବଙ୍କଠାରୁ ଆରମ୍ଭ କରି ରାହୁଲ ଗାନ୍ଧି, ସଚିନ ପାଇଲଟ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଅଭିଷେକ ବାନାର୍ଜୀ ପ୍ରମୁଖ ଏହି ଭଳି ନେତା ହୋଇ ଜନ୍ମ ହୋଇଛନ୍ତି। ସେମାନେ ସଂଘର୍ଷ କ’ ଜାଣି ନାହାଁନ୍ତି। ଲୋକଙ୍କ ସମସ୍ୟା ସମ୍ପର୍କରେ ସେମାନେ ଭଲଭାବେ ଅବଗତ ନାହାଁନ୍ତି। ନୀତିଶ କୁମାର ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରୁ ଜନ୍ମ ନେଇଥିଲେ। ଜୀବନ ସାରା ସେ ସମାଜବାଦ ନୀତି ଓ ଆଦର୍ଶରେ ରହି କାମ କରିଛନ୍ତି। ବିହାର ଭଳି ରାଜ୍ୟରେ ଏତେ ବର୍ଷ ରାଜନୀତିରେ ସଫଳ ହେବା ଏବଂ ଦୁଇ ଦଶନ୍ଧି ଧରି ରାଜ୍ୟ ମୁଖ୍ୟମନ୍ତ୍ରୀ ପଦରେ ରହିବା କିଛି କମ କଥା ନୁହେଁ। ତାଙ୍କୁ କେବଳ ବିରୋଧୀ କଂଗ୍ରେସ ସହ ମୁକାବିଲା କରିବାକୁ ପଡ଼ିଛି ତାହା ନୁହେଁ, ଏକଦା ନିଜର ସହଯୋଗୀ ଥିବା ଲାଲୁ ପ୍ରସାଦ ଯାଦବଙ୍କ ସହ ମଧ୍ୟ ତାଙ୍କୁ ଲଢ଼େଇ କରିବାକୁ ପଡ଼ିଛି। ଏଥିରେ ବିଜୟୀ ହୋଇଛନ୍ତି। ଏବେ ନୀତିଶ ରାଜ୍ୟସଭାକୁ ଗଲେ ହୁଏତ କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ହୋଇପାରନ୍ତି। ଉପ-ପ୍ରଧାନମନ୍ତ୍ରୀ ପଦ ମଧ୍ୟ ତାଙ୍କୁ ମିଳିପାରେ। କିନ୍ତୁ ଯାହା ବି ହେଲେ ସେ ଏବେ ବିହାର ରାଜନୀତି ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ହୋଇପାରିବେ ନାହିଁ। ନୀତିଶଙ୍କ ସ୍ଥାନରେ ବିହାରରେ କିଏ ହେବ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ତାହା ଏକ ବଡ଼ ପ୍ରଶ୍ନ। ଶୁଣାଯାଉଛି ଯେ, ଏଥର ବିଜେପିର କେହି ଜଣେ ନେତା ବିହାର ମୁଖ୍ୟମନ୍ତ୍ରୀ ହେବେ। ଅତୀତରେ ବିଜେପି ନିଜ ସଂଖ୍ୟା ଅଧିକ ଥିବା ସତ୍ତ୍ୱେ ନୀତିଶଙ୍କ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ଦେଇଛି। ଏବେ ନୀତିଶଙ୍କ ପାଳି ଋଣ ପରିଶୋଧ କରିବାର। କିନ୍ତୁ ଏହା ଏକ ସାମୟିକ ବ୍ୟବସ୍ଥା ହୋଇପାରେ। ନିଜ ପୁଅ ନିଶାନ୍ତଙ୍କୁ ରାଜନୀତିରେ ପୁରା ତାଲିମପ୍ରାପ୍ତ କରିବାକୁ ନୀତିଶ ତାଙ୍କୁ କିଛି ଦିନ ପାଇଁ ନେତୃତ୍ୱ ନଦେଇ ମୁଖ୍ୟମନ୍ତ୍ରୀ ପଦ ବିଜେପିକୁ ଛାଡ଼ିଦେବାକୁ ରାଜି ହୋଇଥାଇପାରନ୍ତି। ଜେଡିୟୁରେ ଆଉ କେହି ସେପରି ବ୍ୟକ୍ତି ଦେଖାଯାଉ ନାହାଁନ୍ତି ଯିଏ କି ନୀତିଶଙ୍କ ସ୍ଥାନରେ ବିହାର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିପାରିବ। ନୀତିଶ ମଧ୍ୟ ତାହା ଚାହିଁବେ ନାହିଁ। ଏଭଳି ପରିସ୍ଥିତିରେ ନୀତିଶ କିଛି ମାସ ପାଇଁ ବିଜେପିକୁ ନେତୃତ୍ୱ ହସ୍ତାନ୍ତରିତ କରିପାରନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଲେ ବି ନୀତିଶ ବିହାର ରାଜନୀତିରୁ ଦୁରେଇ ରହିବା ଅସମ୍ଭବ। ଦିଲ୍ଲୀରେ ଥାଇ ମଧ୍ୟ ନୀତିଶ କୁମାର ବିହାର ରାଜନୀତିକୁ ନିଜ ନିୟନ୍ତ୍ରଣରେ ରଖିବାକୁ ପ୍ରୟାସ କରିବେ। ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ବିହାର ରାଜନୀତିରେ ନୀତିଶଙ୍କ ସ୍ଥାନ ପୂରଣ ହେବା ସମ୍ଭବ ନୁହେଁ। ବିହାରରେ ଅଣ କଂଗ୍ରେସ ରାଜନୀତିର ସେ ହେଉଛନ୍ତି ମୁଖ୍ୟ ନାୟକ। ସେ ହେଉଛନ୍ତି ଲୋକନାୟକ ଜୟପ୍ରକାଶ ନାରାୟଣ, କର୍ପୁରୀ ଠାକୁରଙ୍କ ଦାୟାଦ। ତାଙ୍କୁ ଛାଡ଼ି ବିହାର ରାଜନୀତି କଳ୍ପନା କରାଯାଇପାରେନା।

# ଗୀତା ପ୍ରେସ

॥ ସର୍ବେଶ୍ୱର ବେହେରା ॥

“ ସବୁଠାରୁ ଆଶ୍ଚର୍ଯ୍ୟର କଥା ଗୀତା ପ୍ରେସ ଆଜି ପର୍ଯ୍ୟନ୍ତ କୌଣସି ବିଜ୍ଞାପନ, ସରକାରୀ ପୃଷ୍ଠପୋଷକତା କିମ୍ବା ଦାନ ଗ୍ରହଣ କରୁନାହିଁ । ୧୯୨୬ରୁ ‘କଲ୍ୟାଣ’ ପତ୍ରିକା ମାସିକ ନିରନ୍ତର ବହୁଳ ପ୍ରକାଶନ ହେଉଛି । କିନ୍ତୁ ଏହି ପତ୍ରିକାରେ କୌଣସି ବିଜ୍ଞାପନ ଦେଖିବାକୁ ମିଳେନାହିଁ । ସମାଜରେ ସନାତନ ମୂଲ୍ୟବୋଧର ପ୍ରଚାର ପ୍ରସାର ଏହାର ଏକମାତ୍ର ଲକ୍ଷ୍ୟ । ଏଣୁ କୌଣସି ଲାଭ ନରଖି କେବଳ ଉତ୍ପାଦନ ମୂଲ୍ୟ ସହିତ ପୁସ୍ତକଗୁଡିକ ବିକ୍ରି ହୋଇଥାଏ । ଗୀତା ପ୍ରେସର ପ୍ରାୟ ୧୮୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶନ ମଧ୍ୟରୁ ୭୫୦ ହିନ୍ଦୀ ଓ ସଂସ୍କୃତରେ ପ୍ରକାଶିତ ହୋଇଛି । ବାକି ସମସ୍ତ ଭାରତର କେତେକ ପ୍ରାନ୍ତୀୟ ଭାଷାରେ ପ୍ରକାଶ ହୋଇଛି ।

ଭାରତ ସରକାର ଗୀତା ପ୍ରେସକୁ ୨୦୨୧ ମସିହାର ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି । ଗତ ଏକ ଶତାବ୍ଦୀ ଧରି ଗୀତା ପ୍ରେସ ନିଃସ୍ୱାର୍ଥ ଓ ନିଷ୍ପାପର ଭାବେ ସନାତନ ଧର୍ମର ପ୍ରଚାର ଓ ପ୍ରସାର କରୁଛି । ଗତ ଶହେ ବର୍ଷ ଧରି ଗୀତା ପ୍ରେସ ପ୍ରାୟ ୭୨କୋଟି ପୁସ୍ତକ ପ୍ରକାଶ କରି ସାମାଜିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ କ୍ଷେତ୍ରରେ ଏକ କୀର୍ତ୍ତିମାନ ସ୍ଥାପନ କରିଛି । ଏହା ସହିତ ଗୀତା ପ୍ରେସ ମାସିକ ପତ୍ରିକା ‘କଲ୍ୟାଣ’ ନିୟମିତ ପ୍ରକାଶ କରୁଛି । ଏହାର ସର୍ବାଦୌ ଆଦୃତ ହେଉଛି । ପ୍ରତ୍ୟେକ ବର୍ଷ ‘କଲ୍ୟାଣ’ ଏକ ବିଶେଷାଙ୍କ ପ୍ରକାଶ କରୁଛି, ଯାହାକୁ ପାଠକମାନେ ପ୍ରତୀକ୍ଷା କରିଥାଆନ୍ତି । ଚଳିତବର୍ଷ ବିଶେଷାଙ୍କର ନାମ ଥିଲା ‘ଦୈବୀ ସମ୍ପଦା’ ।

ଗୀତା ପ୍ରେସ୍‌ର ସ୍ଥାପନା ୧୯୨୩ ମସିହା ଏପ୍ରିଲ ମାସରେ ହୋଇଥିଲା । ଏହାର ସଂସ୍ଥାପକ ଶ୍ରୀ ଜୟଦୟାଲ ଗୋଏଙ୍କା (୧୮୮୫-୧୯୬୪) ଥିଲେ । ଉତ୍ତର ପ୍ରଦେଶର ଗୋରଖପୁରଠାରେ ଏହା ପ୍ରତିଷ୍ଠା ହୋଇ ଆଜି ପର୍ଯ୍ୟନ୍ତ ନିରନ୍ତର ଭାବେ ପାଠକମାନଙ୍କ ସେବା କରିଆସୁଛି । ଶ୍ରୀ ଗୋଏଙ୍କା ଭଗବତ୍ ଗୀତା ପ୍ରତି ସମର୍ପିତ ଥିଲେ । ସେ ଗୀତା ପ୍ରେସର ପ୍ରତିଷ୍ଠା ମୁଖ୍ୟତଃ ଗୀତାର ବହୁଳ ପ୍ରଚାର ପ୍ରସାର ପାଇଁ କରିଥିଲେ । ଗତ ଶହେ ବର୍ଷ ଧରି ଗୀତା ପ୍ରେସ ସର୍ବାଧିକ ଶ୍ରୀମଦ୍ ଭଗବତ୍ ଗୀତା ମୁଦ୍ରଣ କରିଛି । ଏ ପର୍ଯ୍ୟନ୍ତ ୧୬କୋଟି ଶ୍ରୀମଦ୍ ଭଗବତ୍ ଗୀତା ବିକ୍ରୟ ହୋଇଛି । ଗୀତା ପୁସ୍ତକ ପରେ ଶ୍ରୀ ହନୁମାନ ଚାଳିଶା ପୁସ୍ତକ ପ୍ରାୟ ୧୦ କୋଟି ମୁଦ୍ରଣ ହୋଇଛି । ତୃତୀୟ ସ୍ଥାନରେ ଶ୍ରୀରାମଚରିତ ମାନସ, ଯାହା ପ୍ରାୟ ତିନି କୋଟିରୁ ଉର୍ଦ୍ଧ୍ୱ ମୁଦ୍ରଣ ହୋଇଛି । ଏ ସମସ୍ତ ପୁସ୍ତକ କେବଳ ସଂସ୍କୃତ ଓ ହିନ୍ଦୀରେ ନୁହେଁ, ଅପିତୁ କେତେକ ପ୍ରାନ୍ତୀୟ ଭାଷାରେ ମଧ୍ୟ ମୁଦ୍ରଣ ହୋଇଛି ।

ଶ୍ରୀ ଗୋଏଙ୍କାଙ୍କ ସହିତ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର ପରେ ଏହି ସନାତନ ମୂଲ୍ୟବୋଧ କାର୍ଯ୍ୟରେ ସଂଲଗ୍ନ ହେଲେ । ସ୍ୱାମୀ ରାମସୁଖ ଦାସ, ଶ୍ରୀ ଚମ୍ପନଲାଲ ଗୋସ୍ୱାମୀ, ସ୍ୱାମୀ ଅଖଣ୍ଡାନନ୍ଦ ସରସ୍ୱତୀ ଆଦି ମହାନ ସଂସ୍କାରକମାନେ ଏହାର କଳେବର ବର୍ଦ୍ଧିତ କରିଛନ୍ତି । ଶ୍ରୀ ପୋଦ୍ଦାର ‘କଲ୍ୟାଣ’ ମାସିକ ପତ୍ରିକା ପ୍ରକାଶନ ସହିତ ସନାତନ ଧର୍ମର ବହୁ ଗ୍ରନ୍ଥ ଯଥା- ଶ୍ରୀମଦ୍ ଭଗବତ୍ ଗୀତା, ରାମାୟଣ, ପୁରାଣ, ଭାଗବତ, ଗୋସ୍ୱାମୀ ତୁଳସୀଦାସ ଆଦି ମହାପୁରୁଷଙ୍କ ରଚିତ ଗ୍ରନ୍ଥ ଏବଂ ଶ୍ରୀଚୈତନ୍ୟ ଚରିତାମୃତ ଆଦିକୁ ଜନସାଧାରଣଙ୍କ ନିକଟରେ ସରଳ ଓ ସୁଲଭ ଭାବେ ଉପସ୍ଥାପନ କରିଛନ୍ତି । ସମସ୍ତ ଉପନିଷଦଗୁଡ଼ିକ ସହିତ ଆଦି ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟକୁ ଗୀତା ପ୍ରେସ ମଧ୍ୟ ମୁଦ୍ରଣ କରିଛି । ଗୀତା ପ୍ରେସ ସଂକ୍ଷିପ୍ତ ମହାଭାରତ ଓ ସମ୍ପୂର୍ଣ୍ଣ ମହାଭାରତ ସର୍ବପ୍ରଥମେ ପ୍ରକାଶ କରିଛି । ଉତ୍ତରପ୍ରଦେଶ ସହିତ ହିନ୍ଦୀ ଭାଷାଭାଷୀ କ୍ଷେତ୍ରରେ ସଂସ୍କାରିତ ପରିବାରରେ ‘କଲ୍ୟାଣ’ ପତ୍ରିକା ଦେଖିବାକୁ ମିଳୁଛି। ଗୀତା ପ୍ରେସର ଚାହିଦା ବିପୁଳ ମାତ୍ରାରେ ଦେଖିବାକୁ ବୃଦ୍ଧି ପାଉଛି । ଦେଶର ପ୍ରମୁଖ ରେଳଷ୍ଟେସନ ଓ ବସ୍‌ଷ୍ଟାଣ୍ଡମାନଙ୍କରେ ଗୀତା ପ୍ରେସର ପୁସ୍ତକ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି । ଏହାର ଏକମାତ୍ର କାରଣ ଯେ ଗୀତା ପ୍ରେସ ସନାତନ ସେବା ନିମିତ୍ତ ସମର୍ପିତ ଏକ ସଂସ୍ଥା, କୌଣସି ବ୍ୟବସାୟିକ ସଂସ୍ଥା ନୁହେଁ । ଏହାର ଉଦ୍ଦେଶ୍ୟ ରୋଜଗାର କରି ଲାଭାନ୍ୱିତ ହେବା ନୁହେଁ ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ଗୀତା ପ୍ରେସ ଆଜି ପର୍ଯ୍ୟନ୍ତ କୌଣସି ବିଜ୍ଞାପନ, ସରକାରୀ ପୃଷ୍ଠପୋଷକତା କିମ୍ବା ଦାନ ଗ୍ରହଣ କରୁନାହିଁ । ୧୯୨୬ରୁ ‘କଲ୍ୟାଣ’ ପତ୍ରିକା ମାସିକ ନିରନ୍ତର ବହୁଳ ପ୍ରକାଶନ ହେଉଛି । କିନ୍ତୁ ଏହି ପତ୍ରିକାରେ କୌଣସି ବିଜ୍ଞାପନ ଦେଖିବାକୁ ମିଳେନାହିଁ । ସମାଜରେ ସନାତନ ମୂଲ୍ୟବୋଧର ପ୍ରଚାର ପ୍ରସାର ଏହାର ଏକମାତ୍ର ଲକ୍ଷ୍ୟ । ଏଣୁ କୌଣସି ଲାଭ ନରଖି କେବଳ ଉତ୍ପାଦନ ମୂଲ୍ୟ ସହିତ ପୁସ୍ତକଗୁଡିକ ବିକ୍ରି ହୋଇଥାଏ । ଗୀତା ପ୍ରେସର ପ୍ରାୟ ୧୮୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶନ ମଧ୍ୟରୁ ୭୫୦ ହିନ୍ଦୀ ଓ ସଂସ୍କୃତରେ ପ୍ରକାଶିତ ହୋଇଛି । ବାକି ସମସ୍ତ ଭାରତର କେତେକ ପ୍ରାନ୍ତୀୟ ଭାଷାରେ ପ୍ରକାଶ ହୋଇଛି ।

ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ରାମମନ୍ଦିର ସମ୍ବନ୍ଧୀୟ ନିର୍ଣ୍ଣୟ ଆସିବା ପରେ ୨୦୨୧ ମସିହାରେ ଗୀତା ପ୍ରେସ ‘ଅଯୋଧ୍ୟା ଦର୍ଶନ’ ନାମରେ ଏକ ସୁନ୍ଦର ପୁସ୍ତକ ପ୍ରକାଶ କରିଛି । ୧୨୮ ପୃଷ୍ଠା ବିଶିଷ୍ଟ ରଙ୍ଗୀନ ପୁସ୍ତକରେ ଅଯୋଧ୍ୟାର ରାୟ ସହିତ ଅଯୋଧ୍ୟାରେ ଥିବା ମୁଖ୍ୟ ମନ୍ଦିରଗୁଡ଼ିକର ସଂକ୍ଷିପ୍ତ ପରିଚୟ ପ୍ରଦାନ କରାଯାଇଛି। ଏଥିରେ ଅଯୋଧ୍ୟାର ଶାସ୍ତ୍ରୀୟ ମହତ୍ତ୍ୱକୁ ଅତି ସରଳ ଭାଷାରେ ଉଲ୍ଲେଖ କରାଯାଇଛି । ବିଶ୍ୱର ଜନସାଧାରଣଙ୍କ ପାଇଁ ଇଂରାଜୀ ଭାଷାରେ ଶ୍ରୀମଦ ଭଗବତ୍ ଗୀତା, ହନୁମାନ ଚାଳିଶା, ଶ୍ରୀରାମଚରିତ ମାନସ ଆଦି ପ୍ରକାଶ ପାଇଛି । ଇଂରାଜୀ ଭାଷାରେ ଏହି ପୁସ୍ତକ ଗୁଡିକ ବିଶ୍ୱରେ ବହୁଳ ଆଦୃତ ହେଉଛି।

ଗତ କିଛିଦିନ ତଳେ ଦେଶରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡ଼ିଆ)ରେ ପ୍ରଚାର କଲେ ଯେ ଗୀତା ପ୍ରେସ ବନ୍ଦ ହୋଇଯିବ । ଏହା ବିପୁଳ କ୍ଷତିରେ ଚାଲୁଛି । କେତେକ ସମ୍ବାଦପତ୍ରରେ ମଧ୍ୟ ଏହା ପ୍ରକାଶ ପାଇଲା । ବାସ୍ତବରେ ଏହା ସତ୍ୟ ନୁହେଁ । କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ଏହି ଗୀତା ପ୍ରେସ ନାଁରେ ଚାନ୍ଦା ସଂଗ୍ରହ ପାଇଁ ଏପରି ବିଭ୍ରାନ୍ତକାରୀ ସମ୍ବାଦ ପରିବେଷଣ କରିଥିଲେ । ଗୀତା ପ୍ରେସ କେବଳ ଭାରତରେ ନୁହେଁ, ଅପିତୁ ବିଶ୍ୱର ଏକ ଅଗ୍ରଣୀ ସଂସ୍ଥା । ୨୦୨୦ ମସିହାରେ ଗୀତା ପ୍ରେସ ୧୧ କୋଟି ଅର୍ଥ ବ୍ୟୟ କରି ଜର୍ମାନୀରୁ ପୁସ୍ତକ ବନ୍ଧେଇ (ବାଇଣ୍ଡିଂ) ମେସିନ କ୍ରୟ କରିଛି । ୨୦୨୧ ମସିହାରେ ଜାପାନରୁ ଛଅ କୋଟି ଅର୍ଥ ବ୍ୟୟରେ ‘ଫୋର କଲର ଅପସେଟ୍ ପ୍ରିଣ୍ଟିଂ’ ମେସିନ କ୍ରୟ କରିଛି । ପୁସ୍ତକଗୁଡିକର ଉତ୍କୃଷ୍ଟ ପ୍ରକାଶନ ଓ ବନ୍ଧେଇ ପାଇଁ ଗୀତା ପ୍ରେସ ସର୍ବଦା ଧ୍ୟାନକେନ୍ଦ୍ରିତ କରୁଛି । ପ୍ରତିବର୍ଷ ପ୍ରାୟ ୬୦ କୋଟି ଟଙ୍କାର ପୁସ୍ତକ ବିକ୍ରି ହେଉଛି । ତା’ଛଡା ୫ କୋଟି ଟଙ୍କାର ‘କଲ୍ୟାଣ’ ମାସିକ ପତ୍ରିକା ବିକ୍ରି ହେଉଛି । ପ୍ରତ୍ୟେକ ବର୍ଷ ପ୍ରାୟ ୫ହଜାର ମେଟ୍ରିକ୍ ଟନ କାଗଜ ପ୍ରକାଶନ ପାଇଁ ଆବଶ୍ୟକ ହେଉଛି । ଏଥିରେ ୧୮୫ଜଣ ନିୟମିତ ଓ ୨୦୦ ଜଣ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି ।

ଗୀତା ପ୍ରେସ ଦ୍ୱାରା ଅନେକ ସେବା କାର୍ଯ୍ୟ ଚାଲିଛି । ଗୀତାଭବନ ସେବାଗ୍ରାମଠାରେ ପ୍ରାୟ ୧୦୦୦ରୁ ଅଧିକ ନିବାସ କକ୍ଷ ଅଛି । ଏଠାରେ ପ୍ରତ୍ୟେକ ଦିନ ସତ୍‌ସଙ୍ଗ, ସାଧୁ ସନ୍ଥମାନଙ୍କ ପାଇଁ ନିବାସ, ନିଃଶୁଳ୍କ ଆୟୁର୍ବେଦ ଚିକିତ୍ସା ସେବା ତଥା କମ୍ ମୂଲ୍ୟରେ ଭୋଜନ ମିଳୁଛି । ସାଧୁସନ୍ଥମାନଙ୍କ ପାଇଁ ନିଃଶୁଳ୍କ ଭୋଜନ ଓ ବସ୍ତ୍ରାଦି ପ୍ରଦାନ କରାଯାଉଛି । ଗୀତା ଭବନର ଆୟୁର୍ବେଦ ସଂସ୍ଥାଠାରେ ଆୟୁର୍ବେଦ ଔଷଧ ଉତ୍ପାଦନ ହୋଇଥାଏ । ସେବାଗ୍ରାମ ଦ୍ୱାରା ଗୋରଖପୁର, କୋଲକାତା, ଚୁରୁ (ରାଜସ୍ଥାନ), ସୁରତ (ଗୁଜୁରାଟ) ଆଦି ସ୍ଥାନମାନଙ୍କରେ ନିଃଶୁଳ୍କ ଆୟୁର୍ବେଦୀୟ ଚିକିତ୍ସା ପ୍ରଦାନ କରାଯାଉଛି । ଗୀତା ପ୍ରେସର ବ୍ରହ୍ମଚର୍ଯ୍ୟ ଆଶ୍ରମ ଚୁରୁଠାରେ ଚାଲୁଛି । ଏଠାରେ ବ୍ରହ୍ମଚାରୀମାନଙ୍କୁ ନିଃଶୁଳ୍କ ଶିକ୍ଷା, ନିବାସ, ଚିକିତ୍ସା, ଭୋଜନ ଆଦି ପ୍ରଦାନ କରାଯାଉଛି । ବ୍ରହ୍ମଚାରୀମାନଙ୍କୁ ଗୁରୁକୁଳ ପଦ୍ଧତିରେ ଶିକ୍ଷା ପ୍ରଦାନ କରାଯାଉଛି । କୋଲକତାଠାରେ ଥିବା ଗୋବିନ୍ଦ ଭବନଠାରେ ଏହାର ମୁଖ୍ୟ କାର୍ଯ୍ୟାଳୟ ଅଛି । ଏଠାରେ ପ୍ରତ୍ୟେକ ଦିନ ଗୀତାପାଠ ସହିତ ସାଧୁସନ୍ଥମାନଙ୍କର ପ୍ରବଚନ ହେଉଛି । ଗୀତା ପ୍ରେସକୁ ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନକୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିରୋଧ କରୁଛନ୍ତି । ଏହି ବ୍ୟକ୍ତିମାନେ ଭାରତୀୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପୁସ୍ତକ ସହିତ ସତ୍‌ସାହିତ୍ୟ ପ୍ରକାଶନର ବିରୋଧୀ ବୋଲି ସ୍ପଷ୍ଟ ଜଣାପଡୁଛି। ଗୀତା ପ୍ରେସ ଗତ ୧୦୦ ବର୍ଷ ଧରି ଭାରତୀୟ ଜନମାନସରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା ସୃଷ୍ଟି କରୁଛି । କେତେକ ରାଜନୈତିକ ନେତାମାନେ ସନାତନ ସଂସ୍କୃତିର ବାହକ ଗୀତା ପ୍ରେସ୍‌କୁ ବିରୋଧ କରି ନୀଚ ସଂଖ୍ୟାଲଘୁ ତୁଷ୍ଟୀକରଣ କରୁଛନ୍ତି । ଭାରତୀୟ ସନାତନ ସଂସ୍କୃତି, ଆଧ୍ୟାତ୍ମିକ, ସାଂସ୍କୃତିକ ଜାଗରଣକୁ ବିରୋଧ କରି ନିଜକୁ ଶ୍ରେଷ୍ଠ ଧର୍ମନିରପେକ୍ଷବାଦୀ ବୋଲି ପରିଗଣିତ କରିବା ଏହି ନେତାମାନଙ୍କର ଫେସନ ହୋଇଗଲାଣି । ପ୍ରକାଶ ଥାଉ କି ଗୀତା ପ୍ରେସ ଗାନ୍ଧୀ ଶାନ୍ତି ପୁରସ୍କାର ପାଇଁ ନିଜର ନୀତି ସହିତ ସାଲିସ କରିନାହିଁ । ସେ କେବଳ ପୁରସ୍କାର ଗ୍ରହଣ କରିବ, ପୁରସ୍କାର ସ୍ୱରୂପ ଏକ କୋଟିରୁ ରାଶି ଗ୍ରହଣ କରିବ ନାହିଁ । କାରଣ ସେ ତା’ର ଜନ୍ମଠାରୁ ଆଜିପର୍ଯ୍ୟନ୍ତ କୌଣସି ଦାନ ଗ୍ରହଣ କରିନାହିଁ ।

ଆଡଭୋକେଟ, ଖଟବିନ ସାହି, କଟକ
ମୋ-୯୪୩୭୦୧୬୩୮୪

# ମାନସିକ ସ୍ୱାସ୍ଥ୍ୟ ଓ ଯୋଗ

॥ ଡାକ୍ତର ସମ୍ରାଟ କର ॥

ବର୍ତ୍ତମାନ ସବୁଠାରେ, ସବୁ କ୍ଷେତ୍ରରେ ବ୍ୟସ୍ତତା ଆମେ ଦେଖୁଛୁ। ତେଲ ଲୁଣ ସଂସାରକୁ ଚଳାଇବା ନିମିତ୍ତ ବୃତ୍ତିଗତ କ୍ଷେତ୍ର ତ ନିଶ୍ଚୟ କିନ୍ତୁ ସାଧାରଣ ସଚେତନତାର ଅଭାବରୁ ମାନସିକ ସ୍ଥିତି ବିଗିଡ଼ି ଯାଏ। ପ୍ରଥମ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ କିନ୍ତୁ ତଥାକଥିତ ଝଡ଼ାଫୁଙ୍କା, ଗୁଣି ଗାରେଡ଼ିରୁ ଫେଲ ହେଲା ପରେ ଯେଉଁମାନେ ବି ଆସନ୍ତି ସେମାନଙ୍କ ପାଇଁ ଆମର ଚିକିତ୍ସା ବ୍ୟବସ୍ଥା ସ୍ୱତନ୍ତ୍ର ରହିଥାଏ। ଏହି ଲେଖକ ମନକଥା ଜାଣନ୍ତୁ ମାଧ୍ୟମରେ ମାନସିକ ରୋଗର ସମସ୍ତ ଦୃଷ୍ଟିକୋଣକୁ ଚିନ୍ତନ କରିବା ସହ ଆବଶ୍ୟକୀୟ ପରାମର୍ଶ ଓ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି। ମାନସିକା ବିଶାଦ, ଅବସାଦ, ହତୋତ୍ସାହ ହେଉ ବା ବର୍ତ୍ତମାନ ସମୟରେ କୁହାଯାଉଥିବା ମାନିଆ ବୋଇଲେ ଅତ୍ୟଧିକ ମାନସିକ ଉତ୍‌ଫୁଲ୍ଲତା, ଉନ୍ମଦତା। ନିଜକୁ ସନ୍ଦେହକରି ବିଭିନ୍ନ ଭୟକୁ ଆଚ୍ଛାଦିତ କରୁଥିବା ରୋଗୀମାନଙ୍କ ପାଇଁ ପ୍ରସଙ୍ଗ ହେଉଛି ସିଜୋଫ୍ରେନିଆ। ତେବେ ଅତ୍ୟଧିକ ଛାନିଆ କୁହାଯାଉଥିବା ଆଙ୍ଗଜାଇଟି ଏବଂ ନିର୍ଦ୍ଦିଷ୍ଟ ସ୍ଥାନ, ବସ୍ତୁ ଓ କାର୍ଯ୍ୟ ପ୍ରସ୍ତୁତିକୁ ଦେଖି ଯେଉଁ ଅହେତୁକ ଭୟ ପରିଦର୍ଶିତ ହୋଇଥାଏ ତାହା ହେଉଛି ଫୋବିୟା। ଯଦିଓ ହିଷ୍ଟେରିଆ, ନିଶା, ନିଦ ନ ହେବା, ସ୍ୱପ୍ନ, ଯୌନ ସମସ୍ୟା ପରି ବିଭିନ୍ନ ପ୍ରସଙ୍ଗରେ ଏହି ଗଣମାଧ୍ୟମ ଦ୍ୱାରା ସଚେତନତାର ବାର୍ତ୍ତା ଦେଉଛି ସର୍ବଦା ନିଜର ନିୟମିତ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ସଚେତନତାର ବାର୍ତ୍ତା ପ୍ରସାର କରିବା।

ଅନେକ ହୁଏତ ଜାଣିନଥାନ୍ତି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ବା ପରାମର୍ଶ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଥାଏ ପରିପାର୍ଶ୍ୱିକ ଅବସ୍ଥିତି। ତଥାକଥିତ ପ୍ରାଣାୟମ ହେଉ ବା ଯୋଗାଭ୍ୟାସ ଏହା ନିଶ୍ଚିନ୍ତ ଭାବରେ କେବଳ ରୋଗୀ ନୁହଁନ୍ତି ସମସ୍ତଙ୍କ ପାଇଁ ଏକ ଆନନ୍ଦର ସୁଯୋଗ। ପ୍ରଶ୍ନ ଉଠୁଛି ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୋଗର ପ୍ରାସଙ୍ଗିକତା କ’ଣ ରହିଛି ? ଏହା ଅଟଳ ସତ୍ୟ ଯେ ଯୋଗ ହେଉ ବା ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ହେଉ ବା ସମ୍ମାନଜନକ ଦଣ୍ଡବୁଲା ଏହି କ୍ଷେତ୍ରରେ ସ୍ୱତନ୍ତ୍ରତା ରଖିଥାଏ। ମାନସିକ ରୋଗକୁ ସମ୍ମୁଖୀନ ହେଉଥିବା ରୋଗୀମାନେ ନିଶ୍ଚିନ୍ତ ଭାବରେ ଏହି ରୋଗର ସର୍ବୋତ୍ତମ ଚିକିତ୍ସକଙ୍କୁ



ସାକ୍ଷାତ କରିବା। ଏବଂ କୌଣସି କ୍ଷେତ୍ରରେ ବି ନିଜ ପୂର୍ବ ସମୟର ମୁହୂର୍ତ୍ତକୁ ଲୁଚାଇବା ନାହିଁ। ସାମ୍ପ୍ରତିକ ସମୟରେ କର୍ମ ବ୍ୟସ୍ତତା ବା ଚୁଲି ଚଟୁର ଦାୟିତ୍ୱ ଭିତରେ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଜଣେ ଚରିତ୍ର ହେଉ କିନ୍ତୁ ଏହା ହିଁ ପ୍ରୟୋଜନ ଯେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗର ପ୍ରାସଙ୍ଗିକତାକୁ ଉପଲବ୍ଧି କରିବା। ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଏବେ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ଯୋଗକୁ ଗୁରୁତ୍ୱ ଦେଇଛି। ବର୍ତ୍ତମାନର ସମାଜ, ପରିବେଶ ଏବଂ ପରିପାର୍ଶ୍ୱ ଅବସ୍ଥିତିର କ୍ଷେତ୍ର ଯାହା ନିଜ ବ୍ୟକ୍ତିଗତ ଜୀବନରେ ଯୋଗ କରିବା ନିଶ୍ଚିନ୍ତ ଭାବେ ବାଞ୍ଛନୀୟ। ବିଶେଷକରି ମାନସିକ ରୋଗ ଚିକିତ୍ସା ପାଇଁ ଛଟପଟ ହେଉଥିବା ପରିପାର୍ଶ୍ୱିକ ସ୍ଥିତି ଥିଲେ ବି ଏହାର କୌଣସି ସମାଧାନ ହୋଇପାରିନଥାଏ। କାରଣ ମାନସିକ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଜଣେ କୌଣସି କ୍ଷେତ୍ରକୁ ନଲୁଚାଇ ଚିକିତ୍ସକଙ୍କୁ ସୂଚନା ଦେବା ଜରୁରୀ। ମାନସିକ ରୋଗ କ୍ଷେତ୍ର ବୋଇଲେ ମୁଣ୍ଡର କୌଣସି କ୍ଷତି ବା ଆଉ କିଛି ବି ନୁହେଁ। କିନ୍ତୁ କଥା ହେଉଛି ମାନସିକ ରୋଗ କ୍ଷେତ୍ରରେ ଯେଉଁମାନେ ସାମ୍ନାକୁ ଆସିପାରୁଛନ୍ତି ଏହାଙ୍କୁ ନେଇ ଏକ ସଚେତନତାର ବାର୍ତ୍ତା ପ୍ରଦାନ କରିବା। ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା। କିନ୍ତୁ ଦୈବୀ ପ୍ରୀତି, ପାପଭିତ୍ତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାବା ବାଞ୍ଛନୀୟ। ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘ କାଳୀନ ସତ୍ୟ ହେଲେ ଏହି କ୍ଷେତ୍ର ପାଇଁ ଯେହେତୁ ମୁଁ ମାର୍ଗଦର୍ଶନ କରୁଛି ତେଣୁ ଏହା ହିଁ କହିବି ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ ପ୍ରାଣାୟମର ଆବଶ୍ୟକତା ରହିଛି। ଏହି ଲେଖକ ଚିକିତ୍ସା ପରାମର୍ଶ କ୍ଷେତ୍ରରେ ଅନୁଭବ ବି କରିଛି ଯେ ଯୋଗ ପ୍ରାଣାୟମର ପ୍ରାସଙ୍ଗିକତା କ’ଣ ? ତେବେ ଯାହାହେଉନା କାହିଁକି ଯୋଗ ଦିବସରେ ଆମ ମାନଙ୍କ ଭିତରେ ଏକ ସଚେତନତାର ବାର୍ତ୍ତା ପ୍ରତିଷ୍ଠା ହେଉ ଏବଂ ଆମ ମହାନ ଆର୍ଯ୍ୟ ସଂସ୍କୃତିର ବିଚାର ଚିନ୍ତନ ଏହି ଯୋଗକୁ ଗ୍ରହଣ କରିବା ଦ୍ୱାରା ଏହାର ପ୍ରାସଙ୍ଗିକତା ଉଲ୍ଲେଖ ରହିବ।

ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଶୁଭଦ୍ରାରୁ ମୁଦ୍ରା

॥ ଶ୍ରୀମତୀ ରଶ୍ମୀ ମହାପାତ୍ର ॥




“ଉତ୍କର୍ଷ ଓଡ଼ିଶା” ସମ୍ମିଳନୀ ପାଳିତ ହୋଇସାରିଛି। ଶିଳ୍ପ, ପର୍ଯ୍ୟଟନ, ବୟନ, କଳା, ସଂସ୍କୃତି, ଜଙ୍ଗଲ ସମ୍ପଦ, ଖଣି, ସ୍ୱାସ୍ଥ୍ୟ, ଶିକ୍ଷା, କଳା, ସାମୁଦ୍ରିକ ମତ୍ସ୍ୟ ଇତ୍ୟାଦି କ୍ଷେତ୍ରରେ ଦେଶ ବିଦେଶରୁ ପୁଞ୍ଜିନିବେଶକୁ ମୁଖ୍ୟ ବିଷୟ କରାଯାଇଥିଲା।

ଓଡ଼ିଶା ଏହି ସବୁକ୍ଷେତ୍ରରେ ବିକାଶ ସହିତ ଯୁବବର୍ଗଙ୍କୁ କର୍ମନିଯୁକ୍ତି, ଅର୍ଥନୈତିକ ଅଭିବୃଦ୍ଧି ସହିତ ଐତିହ୍ୟର ଗାରିମାକୁ ନିଶ୍ଚିତ ବିଶ୍ୱଦରବାରରେ ପ୍ରତିଷ୍ଠା କରିପାରିବ ଏହା ନିଃସନ୍ଦେହ। କିନ୍ତୁ ଜଣେ ଓଡ଼ିଶାର ନାଗରିକ ଭାବେ ମୋ ମନରେ କିଛି ସନ୍ଦେହ ରହିଛି। ଏ ପର୍ଯ୍ୟନ୍ତ ଆମେ ସବୁ ରାଜ୍ୟ ଅପେକ୍ଷା ଅଧିକ ବିପିଏଲ ଭୁକ୍ତ ଅଧିକା ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଚେଷ୍ଟିତ କାହିଁକି ? ଓଡ଼ିଶାର ୨୪ ବର୍ଷର ଶାସନ ପରେ ଭାରତୀୟ ଜନତା ପାର୍ଟି (ବିଜେପି) ସରକାର ଦାୟିତ୍ୱ ନେଇଛନ୍ତି। ସ୍ୱଳ୍ପ ସମୟ ଭିତରେ ୨୦୨୪ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ ମଧ୍ୟ କରିଛନ୍ତି। ପ୍ରଥମେ ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ଶୁଭଦ୍ରା ଯୋଜନାର ଶୁଭାରମ୍ଭ କରାଯାଇଛି। ଆଜି ପର୍ଯ୍ୟନ୍ତ ୧ କୋଟି ୭ଲକ୍ଷ ମହିଳାଙ୍କୁ ହିତାଧିକାରୀ ଭାବେ ଆର୍ଥିକ ପ୍ରୋତ୍ସାହନ ଡିବିଟି ଜରିଆରେ ଦିଆଯାଇଛି।

ଆଶା କରୁଛି ଏହି “ଉତ୍କର୍ଷ ଓଡ଼ିଶା” ସମ୍ମିଳନୀରେ ସ୍ୱାକ୍ଷରିତ ହୋଇଥିବା ପୁଞ୍ଜିନିବେଶକାରୀ ବୃନ୍ଦ ମହିଳା ତଥା ଯୋଗ୍ୟ ଯୁବତୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ରଖିବାର ସଂକଳ୍ପ ନେବେ।

ପ୍ରଭୁ ନିବାସ, କୋଟିତୀର୍ଥ ଲେନ, ପୁରୁଣା ଭୁବନେଶ୍ୱର

# ଗୁରୁ ହିଁ ଭଗବାନ

ଦେବଦତ୍ତ ବିଶ୍ୱାଳ

ଗୁରୁଙ୍କ ମାଧ୍ୟମରେ କିପରି ଭଗବାନଙ୍କୁ ପ୍ରାପ୍ତ ହେବା ? ଆମ୍ଭମାନଙ୍କର ଛୋଟିଆ ତେଲ ଲୁଣର ସଂସାର ଆଉ ଜୀବନ ଗୁଜୁରାଣ ଭିତର ଏହି ପ୍ରଶ୍ନଟି ପ୍ରାୟତଃ ଅନେକଙ୍କ ଭିତରେ ଉଙ୍କି ମାରିଥାଏ। ସେହିପରି ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ଯେ ଭଗବାନଙ୍କ ସାନ୍ନିଧ ପାଇବା ପାଇଁ ଆମ ମାନଙ୍କୁ ଜ୍ଞାନର କେତେ ଭାବର ଗଭୀରତା ଭିତରକୁ ଯିବାକୁ ପଡ଼ିବ ? ଏହିପରି ଅନେକ ଜଟିଳ ପ୍ରଶ୍ନ ଆମ୍ଭ ମାନଙ୍କ ଜୀବନକୁ ଆନ୍ଦୋଳିତ କଲାବେଳେ ଆଜିର ଆଧ୍ୟାତ୍ମିକ ଆଲୋଚନାଟି ‘ଗୁରୁ ହିଁ ଭଗବାନ’ ଶୀର୍ଷକ ଉପରେ ଛୋଟିଆ ଆଲୋଚନାଟି ରଖୁଛି। ଆମ ମାନଙ୍କ ନିତିଦିନିଆ ଜୀବନରେ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଓ ଭଗବତ୍ ଶକ୍ତି ଯୋଗାଉଥିବା ଶ୍ରୀମଦ୍ ଭଗବଦ୍‌ଗୀତାରେ କୁହାଯାଇଛି କେହି ତାଙ୍କୁ ଜୟ କରିପାରିବେ ନାହିଁ କି କେହି ତାଙ୍କ ପାଖରେ ପହଞ୍ଚିପାରିବେ ନାହିଁ। କିନ୍ତୁ ତାଙ୍କୁ ଜୟ କରିହେବ। ଏହା କିପରି ସମ୍ଭବ ? ଇନ୍ଦ୍ରିୟପ୍ରାପ୍ତ ଜ୍ଞାନ ବଳରେ ମାନସିକ କଳ୍ପନା କରିବା କିମ୍ବା ବଡ଼ ବଡ଼ ପୁସ୍ତକ ଲେଖିବା ସମ୍ଭବ। ମାତ୍ର ପରମ ପୁରୁଷ ଭଗବାନଙ୍କୁ ଜାଣିବା ମୂଢ଼ତା। ଗବେଷଣା ଛାଡ଼ିଦିଅ, ସବୁ ଫୋପାଡ଼ି ଦିଅ, ବିନୟୀ ହୁଅ। ଏ କଥା ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମର ଶକ୍ତି ସୀମିତ ଏବଂ ଆମେ ଭଗବାନଙ୍କ ଅଧୀନ। କେହି ଭଗବାନଙ୍କ ସହ ସମାନ ହୋଇପାରିବେ ନାହିଁ କିମ୍ବା ତାଙ୍କ ଠାରୁ ବଡ଼ ହୋଇପାରିବେ ନାହିଁ। ତେଣୁ ବିନୟୀ ହେବା। ଉପଯୁକ୍ତ ଅଧିକାରୀ ହୁଅନ୍ତୁ ବା ପରମ ପୁରୁଷ ଭଗବାନ, ସେମାନଙ୍କର ଦିବ୍ୟ ଗୁଣ ଓ ଗୌରବମାନ ଶ୍ରବଣ କରିବା। ଅର୍ଜୁନଙ୍କ ଭଳି ଭଗବାନଙ୍କୁ ବୁଝା ବିଶିଷ୍ଟ ଆଚାର୍ଯ୍ୟଗଣ ଯେଉଁ ପଥମାନ ଦେଖାଇଯାଇଛନ୍ତି, ତାହା ଅନୁସରଣ କରିବା। ତା ହେଲେ ଆମ୍ଭେମାନେ ସବୁ କିଛି ଜାଣିପାରିବା ଯେ ଭଗବାନ ସର୍ବ କାରଣର କାରଣ। ଦିବ୍ୟ ଜ୍ଞାନ ପ୍ରାପ୍ତି ପାଇଁ ଭଗବାନଙ୍କର ଶରଣ ନିଅ। ଯିଏ ପ୍ରକୃତ ଜ୍ଞାନର ଅଧିକାରୀ, ତାଙ୍କ ମାଧ୍ୟମରେ ଭଗବାନଙ୍କୁ ଜାଣିବା। ଏପରି ଜଣେ ଅଧିକାରୀଙ୍କୁ ବାଛିବା ଯିଏ ପ୍ରକୃତ ଗୁରୁ ଏବଂ ଯାହାଙ୍କୁ ପରମ ତତ୍ତ୍ୱ ଜଣା।

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ଦଶପଲ୍ଲା ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗତ ଶନିବାର ଓ ରବିବାର ଦୁଇ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିବା ବେଳେ ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହା ସହିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଉତ୍ସବକୁ ଅଧିକ ଆକର୍ଷଣୀୟ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରବିବାର ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଏନଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶନୀ, ଶରତଚନ୍ଦ୍ର ବେହେରା ଓ ଅଙ୍କୁର ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥିମାନେ ସେମାନଙ୍କ ଅଭିଭାଷଣରେ ଛାତ୍ରୀମାନଙ୍କ ପ୍ରତିଭାକୁ ପ୍ରଶଂସା କରିବା ସହ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ଶିକ୍ଷକ ପରମାନନ୍ଦ ନାୟକ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଯୋଜନା କରିଥିଲେ। ବିଦ୍ୟାଳୟର ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ମା'ଙ୍କ ମନ୍ଦିରରୁ ଚୋରୀ

ବାଲିପାଟଣା, (ମହାଭାରତ) : ବାଲିପାଟଣା ଥାନା ଅନ୍ତର୍ଗତ ଆଇତଳଙ୍ଗ ଗ୍ରାମର ମା' ନାରାୟଣୀ ମନ୍ଦିରରୁ ମା'ଙ୍କର ରୂପା ଆଖି, ରୁପାମୁଦ୍ରା ଚୋରି ହେଇଛି। ଅଭିଯୋଗ ଅନୁଯାୟୀ ଗ୍ରାମର ଜଣେ ମହିଳା ଭକ୍ତ ରାଜେସ୍ୱରୀ ଦାଶ ମନ୍ଦିରକୁ ଯିବା ବେଳେ କବାଟ ଖୋଲା ଥିବା ଦେଖିଥିଲେ । ଗ୍ରାମବାସୀଙ୍କୁ ଏହା ଜଣାଇବା ପରେ ମନ୍ଦୀର କବାଟ ଭଙ୍ଗା ଥିବାର ଦେଖିବାକୁ ପାଇଥିଲେ ।ଦୁବୃତ୍ତ ମାଆଙ୍କର ୨ଟି ରୂପାଆଖି, ଚିତା, ରୂପା ମୁଦ୍ରା ଚୋରି କରି ନେଇଥିବା ଗ୍ରାମବାସୀଙ୍କ ପକ୍ଷରୁ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ ହୋଇଛି ।ପୋଲିସ ଘଟଣାର ଅଧିକ ତଦନ୍ତ କରୁଛି ।

## ବଙ୍ଗାଳି ସମାଜର କର୍ମକର୍ତା ଚୟନ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା ବଙ୍ଗାଳି ସମାଜର ନୂତନ କର୍ମକର୍ତା ଚୟନ ହୋଇଛି, ପୁଣି ଥରେ ଗୌରାଙ୍ଗ କର୍ମକାର ବଙ୍ଗାଳି ସମାଜର ଜିଲ୍ଲା ସଭାପତି ଭାବେ ମନୋନୀତ ହୋଇଛନ୍ତି, ୨୧୪ ଗୋଟି ବଙ୍ଗାଳୀ ଗ୍ରାମରେ ବସବାସ କରୁଥିବା ୪ ଲକ୍ଷ୍ୟରୁ ଉର୍ଦ୍ଧ ବଙ୍ଗାଳୀ ଲୋକଙ୍କ ସଂଗଠନ 'ମାଲକାନଗିରି ବାଙ୍ଗାଲୀ ସମାଜ' ୨୦୧୭ ମସିହାରେ ଗଠିତ ହେଇଥିବା ଏହି ସଙ୍ଗଠନ ୨୦୧୯ ରେ ସରକାରୀ ମାନ୍ୟତା ଲାଭ କରିଥିଲା। ଆରମ୍ଭ ରୁ ଶ୍ରୀ କର୍ମକାର ବିଗତ ୮ବର୍ଷ କାଳ ସଭାପତି ଭାବରେ ନିର୍ବାଚିତ ଥିଲେ। ବର୍ତ୍ତମାନ ଚଳିତ ବର୍ଷ ୩୧.୦୩.୨୦୨୬ ସୁଦ୍ଧା କମିଟିର ଅବଧି ଶେଷ ହେଇ ଯାଉଥିବା ବେଳେ, ଆଜି ୨୯.୦୩.୨୦୨୬ ପଟେରୁ ସ୍ଥିତ ନରନାରାୟଣ ସେବାଶ୍ରମ ପରିସରରେ ନୂଆ କମିଟି ଚୟନ ଟ୍ରିବ୍ୟୁନାଲ ଚେୟାରମେନ ଶ୍ରୀ ମାଧବ ଚନ୍ଦ୍ର ସରକାର, ଡେପୁଟି ଚେୟାରମେନ ତପନ କୁମାର ସାନା, ନିମାଇ ଚନ୍ଦ୍ର ପାଲ, କମଲେଶ ରାୟ ଏବଂ ଡା. ଗୋପାଳ ଚନ୍ଦ୍ର ବିଶ୍ୱାସ, ସମେତ ୧୧ ଟି ଜୋନାଲ କମିଟି ସଦସ୍ୟଙ୍କ ଦ୍ୱାରା ବିରାଟ ଏକ ସାଧାରଣ ସଭାରେ ଆସନ୍ତା ୫ ବର୍ଷ ପାଇଁ ପୁଣି ଥରେ ଗୌରାଙ୍ଗ କର୍ମକାରଙ୍କୁ ଜିଲ୍ଲା ସଭାପତି, ମନୋଜ ଚୌଧୁରୀ ସାଧାରଣ ସମ୍ପାଦକ, ବିଦ୍ୟୁତ ବିଶ୍ୱାସଙ୍କୁ କୋଷାଧକ୍ଷ ଭାବରେ ଚୟନ କରାଯାଇଛି।ସେହିପରି ଉପଦେଷ୍ଟା ଭାବେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ନିମାଇଁ ସରକାର,ଗଣମାଧ୍ୟମ ସଂଯୋଜକ ଅସୀମ ବିଶ୍ୱାସ,ମୁଖ୍ୟ ପାତ୍ର ଶିବପ୍ରସାଦ କୀର୍ତ୍ତନିଆ, ତାରକ ମଣ୍ଡଳ,ଏଥିସହିତ ୯ଜଣ କୋର କମିଟି ସଦସ୍ୟ, ୧୦ଜଣ ଉପ ସଭାପତି ଏବଂ ୧୦ଜଣ ସହ ସମ୍ପାଦକ ଭାବରେ ନିର୍ବାଚିତ କରି ମାଲକାନଗିରି ବାଙ୍ଗାଲୀ ସମାଜ ଜିଲ୍ଲା କମିଟି ଗଠନ କରାଯାଇଛି। ସଭାପତି ଶପଥ ଗ୍ରହଣ କରି ଶ୍ରୀ କର୍ମକାର କହିଛନ୍ତି ଯେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଜିଲ୍ଲାରେ ବସବାସ କରୁଥିବା ସମସ୍ତ ଭାଷାଭାଷୀଙ୍କ ସମସ୍ତ ସମସ୍ୟାର ସାମାଜିକ ସମାଧାନ କରିବା ସହିତ ସମସ୍ତ ସଂପ୍ରଦାୟର ଲୋକେ ମିଳିମିଶି ମାଲକାନଗିରି ଜିଲ୍ଲାକୁ ଉନ୍ନତିର ଚରମ ସୀମାରେ ପହଞ୍ଚାଇବାର ପାଇଁ ପ୍ରଚେଷ୍ଟା ଜାରି ରହିବ ବୋଲି ଜିଲ୍ଲାବାସିଙ୍କୁ ହୃଦୟରୁ ଧନ୍ୟବାଦ ଜ୍ଞାପନ ଏବଂ ସମସ୍ତଙ୍କୁ ଉତ୍କଳ ଦିବସ ଅଗ୍ରୀମ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି।

## ତପନ ଦାଶ ପାରାଦୀପ ବାର ଆସୋସିଏସନ ସଭାପତି




ପାରାଦୀପ, (ମହାଭାରତ) : ଗତ ଶନିବାର ରାଜ୍ୟରେ ସମସ୍ତ ବାରରେ ଶାନ୍ତିଶୃଙ୍ଖଳା ସହ ନିର୍ବାଚନ ସମାପନ ହୋଇଥିବା ବେଳେ ପାରାଦୀପ ବାର ଆସୋସିଏସନ ର ସଭାପତି ଭାବେ ଓଡିଶା ଉଚ୍ଚ ନ୍ୟାୟାଳୟ ଏଜିଏ ତପନ କୁମାର ଦାଶ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ବସନ୍ତ କୁମାର ବିଶ୍ୱାଳ ଓ କୈଳାଶ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ଦାସ ଓ ରବିନ୍ଦ୍ର କୁମାର ଜେନା, କୋଷାଧକ୍ଷ ଗୋପୀନାଥ ମଲ୍ଲ, ପାଠାଗାର ସମ୍ପାଦକ ଗୋଲକ ବିହାରୀ ସୁତାର ପ୍ରମୁଖ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସଦାନନ୍ଦ ମଲ୍ଲିକ, ନନ୍ଦିନୀ ମହାନ୍ତି, ଜଟାଧାରୀ ମଲ୍ଲିକ, ସଞ୍ଜୟ କୁମାର ମିଶ୍ର, ରବି ନାରାୟଣ ସ୍ୱାଇଁ ଓ ପ୍ରିୟବ୍ରତ ଲେଙ୍କା ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଅବିନାଶ ଦାସ ଙ୍କ ଠାରୁ ପ୍ରକାଶ। ପ୍ରକାଶଥାଉକି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ରାଜ୍ୟର ସମସ୍ତ ବାର ଆସୋସିଏସନ ର ନିର୍ବାଚନ ନିମନ୍ତେ ଘୋଷଣା କରାଯାଇଥିଲା । ଏହି ନିର୍ଦ୍ଦେଶନାମା ଅନୁଯାୟୀ ପାରାଦୀପ ବାର ଆସୋସିଏସନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

## ସମ୍ପତି ଭାଗ ବଣ୍ଟା ପାଇଁ ବଡଭାଇକୁ ହତ୍ୟା

ନାରାୟଣପାଟଣା, (ମହାଭାରତ) : ଜମି ସମ୍ପତ୍ତିର ଭାଗ ବଡ଼ ଭାଇ ସାନ ଦୁଇ ଭାଇକୁ ନଦେବାରୁ ହତ୍ୟା କରିବାଘଟଣା ନାରାୟଣପାଟଣା ରେ ଚର୍ଚ୍ଚା ର ବିଷୟ ପାଲଟିଛି।ଏମିତି ଘଟଣା ଘଟିଛି ନାରାୟଣପାଟଣା ଥାନା ଅନ୍ତର୍ଗତ ତେନ୍ତୁଳି ପଦର ପଂଚାୟତର କେନ୍ଦୁମୁଣ୍ଡା ଗାଁ ରେ ।ପୋଲିସ ତରଫରୁ ଆଣି ଗଣମାଧ୍ୟମକୁ ସୁଚନା ଦେଇ ହତ୍ୟା ଘଟଣାର ପର୍ଦାଫାଶ କରି ଦୁଇ ଅଭିଯୁକ୍ତ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସର ସୁଚନା ଅନୁସାରେ କେନ୍ଦୁମୁଣ୍ଡା ଗାଁ ବିକୁନୁ ହୁଇକା ର ଚାରିପୁଅ ।ବାର ର ସମସ୍ତ ଜମିବାଡ଼ି ସମ୍ପତି ବଡ଼ ପୁଅ ପାଲୁସୁ ହୁଇକା (୪୦) ନାମରେ ଥିଲା । ସାନ ଦୁଇ ଭାଇ କାର୍ଲା ହୁଇକା ,ଲିଙ୍ଗୁ ହୁଇକା ଅନ୍ୟତ୍ର ରହୁଥିଲେ । ମଝିରେ ମଝିରେଜମି ସମ୍ପତ୍ତି ଭାଗ ବଣ୍ଟା କୁ ଚାଷ ଜମିର ଭାଗ ନେଇ ଭାଇ ଭାଇ ମଧ୍ୟରେ ଝଗଡ଼ା ଚାଲିଥିଲା ।ଗତ ସପ୍ତାହରେ ଲିଙ୍ଗୁ ଓ କାର୍ଲା ଦୁଇ ଶହ ଟଙ୍କା ବଡ଼ ଭାଇ ପାଲସୁ ଠାରୁ ମାଗି ନେଇଥିଲେ କୈଣସି କାମରେ ଘରକୁ ଆସି ।୨୭ ତାରିଖ ସନ୍ଧ୍ୟା ରେ ସାନ ଭାଇ କୁ ଧାର ଦେଇ ଥିବା ଟଙ୍କା ମାଗାବା କୁ ପାଲସୁ ହୁଇକା ଯାଇଥିଲା କାର୍ଲା ଓ ଲିଙ୍ଗୁ ରହୁଥିବା ଘରକୁ। ସେଠି ଘରେ ଭାଇ ଭାଇ ମଧ୍ୟରେ ଝଗଡ଼ା ହୋଇଥିଲା ଧାର ନେଇଥିବା ଟଙ୍କା କୁ ନେଇ ଝଗଡ଼ାରୁ ହିଂସା ଘଟିଥିଲା ।

# ବେଆଇନ ପଥର ଖଣି ବ୍ଲାଷ୍ଟିଙ୍ଗ୍ ନେଇ ମହିଳାଙ୍କ ରାସ୍ତା ଅବରୋଧ

ରଣପୁର, ( ମହାଭାରତ ) : ନୟାଗଡ଼ ଜିଲ୍ଲା ରଣପୁର ତହସିଲ ଅଧୀନସ୍ଥ ଲୋଧାଛୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୋଇଲମା ଲାଞ୍ଜି ପାହାଡ଼ ରେ ବେଆଇନ କଳା ମୁଗୁନି ପଥର ବ୍ଲାଷ୍ଟିଙ୍ଗ୍ ନେଇ କୋଇଲମା ଗ୍ରାମର ମହିଳା ମାନେ ରାଜସୁନାଖଳା-ରଣପୁର ରାସ୍ତାକୁ ଶନିବାର ଦିନ ଅବରୋଧ କରି ଥିଲେ। ଫଳରେ ରାସ୍ତାରେ ଯାତାୟାତ ୬ ଘଣ୍ଟା ଧରି ଠପ୍ ହୋଇଯାଥିଲା। ଅଭିଯୋଗ ଅନୁଯାୟୀ ଲୋଧାଛୁଆ ଆର୍.ଆଇ ସର୍କଲରେ ଦୀର୍ଘଦିନ ହେବକୋଇଲମା ଲାଞ୍ଜି ପାହାଡ଼ରେ ବେଆଇନ ଭାବେ କଳା ମୁଗୁନି ପଥର ଖଣି ଖାନନ ହେଉଥିବା କୋଇଲିମା ଗ୍ରାମ ବାସୀ ମାନେରଣପୁର ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଆସୁଥିବା ବେଳେ ପ୍ରଶାସନ ଶୁଣୁ ନଥିବା ଲୋକ ମାନେ ଅଭିଯୋଗ କରିଛନ୍ତି। ଫଳରେ ବେଆଇନ ବାଷ୍ଟିଙ୍ଗ୍ ପାଇଁ ଲୋକଙ୍କର ଘର ଫାଟୁଥିବା ସହ ପଥର ଖଣ୍ଡ ଲୋକଙ୍କ ଉପରେ ପଡି ଲୋକ ଆହତ ହେଉଥିବା ଅଭିଯୋଗ କରି କୋଇଲିମା ଗ୍ରାମର ମହିଳା ମାନେ ରାଜସୁନାଖଳା-ରଣପୁର ରାସ୍ତା ଅବରୋଧ କରିଥିଲେ। ଖବର ପାଇ



ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ୍ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ରଣପୁର ଥାନା ଅଧିକାରୀ ଆଶିଷଦେବ ସାହୁ ଡିଏସ୍ପି ନିହାର ରଞ୍ଜନ ମହାନ୍ତି, ରାଜସୁନାଖଳା ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କ ସମେତ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀ କୋଇଲମା ଗ୍ରାମର ମହିଳା ମାନଙ୍କୁ ଆଇନକୁ ହାତକୁ ନ ନେବାପାଇଁ ବୁଝାଇଥିଲେ। ରାସ୍ତା ଅବରୋଧକାରୀ କୋଇଲମା ଗ୍ରାମର ମହିଳା ମାନେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ପହଞ୍ଚି ବେଆଇନ କଳା ମୁଗୁନି ପଥର ଖଣି ବ୍ଲାଷ୍ଟିଙ୍ଗ୍ କୁ ସବୁଦିନ ପାଇଁ ବନ୍ଦ କରିବାକୁ କହିଥିଲେ। ଘଟଣା ସ୍ଥଳରେ କିଛି ସମୟ ପାଇଁ ଚାପା ଉତେଜନା ସହ ପୁଲିସ ଏବଂ ଅବରୋଧ କାରି ଙ୍କ ମଧ୍ୟରେ ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ନୟାଗଡ଼ଙ୍କ ତରଫରୁ ( ନ୍ୟାୟିକ ବିଭାଗ ) ନଂ ୧୪୮୩/ଡିଟି ୨୮.୩.୨୬ ଆଦେଶ ଯେହେତୁ, ଏହି କାର୍ଯ୍ୟାଳୟର ଆଦେଶ ନଂ ୧୪୩୯ ତା- ୨୫.୦୩.୨୦୨୬ରେ ଶ୍ରୀ ରଙ୍ଗଲାଲ ଜୟ ଭାରତ କୁମାରଙ୍କ ସପକ୍ଷରେ ରଣପୁର ତହସିଲ ଅନ୍ତର୍ଗତ ଛପରି କୋଲିମା ଷ୍ଟୋନ୍ କ୍ୱରୀ-୪ ରେ ବିସ୍ଫୋରଣ କାର୍ଯ୍ୟ ପାଇଁ ସର୍ତ୍ତମୂଳକ ଅନୁମତି ଦିଆଯାଇଥିଲା। ଆଜିର ତାରିଖ ସୁଦ୍ଧା ଉକ୍ତ କ୍ୱରୀ ଅଞ୍ଚଳରେ ଓ ଆଖପାଖରେ ପ୍ରଚଳିତ ଆଇନଶୃଙ୍ଖଳା ପରିସ୍ଥିତି, ଜନ ଆନ୍ଦୋଳନ ଏବଂ ରାସ୍ତା ଅବରୋଧ ସମ୍ପର୍କରେ ତହସିଲଦାର, ରଣପୁର, ଥାନା ଅଧିକାରୀ, ରାଣପୁର ପିଏସ୍ ଜୁନିଅର ମାଇନିଂ ଅଫିସର ନୟାଗଡ଼ ଙ୍କ ଠାରୁ ବିଶ୍ୱସନୀୟ ରିପୋର୍ଟ ମିଳିବା ସହିତ ଯଦି ବିସ୍ଫୋରଣ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦିଆଯାଏ ତେବେ ଶାନ୍ତି ଭଙ୍ଗ ହେବ ଏବଂ ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦର ଆଶଙ୍କା ରହିଥିବାରୁ ଆଦେଶ ନଂ-୧୪୨୯ ତା- ୨୫.୦୩.୨୦୨୬ ମାଧ୍ୟମରେ ପ୍ରଦାନ କରାଯାଇଥିବା ବିସ୍ଫୋରଣ ଅନୁମତିକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ତୁରନ୍ତ ବଳବତ୍ତର ଭାବେ ନିଲମ୍ବନ କରାଯାଉଛି। ତଦନୁସାରେ, ଛପରି ପରିକୋଲିମା ଷ୍ଟୋନ୍ କ୍ୱରୀରେ ସମସ୍ତ ବିସ୍ଫୋରଣ କାର୍ଯ୍ୟ ତୁରନ୍ତ ବନ୍ଦ ହେବା ସହିତ ରଣପୁର ତହସିଲଦାର ଏବଂ ଆଇଆଇସି, ରାଣପୁର ପିଏସ୍ ଙ୍କୁ ଏହି ଆଦେଶକୁ କଠୋର ଭାବରେ କାର୍ଯ୍ୟକାରୀ କରିବାକୁ ଓ ଆଇନ ଶୃଙ୍ଖଳା ବଜାୟ ରଖିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ୍ ଖଣି ଖନନ କାରଣରୁ ଉଜୁଡୁଛି ଘର, ଚାଷ ଜମି ଓ ପରିବେଶ। ଦିନ ତମାମ ଖଣି ଧୂଳି, ଧୂସର ଓ ପ୍ରଦୂଷଣରେ ଅଞ୍ଚଳବସୀ ଅଣ ନିଶ୍ୱାସୀ ହୋଇ ପଡିଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ଉକ୍ତ କ୍ୱରୀରେ ଯେପରି କୌଣସି ବିସ୍ଫୋରକ ବ୍ୟବହାର କରାନଯାଏ, ମାଇନିଂ ଅଫିସର, ନୟାଗଡ଼ ତାହା ସୁନିଶ୍ଚିତ କରିବେ। ଏହି ଆଦେଶର କୌଣସି ଉଲ୍ଲଂଘନ ହେଲେ ଆଇନର ସମ୍ପୃକ୍ତ ବ୍ୟବସ୍ଥା ଅନୁଯାୟୀ କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜନଶୃଙ୍ଖଳା ଏବଂ ସୁରକ୍ଷା ବଜାୟ ରଖିବା ସହିତ ସ୍ୱାର୍ଥରେ ଏହି ଆଦେଶ ଜାରି ପ୍ରତିଶ୍ରୁତି ପ୍ରଦାନ କରିଥିବାରୁ ଛପର କୋଇଲମା ମହିଳା ମାନେ ଅବରୋଧ ସ୍ଥାନରୁ ହଟିଥିଲେ। ଯାତାୟାତ ସ୍ୱାଭାବିକ ହୋଇ ଥିଲା।

## ଓଡ଼ଗାଁ ଏନ୍ଏସିର ବିକାଶ ନକ୍ସା ବଦଳିବା ନେଇ ଅନିଶ୍ଚିତତା : ମୌଳିକ ସେବା, ଭିତ୍ତିଭୂମି ନିର୍ମାଣ ଅଧୁରା

ଓଡ଼ଗାଁ, (ମହାଭାରତ) : ତିନି କୋଟିର କାମକୁ ୩ ବର୍ଷର କଷ୍ଟ ପୂରିଥିଲେ ମଧ୍ୟ କାମ ଏବେବି ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏବେ ଓଡ଼ଗାଁ ଏନ୍ଏସି ନିଜସ୍ୱ କୋଠା ନିର୍ମାଣ କରିବାରେ ଅସମର୍ଥ ହୋଇଥିବା ବେଳେ ବିକାଶର ଅଗ୍ରଗତି କେତେ ମାତ୍ରାରେ ହେଉଥିବ ତାହା ସହଜରେ ଅନୁମେୟ। ଗତ ଆଠ ବର୍ଷ ମଧ୍ୟରେ ଓଡ଼ଗାଁ ଏନ୍ଏସିର ବିକାଶ ଘଟିଛି। ୨୦୧୭ ମସିହା ଅଗଷ୍ଟ ୧୭ ତାରିଖରେ ଏନ୍ଏସି ମାନ୍ୟତା ଲାଭ କରିବା ପରେ ଆଲୋକୀ କରଣ ବ୍ୟବସ୍ଥା, ଲୋକଙ୍କ ପାଇଁ ଡ୍ରେନେଜ୍ ବ୍ୟବସ୍ଥା, ପରିମଳ, ପାନୀୟଜଳ ଯୋଗାଣ, ରାସ୍ତାଘାଟର ବିକାଶ ଜରୁରୀ ଥିଲା। ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରତି ୱାର୍ଡ ରେ ବିକାଶ ମୂଳକ କାର୍ଯ୍ୟ କରାଯାଇଛି। ସହରର ସୌନ୍ଦର୍ଯ୍ୟକରଣ ପାଇଁ ରାମସାଗର ପାର୍କ, ଆଦର୍ଶ ଶ୍ମଶାନ, ମୁକ୍ତାକାଶ ବ୍ୟାୟାମଶାଳା, ବୃହତ ପାନୀୟଜଳ ପ୍ରକଳ୍ପ, ମୋ ପ୍ରିୟ ଓଡ଼ଗାଁ, ଆମ ଶୌଚାଳୟ, ଇଣ୍ଡୋର୍ ଷ୍ଟାଡିୟମ୍, ମଳ ଉପଚାର କେନ୍ଦ୍ର, ସାମଗ୍ରୀ ପୁନଃଉଦ୍ଧାର କେନ୍ଦ୍ର ଆଦି ନିର୍ମାଣ କାର୍ଯ୍ୟ ସରିଛି। ସେତିକି ନୁହଁ ବ୍ୟବସାୟୀଙ୍କ ପାଇଁ ଦୋକାନ ଘର, ପାଦଚଲା ରାସ୍ତା ନିର୍ମାଣ ହୋଇଛି। କିନ୍ତୁ ଓଡ଼ଗାଁ ଏନ୍ଏସିର ନିଜସ୍ୱ କାର୍ଯ୍ୟାଳୟ, ନୂତନ ବସ୍ ?ଷ୍ଟାଣ୍ଡ, କଲ୍ୟାଣ ମଣ୍ଡପ ଆଦି




ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ବଡ଼କଥା ହେଉଛି ଭୂମିହୀନ ମାନଙ୍କୁ ଏନ୍ଏସି ବସ୍ତି ଅଞ୍ଚଳରେ ଘରଡ଼ିହ ଯୋଗାଇ ଦିଆଯାଇ ଥଇଥାନ କରାଯାଇଛି। ଏନ୍ଏସି ଘୋଷଣା ପରେ ଲୋକଙ୍କ ଦାବି କିଛି ମାତ୍ରାରେ ପୂରଣ ହୋଇଥିବା ବେଳେ ଆଗକୁ ଅନେକ ବିକାଶ ମୂଳକ କାର୍ଯ୍ୟ କାର୍ଯ୍ୟକାରୀ ହେବାର ଅଛି କିନ୍ତୁ ଠିକାଦାର ଟେଣ୍ଡର କରି କାର୍ଯ୍ୟ ନେଉଥିଲେ ମଧ୍ୟ ସରକାରୀ କର୍ମଚାରୀଙ୍କ ନିର୍ଦ୍ଦେଶକୁ ସେମାନେ ମାନୁ ନାହାନ୍ତି। ଏନ୍ଏସି ଘୋଷଣା ପରେ ଓଡ଼ଗାଁର ଉନ୍ନତି ଘଟିଛି ସତ ନେତାଙ୍କ ଅଭାବ ଆଜି ବି ପରିଲକ୍ଷିତ ହୋଇଛି। ଓଡ଼ଗାଁ ଏନ୍ଏସି ନକ୍ସା ବଦଳାଇବା ପାଇଁ ନେତା ଆବଶ୍ୟକ ବୋଲି ସବୁଠି ଚର୍ଚ୍ଚା ଆରମ୍ଭ ହୋଇଛି। ଏପଟେ ଲୋକଙ୍କୁ ସେବା ଯୋଗାଇବାକୁ ଏନ୍ଏସି ପ୍ରଶାସନ ଅହରହ ଉଦ୍ୟମ କରୁଥିବା ଏନ୍ଏସି ଅଧିକାରୀ ନିହାର ରଞ୍ଜନ ବେହେରା କହିଛନ୍ତି। ତାଙ୍କ କହିବା କଥା ସରକାରଙ୍କ ଯୋଜନାକୁ ଆମେ ଲୋକଙ୍କ ପାଖରେ ପହଞ୍ଚାଉଛୁ। ଭତ୍ତା ହେଉକି ରାସନ କିମ୍ବା ଆବାସ ଯୋଜନାକୁ ଲୋକଙ୍କ ଆର୍ଥିକ ସ୍ଥିତିକୁ ଦେଖି ଦିଆଯାଉଛି। ସବୁ କ୍ଷେତ୍ରରେ ଓଡ଼ଗାଁ ଏନ୍ଏସି ଆଗରେ ରହିଥିବା ଓ କର୍ମଚାରୀଙ୍କ କାର୍ଯ୍ୟ କରିବାର ଆଗ୍ରହ ଆମକୁ ସୁବିଧା ହେଉଛି। ଆଗକୁ ଅନେକ ବିକାଶ ମୂଳକ କାର୍ଯ୍ୟ କରିବାର ଅଛି, ଲୋକଙ୍କ ସହଯୋଗ ରହିଲେ କାମ କରିବାରେ କୌଣସି ବାଧା ହେବ ନାହିଁ। ଅଧାପନ୍ତରିଆ କାମ ଖୁବ୍ ଶୀଘ୍ର ଶେଷ ହେବ ବୋଲି ଶ୍ରୀ ବେହେରା କହିଛନ୍ତି।

## ରାମ ଧ୍ୱନିରେ କମ୍ପିଲା ସହର

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ଆଜି ରାମମ ମମନ୍ଦିରରେ ନୀତିନିୟମ ଅନୁଯାୟୀ ପୂଜାପାଠ କରିବା ପରେ ମଧାନରେ ହନୁମାନ ମନ୍ଦିର ନିକଟରେ ୨ ହଜାରରୁ ଉର୍ଦ୍ଧ ଭକ୍ତଙ୍କ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା । ଅପରାହ୍ନ ୫ଟାରେ ଏକ ବିଶାଳ ଶୋଭାଯାତ୍ରା ରାମ ମନ୍ଦିର ନିକଟରୁ ବାହାରି ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍ ?ପି ପ୍ରତିନିଧ ପ୍ରୀତିସ୍ମିତା ମହାପାତ୍ର, ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଖଙ୍କର, ରାଇଘର ବିଶ୍ୱହିନ୍ଦୁ ପରିଷଦ ସଭାପତି କିରଣ ପଟ୍ଟନାୟକ, ବଜରଙ୍ଗ ଦଳର ବିକେନ୍ଦ୍ର ଶ୍ରୀବସ୍ତାବ, ମୋହନ ସାହୁ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସୁକେଶ ମିଶ୍ରା,ଶକ୍ତି ଜେନା, ମୋନହର ଦଣ୍ଡସେନାଙ୍କ ସମେତ ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥିଲା। କୁନି କୁନି ପିଲା ରାମ, ସୀତା, ହନୁମାନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ରାଇଘରଠାରେ ଦୁଇ ଶିଶୁ ରାମ, ସୀତା ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି। ସେହିପରି ତେନ୍ତୁଳିଖୁଣ୍ଟିଠାରେ ଜିଲା ବିଶ୍ୱ ହିନ୍ଦୁ ପରିଷଦ ଉପ ସଭାପତି ଏମ୍ ଆନନ୍ଦ ରାଓଙ୍କ ତତ୍ତ୍ୱାବଧାନରେ ଇନ୍ଦ୍ରାବତୀଠାରୁ ଏବଂ ବରିଷ୍ଠ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକର୍ତ୍ତା ସୁର ରାଉତଙ୍କ ନେତୃତ୍ୱରେ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ପରିଷଦର ବ୍ଲକ ସାଧାରଣ ସମ୍ପାଦକ ଅକ୍ଷୟ ମହାନ୍ତି ଓ ଶିବ ଶଙ୍କର ସାହୁଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଇନ୍ଦ୍ରାବତୀରୁ ବାହାରି ବାରଙ୍ଗପଦର, ଖୁଣ୍ଟିଆ ଗୁଡ଼ା, ଗୋଡିପୁଟ, ବେଗୁଗୁଡା, ଲମତାଗୁଡା ଦେଇ କୁର୍ମାକୋଟ ଛକରେ ପହଞ୍ଚିଥିଲେ। ସେହିପରି ତେନ୍ତୁଳିଖୁଣ୍ଟି ଦୁର୍ଗାମଣ୍ଡପଠାରେ କୁର୍ମାକୋଟ ହନୁମାନ ମନ୍ଦିର କମିଟି, ତେନ୍ତୁଳିଖୁଣ୍ଟି ଦୁର୍ଗାପୂଜା କମିଟି, ହନୁମାନ ମନ୍ଦିର, ତାରିଣୀ ମନ୍ଦିର, ଗ୍ରାମ୍ୟ ଠାକୁରାଣୀ ମନ୍ଦିର କମିଟିର ସଦସ୍ୟ ଏବଂ ଗ୍ରାମବାସୀ ମିଳିତ ଭାବେ ଗ୍ରାମ



ପରିକ୍ରମା କରି ପୂଜାରୀଗୁଡା ଯାଇଥିଲେ। ସେଠାରେ ବିଭିନ୍ନ କମିଟି ସ ?ହ ମିଶି ବାଇକ୍ ରାଲି ପୂଜାରୀଗୁଡା ଗ୍ରାମ ପରିକ୍ରମାକରି ଚରାମୂଳା ରାମ ମନ୍ଦିରରେ ପହଞ୍ଚି ଥିଲା । ରାଲିରେ ବିଧାୟକ ଗୌରୀଶଙ୍କର ମାଝୀ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବି ଧରମା, ପ୍ରଶାନ୍ତ ନାୟକ, ଧରଣୀଧର ସିଂ, ଚନ୍ଦ୍ରଶେଖର ଜେନା ପ୍ରମୁଖ ସହଯୋଗ କରିଥିଲେ ।

## ଗଣିଆରେ ବଢୁଛି ଟ୍ରାଫିକ ସମସ୍ୟା: ବାଇପାସ୍ ପାଇଁ ବଢୁଛି ଦାବି

ଗଣିଆ, ୨୯/୦୩ (ମହାଭାରତ): ନୟାଗଡ଼ ଜିଲ୍ଲା ଗଣିଆ ବଜାର ଅଞ୍ଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ହେବା ସହ ଯାନବାହନ ସଂଖ୍ୟା ବୃଦ୍ଧି ପାଉଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ବାଇପାସ୍ ରୋଡ୍ ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି। ଜନଗହଳି ଓ ଦୁର୍ଘଟଣା ଭୟ ରହୁଛି, ଗଣିଆ ବଜାର ଦେଇ ପ୍ରତିଦିନ ଶହ ଶହ ଭାରୀ ଯାନବାହନ ସହ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ରାସ୍ତା କଡ଼େର ଥିବା ଦୋକାନ ବଜାର ଏବଂ ସ୍କୁଲ, କଲେଜ ଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏବେ ବିପଦଜନକ ସାଜିଛି। ବିଶେଷ କରି ସକାଳ ଓ ସନ୍ଧ୍ୟା ସମୟରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ୍ ହେଉଥିବାରୁ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଫସି ରହୁଥିବା ଦେଖିବାକୁ ମିଳୁଛି। ପ୍ରଶାସନିକ ନୀରବତାକୁ ନେଇ ଅସନ୍ତୋଷ ଅଞ୍ଚଳବାସୀ ।

# ଦୁର୍ନୀତିର ଗନ୍ତାଘର ପାଲଟିଛି ମୋହନା ତହସିଲ କାର୍ଯ୍ୟାଳୟ

ମୋହନା, (ମହାଭାରତ) : ଓଡ଼ିଶାରେ ସରକାର ପରିବର୍ତନ ହେଲା ଫ ପରିବର୍ତନ ହେବାର ପାଖାପାଖି ୨ ବର୍ଷ ବିତିଗଲାଣି କ୍ଷ ରାଜସ୍ୱ ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କିଛିଦିନ ପୂର୍ବେ ସବୁ ତହସିଲ କାର୍ଯ୍ୟାଳୟରେ ସ୍ୱଚ୍ଛତା ଆଣିବା ଓ ବେଆଇନ ଜବରଦଖଲ ଜମିକୁ ବେଦଖଲ କରିବା ପାଇଁ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଗଜପତି ଜିଲ୍ଲା ମୋହନା ତହସିଲରେ ଦେଖିବାକୁ ମିଳୁଛି ତାର ଓଲଟା ଦୃଶ୍ୟ । ମୋହନା ସହରରେ ସରକାରୀ ଯାଗାକୁ ଅକ୍ତିଆର କରି ରଖିଛନ୍ତି କିଛି ପ୍ରଭାବଶାଳୀ ଲୋକେ, ତହସିଲଦାର ଉଚ୍ଛେଦ କରିବା ପାଇଁ କୁମ୍ଭକର୍ଣ୍ଣ। ସରକାର ଭୂମିହୀନଙ୍କୁ ଭୂମି ଯୋଗାଇ ଦେବା ପାଇଁ ପ୍ରାବଧାନ ରହିଥିବା ବେଳେ ମୋହନାରେ ତାର ବିପରୀତ ଚିତ୍ର ଦେଖିବାକୁ ମିଳିଛି। ଏଠି ଲୋକଙ୍କ




ନିଜସ୍ୱ ଭୂମି ଥିଲେ ମଧ୍ୟ ସରକାରୀ ଜାଗାରେ ଘର ନିର୍ମାଣ କରି ଭଡ଼ାରେ ଲଗାଯାଉଛି। ଯାହାକୁ ନେଇ ଭୂମୀ ହୀନ ଲୋକେ ଭୂମି ପାଇବାରୁ ବଞ୍ଚିତ ହୋଇ ରହୁଛନ୍ତି। ଭୂମିହୀନ ଲୋକେ ତହସିଲ କାର୍ଯ୍ୟାଳୟରେ ଭୂମିଖଣ୍ଡେ ପାଇଁ ଆବେଦନ କରିକରି ଗୋଟିଏ ପଟେ ନୟାନ୍ତ ହେଲେଣି କିନ୍ତୁ ସେମାନଙ୍କୁ ଭୂମିଖଣ୍ଡେ ମିଳୁନାହିଁ । ଏହି ତହସିଲ ବିଭିନ୍ନ ସ୍ଥାନ ଯେପରିକି ଚାନ୍ଦିପୁଟ, ଚନ୍ଦ୍ରଗିରି, ପାଞ୍ଚାଆମ୍ବ, ଅଡବା, ବିରିକୋଟ ଭଳି ବିଭିନ୍ନ ସ୍ଥାନରେ ମୁଷ୍ଟିମେୟ ଲୋକମାନେ ଅନେକ ସରକାରୀ ଜମିକୁ ବେଆଇନ ଭାବେ ଦଖଲ କରିଆସୁଥିବାର ମଧ୍ୟ ନଜରକୁ ଆସୁଛି । ଯଦି କୌଣସି ବେଆଇନ ଜମିକୁ ନେଇ ଯଦି ଜନ ଅଭିଯୋଗ ଶୁଣାଣି ପୋର୍ଟାଲରେ ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ ନକରି ମାସମାସ ଧରି ତହସିଲ କାର୍ଯ୍ୟାଳୟରେ ଅଟକାଇ ରଖୁଛନ୍ତି। ଯେଉଁ ମାନେ ଅଭିଯୋଗ କରୁଛନ୍ତି ତହସିଲଦାର ସେମାନଙ୍କର ପଟ୍ଟାଜମିକୁ ଯାଇ ଆସବାବ ପତ୍ର ଦେଖାଇବା ପାଇଁ କହି ହଇରାଣ କରୁଥିବାର ମଧ୍ୟ ସାମ୍ନାକୁ ଆସିଛି। ମୋହନା ତହସିଲଦାର ମୋହନା ମେଡିକାଲରେ ଥିବା ଜନ୍ମମୃତ୍ୟୁ ପ୍ରମାଣପତ୍ର କାର୍ଯ୍ୟାଳୟରେ ଏଫିଡେଭିଟ ନକଲେ ବି ମିଳିବ ପ୍ରମାଣପତ୍ର ବୋଲି କହିଥିଲେ କ୍ଷଯାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମେଡ଼ିକାଲ ଅଧିକାରୀ ଓ ତହସିଲଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଜନ୍ମମୃତ୍ୟୁ ପଞ୍ଜିକରଣ କାର୍ଯ୍ୟାଳୟ ଚାଲିନିତ ହେଲେ ତହସିଲଦାର ମହଦୋୟ ନିଜ ବିଭାଗର ସମସ୍ୟା ଦୂର କିପରି ହେବ ତାହା ଅନୁଧ୍ୟାନ ନକରି ଅନ୍ୟ ବିଭାଗ କାର୍ଯ୍ୟାଳୟରେ ହସ୍ତକ୍ଷେପ କରିଆସୁଛନ୍ତି। ଯାହାକୁ ନେଇ ଏଭଳି ତହସିଲଦାରଙ୍କ କାର୍ଯ୍ୟକଳାପ କୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି ଓ ବର୍ତ୍ତମାନ ତହସିଲ କାର୍ଯ୍ୟାଳୟରେ ଦଲାଲିଙ୍କ ପଦୂର୍ଭାବ ବଢ଼ିବାରେ ଲାଗିଛି। କୌଣସି ଭୂମୀ ପଞ୍ଜିକରଣ କରିବାକୁ ହେଲେ ସିଧାସଳଖ ତହସିଲଦାର ଦଲାଲିଙ୍କ ପାଖକୁ ପଠାଉଥିବା ଅଭିଯୋଗ ଆସୁଛି । ଯାହା ଫଳରେ ହଜାରେ ବଦଳରେ ଗରିବ ନିରୀହ ଲୋକେ ସେଠି ଦଶ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ଅଭିଯୋଗ ଆସୁଛି । ଯାହା ଫଳରେ ବର୍ତ୍ତମାନ ଲୋକଙ୍କ ସରକାର କୁହାଯାଉଥିବା କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ନୋଡାଲ ବିଦ୍ୟାଳୟରେ ବାର୍ଷିକ ଉତ୍ସବ
## କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ



ଅସ୍ତରଙ୍ଗ (ମହାଭାରତ) : ଅସ୍ତରଙ୍ଗ ବ୍ଲକ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଶେଷ ହୋଇଯାଇଛିଫପୁରୀ ଜିଲ୍ଲାରେ ଏହି ବିଦ୍ୟାଳୟ ପ୍ରତ୍ୟେକ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛିଫ ଉକ୍ତ ବିଦ୍ୟାଳୟ ସବୁବେଳେ ଶିକ୍ଷା ,କୃତିତ୍ୱ ଓ ସଂସ୍କାର କ୍ଷେତ୍ରରେ ବିଦ୍ୟାଳୟର ଗୁରୁତ୍ୱ ଦେଇ ଆସୁଛିଫବାସ୍ତବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ , ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟ ମାନେ ଏହି ଶିକ୍ଷାନୁଷ୍ଠାନକୁ ମଣିଷ ତିଆରି ଏକ ନିଆରା ଅନୁଷ୍ଠାନ ଭାବେ ପୁରୀ ଜିଲ୍ଲା ସମେତ ଆଖ ପାଖ ଅଞ୍ଚଳରେ ପ୍ରତିପାଦିତ କରି ପାରିଥିବା ମୁଖ୍ୟ ବକ୍ତା ପ୍ରେରଣା ଦାୟୀ ସମାଜ ସଂସ୍କାରକ ଚନ୍ଦ୍ର ବିନ୍ଦୁ ଦାସ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ।ସେ ସଂସ୍କାର ଧର୍ମୀ ବକ୍ତବ୍ୟ ପ୍ରଦାନ କରି ଉପସ୍ଥିତ ଛାତ୍ର ଛାତ୍ରୀ ଅଭିଭାବକ ଓ ଅତିଥିମାନଙ୍କୁ କିଛି ସମୟ ପାଇଁ ସ୍ତମ୍ଭିଭୁତ କରି ରଖିଥିଲେ।ପ୍ରଧାନ ଶିକ୍ଷକ ତଥା ସଭାପତିତ୍ୱ କରିଥିବା ନିରଞ୍ଜନ ବେହେରା ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ବିଦ୍ୟାଳୟ ପ୍ରତିଷ୍ଠା ଠାରୁ ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟର ଲୋକପ୍ରିୟତା ସମ୍ପର୍କରେ ସୂଚନା ଦେଇଥିଲେ।ଅନ୍ୟତମ ଅତିଥି ବୃନ୍ଦ ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ବ୍ଲକ ଅଧକ୍ଷା ଆରତୀ ନାୟକ,ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ସ୍ୱାଇଁ, ଅତିରିକ୍ତ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଦାସ, ବିଆରସିସି ପ୍ରିୟଦର୍ଶୀ ବିଶ୍ୱାଳ ,ସିଆରସିସି ସନ୍ତୋଷ କୁମାର ସ୍ୱାଇଁ, ସରପଞ୍ଚ ରାମଚନ୍ଦ୍ର କାଣ୍ଡି ,ଦୁଷ୍ମନ୍ତ ପରିଡା, ରମାକାନ୍ତ ବସ୍ତିଆ,କାଳନ୍ଦୀ ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।ଛାତ୍ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ଜିଣିଥିଲା।ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିବାକ ଓ ଶୁଭେଛୁ ମାନେ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ।

## ନର୍ଲା ଯାଦବ ଭବନଠାରେ ନବମ କଳାହାଣ୍ଡି ଯାଦବ ମହାସଭା ଅନୁଷ୍ଠିତ

ନର୍ଲା (ମହାଭାରତ )ନବମ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡଙ୍କ ଅଧକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତ ବର୍ଷିୟ ଯାଦବ ମହାସଭାର ସମ୍ପାଦକ ରାଜୁ ଘିଭେଲା, ବିଶିଷ୍ଟ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ଉପସଭାପତି ଲମ୍ବୋଦର ନିଆଲ, ମୁଖ୍ୟ ବକ୍ତା ଭାବେ ଉତ୍କଳ ଯାଦବ ମହାସଭାର ସମ୍ପାଦକ ତ୍ରିଲୋଚନ ନାଗ, ସମ୍ମାନିତ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ମହିଳା ପ୍ରକୋଷ୍ଠ ଅଧକ୍ଷା ସଞ୍ଜୁକ୍ତା ବେହେରା, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ନବର୍ନିବାଚିତ ସଭାପତି ନୃପରାଜ ଯାଦବ, ସାଧାରଣ ସମ୍ପାଦକ ତ୍ରିପୁରା ନାୟକ, ବିଦାୟୀ ସାଧାରଣ ସମ୍ପାଦକ ଡ଼ଃ ସଞ୍ଜୟ ଧଙ୍ଗଡାମାଝୀ, ଜିଲ୍ଲା ଅଭ୍ୟର୍ଥନା କମିଟି କୋଷାଧକ୍ଷ ରଘୁବୀର ନାଗ, ମହିଳା ନେତ୍ରୀ ରଶ୍ମୀରେଖା ରାଉତ, ନବ ର୍ନିବାଚିତ ଜିଲ୍ଲା ଉପସଭାପତି କମଲ ବାଗ, ଅଲେଖ ଚନ୍ଦ୍ର ଗୋପାଳ, ଜଗଦୀଶ ଯାଦବ ଓ ଯୁଧିଷ୍ଠିର ଗଉଡ, ଯୁଗ୍ମ ସମ୍ପାଦକ ଡମ୍ବରୁଧର ଖର୍ସେଲ, ପୂର୍ଣ୍ଣଚନ୍ଦ୍ର ଗଉଡ, ବିଶ୍ୱରଞ୍ଜନ ଧଙ୍ଗଡାମାଝୀ, କୋଷାଧକ୍ଷ ଅର୍ଜୁନ ଭାଟି ପ୍ରମୁଖଙ୍କ ସମେତ ୧୩ ଗୋଟି ବ୍ଲକ, ମ୍ୟୁନିସିପାଲଟି, ଏନଏସି ସଭାପତିମାନେ ମଞ୍ଚାସୀନ ଥିଲେ। ନର୍ଲା ବ୍ଲକ ଯାଦବ ସମିତି ସାଧାରଣ ସମ୍ପାଦକ ମଧୁସୂଦନ ରାଉତ ଓ ଶିକ୍ଷାବିତ ସୁଧିର କୁମାର ଧଙ୍ଗଡାମାଝୀ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ଯାଦବ ମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନର୍ଲା ବୁଢ଼ାରଜା ମନ୍ଦିରରୁ ମଶାଳ ଆଣି ମଞ୍ଚରେ ସ୍ଥାପନ କରିଥିଲେ।ଯାଦବ ସଂସ୍କୃତିର ମହାନ ବିଭବ ବାଡ଼ିଖେଳ ସମେତ ଡମବଜା, ଘୁମୁରା ଓ ବିଭିଭ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ଜିଲ୍ଲାର ବ୍ଲକ, ମ୍ୟୁନିସିପାଲଟି, ଏନଏସି, ଆ□ଳିକ, ଯାଦବ କର୍ମକର୍ତ୍ତା ର୍ନିବାଚନର ମୁଖ୍ୟ ର୍ନିବାଚନ ଅଧିକାରୀ ଓ ତାଙ୍କ ଟିମ୍ ଏବଂ ବିଶିଷ୍ଟ ଯାଦବ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଯାଦବ ସମାଜର ଶିକ୍ଷା, ସଂସ୍କୃତି, ରାଜନୈତିକ ଭାଗିଦାରୀ ସମେତ ବିଭିଭ ବିଷୟରେ ଆଲୋଚନା ହୋଇଥିଲାୟ ଏଥିରେ ପା□ ହଜାରରୁ ର୍ଦ୍ଧ୍ୱ ଯାଦବ ସାମିଲ ହୋଇଥିଲେ। ଶେଷରେ ନର୍ଲା ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନର୍ଲା ବ୍ଲକ ଯାଦବ ସମିତିରକର୍ମ କର୍ତା ତଥା ନର୍ଲା ଅଂଚଳର ଯାଦବ ଙ୍କ ପୂର୍ଣ୍ଣ ମାତ୍ରା ରେ ସହଯୋଗ କରିଥିଲେ ।

## ଗଣିଆରେ ର୍ନିମାଣ ହେବ ଶବ ବ୍ୟବଚ୍ଛେଦ ଗୃହ

ଗଣିଆ, ୨୯/୩ (ମହାଭାରତ): ଗଣିଆ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଛି ।ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଏକ ନୂତନ ସବ ବ୍ୟବଛେଦ ଗୃହ ର୍ନିମାଣ ପାଇଁ ସରକାରଙ୍କ ପକ୍ଷରୁ ଅନୁମୋଦନ ହୋଇ ବିଜ୍ଞପ୍ତି ପ୍ରକାଶ ପାଇଛି ।ପୂର୍ବରୁ ଏ ନେଇ ବିଭାଗ ପକ୍ଷରୁ ଏକ ଜିଲ୍ଲାପାଳ ଙ୍କ ଅବଗତ ପରେ ରାଜ୍ୟ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ନେଇ ରାଜ୍ୟ ସରକାର ଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭଗ ପକ୍ଷରୁ ଗତ ୨୫ ତାରିଖ ରେ ୯୨୩୨ /୨୬ ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।ସୂଚନାଯୋଗ୍ୟ ଯେ, ଗଣିଆ ବ୍ଲକରେ ସବ ବ୍ୟବଛେଦ ଗୃହ ନଥିବାରୁ କୌଣସି ଦୁର୍ଘଟଣା ବା ଅସ୍ୱାଭାବିକ ମୃତ୍ୟୁ ଘଟିଲେ, ଶବ ବ୍ୟବଛେଦ ପାଇଁ ପରିବାର ଲୋକଙ୍କୁ ଦଶପଲ୍ଲା କିମ୍ବା ନୟାଗଡ଼ ମୁଖ୍ୟ ଚିକିତ୍ସାଳୟ ଉପରେ ର୍ନିଭର କରିବାକୁ ପଡୁଥିଲାୟ ଏଥିପାଇଁ ମୃତକଙ୍କ ସମ୍ପର୍କୀୟମାନେ ଅନେକ ସମୟରେ ମାନସିକ ଓ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିଲେ ।ଏ ନେଇ ସ୍ୱାସ୍ଥ୍ୟ ବିଭଗ ପକ୍ଷରୁ ଏଠାରେ ଏକ ପୋଷ୍ଟମର୍ଟମ ଗୃହ ର୍ନିମାଣ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା। ଖୁବଶୀଘ୍ର ଏହାର ର୍ନିମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ଗୃହ ର୍ନିମାଣ ହେଲେ ଗଣିଆ ସମେତ ଆଖପାଖ ପଞ୍ଚାୟତର ଲୋକେ ବିଶେଷ ଭାବେ ଉପକୃତ ହୋଇପାରିବେ।

## ଶହେ ରେ ଆଠ ଜଣ ଅଧାରୁ ଛାଡୁଛନ୍ତି ପାଠପଢ଼ା, ଫର୍ମ ପୂରଣ କରି ମାଟ୍ରିକ୍ ପରୀକ୍ଷା ଦେଉ ନାହାନ୍ତି
## ସଚେତନତା ଚାଲିଛି, ଡ୍ରପ୍ ଆଉଟ୍ କମୁନି




ନୟାଗଡ଼, ( ମହାଭାରତ ) : ଅଧାରୁ ପାଠପଢ଼ା ଯେପରି ବନ୍ଦ ନ ହୁଏ, ସେଥିପ୍ରତି ଜିଲ୍ଲା ଶିକ୍ଷା ବିଭାଗ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରୁଛି। ମାତ୍ର ଏତେ ସଚେତନତା କୌଣସି କାମ ଦେଉ ନଥିବା ଜଣାପଡୁଛି। ଏବେ ବି ଜିଲ୍ଲାରେ ଡ୍ରପ୍ ଆଉଟ୍ ସଂଖ୍ୟା ବଢ଼ି ଚାଲିଛି। ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରଦାନ କରିଥିବା ତଥ୍ୟରୁ ଏହା ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଯାଇଛି। ଜିଲ୍ଲାରେ ଏବେ ବି ପ୍ରତି ଶହେରେ ୮ ଜଣ ଛାତ୍ରଛାତ୍ରୀ ପାଠପଢ଼ା ଛାଡୁଥିବା ଜଣାପଡ଼ିଛି। ଯାହାକି ଜିଲ୍ଲା ଶିକ୍ଷା ବିଭାଗର ଚିନ୍ତା ବଢ଼ାଇ ଦେଇଛି। ମନ୍ତ୍ରୀ ଶ୍ରୀ ଗଣ୍ଡ ରାଜ୍ୟରେ ଗତ ୨୦୨୪-୨୫ ବର୍ଷରେ ବିଭିନ୍ନ ସ୍ତରରେ ଡ୍ରପ୍ ଆଉଟ୍ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଛନ୍ତି। ଏଥିରୁ ଜଣାପଡ଼ିଛି ଯେ ନୟାଗଡ଼ ଜିଲ୍ଲାରେ ପ୍ରାଥମିକ ଶିକ୍ଷାରେ ହଜାରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮ ଜଣ ଛାତ୍ର ଓ ତିନି ଜଣ ଛାତ୍ରୀ ପାଠପଢ଼ା ଛାଡୁଛନ୍ତି। ଉଚ୍ଚ ପ୍ରାଥମିକ ଶିକ୍ଷା ବର୍ଗରେ ହଜାରେ ମଧ୍ୟରୁ ୬ ଜଣ ଛାତ୍ର ଓ ୭ ଜଣ ଛାତ୍ରୀ ପାଠ ପଢୁଛନ୍ତି। ମାତ୍ର ମାଧ୍ୟମିକ ଶିକ୍ଷା ବର୍ଗରେ ଏହି ସଂଖ୍ୟାରେ ବୃଦ୍ଧି ଘଟୁଥିବା ଦେଖାଯାଉଛି। ଏହି ବର୍ଗରେ ପ୍ରତି ଶହେ ରେ ୧୦ ଜଣ ଛାତ୍ର ଓ ୬ ଜଣ ଛାତ୍ରୀ ପାଠ ପଢ଼ା ଛାଡୁଛନ୍ତି। ଅର୍ଥାତ ଏହି ବର୍ଗରେ ହାରାହାରି ୮ ଜଣ ଛାତ୍ର ଛାତ୍ରୀ ପାଠପଢ଼ା ଛାଡୁଛନ୍ତି। ଯଦି ଏମିତି ସ୍ଥିତି ଜାରି ରୁହେ, ତେବେ ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବଢ଼ିବାରେ ଆଶଙ୍କା ରହୁଛି। ଚଳିତ ବର୍ଷ ଜିଲ୍ଲାରେ ମୋଟ୍ ୭୫ଟି କେନ୍ଦ୍ରରେ ୧୨୫୯୩ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ମାତ୍ର ସେଥି ମଧ୍ୟରୁ ୧୨, ୩୬୯ ଜଣ ପରୀକ୍ଷା ଦେବାକୁ ଆସିଥିଲେ। ଅର୍ଥାତ ୨୨୪ ଜଣ ଛାତ୍ର ଛାତ୍ରୀ ଫର୍ମ ପୂରଣ କରି ପରୀକ୍ଷା ଦେବାକୁ ଆସି ନଥିବା ଦେଖିବାକୁ ମଳିଥିଲା। ଅଧିକାଂଶ ପରିବାରରେ ପେଟ ପୋଷିବା ପାଇଁ ପୁଅଟିଏ ଟିକିଏ ବଡ଼ ହୋଇଗଲେ, ପାଠ ପଢ଼ା ଛାଡ଼ି ମଜୁରୀ ହେଉ ଅବା ଦାଦନ ଖଟିବା ପାଇଁ ବାହାରକୁ ପଳାଉଛନ୍ତି। ସେମାନଙ୍କ ପାଇଁ ପାଠ ପଢ଼ା କିଛି ଗୁରୁତ୍ବ ରଖୁନି। ଆଉ ଛାତ୍ରୀ ମାନଙ୍କ କ୍ଷେତ୍ରରେ ଅଧିକାଂଶ ବିବାହ କରି ଯାଉଥିବା ଦେଖିବାକୁ ମିଳିଛି। ଏହାସହ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପ୍ରବେଶ ଉତ୍ସବ ଓ ଶିକ୍ଷା ସଚେତନତା ରଥ, ଅଭିଭାବକ ଶିକ୍ଷକ ସଭା, ମାଧ୍ୟମିକ ଛାତ୍ର ଛାତ୍ରୀଙ୍କୁ ସାଇକଲ, ମାଗଣା ୟୁନିଫର୍ମ, ଅନୁସୂଚିତ ଜାତି/ ଜନଜାତି ଛାତ୍ର ଛାତ୍ରୀଙ୍କ ପାଇଁ ମାଗଣା ପାଠ୍ୟ ପୁସ୍ତକ, ଛାତ୍ର ବୃତ୍ତ, ସ୍କୁଲ ଗୁଡ଼ିକରେ ଭିତ୍ତିଭୂମି ସଜାଡ଼ିବା ସହ ସ୍ମାର୍ଟ ଶ୍ରେଣୀ ଗୃହ ଓ ପାଠାଗାର ବ୍ୟବସ୍ଥା କରାଯାଉଛି। ସରକାରଙ୍କ ଏତେ ଯୋଜନା ଆଦିବାସୀ ଅଧୁଷିତ ଅଞ୍ଚଳ ବାସୀଙ୍କ ଉପରେ କୌଣସି ପ୍ରଭାବ ପକାଇପାରୁ ନାହିଁ। ଯାହାର ପରିଣାମ ସ୍ୱରୁପ ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ରୋକ୍ ଲାଗିପାରୁ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଲାଞ୍ଜିଗଡରେ ଅନନ୍ୟ ପରମ୍ପରା ମାଁ ଠାକୁରାଣୀଙ୍କ ଚୈତ୍ର ଘଣ୍ଟଯାତ୍ର ସମ୍ପନ୍ନ



ଲାଞ୍ଜିଗଡ,(ମହାଭାରତ ): ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡର ମାଁ ଠାକରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ରବିବାର ମହା ସମାରୋହରେ ସମ୍ପନ୍ନ ହେଇଯାଇଛି । ଲାଞ୍ଜିଗଡ ଇଷ୍ଟଦେବୀ ମାଁ ଠାକୁରାଣୀ ଗତ ୯ ଦିନ ଧରି ଦ୍ୱାର ଦ୍ୱାର ବୁଲି ଭକ୍ତଙ୍କୁ ଦର୍ଶନ ଦେଲା ପରେ ଆଜି ରବିବାର ସକାଳେ ନିଜ ଆସ୍ଥାନ ବିରାଜମାନ କରିଛନ୍ତି । ପୂଜକ ଭକ୍ତଙ୍କ ପିଠିରେ ମାଁଙ୍କୁ ଆସ୍ଥାନକୁ ନେଇଥିଲେ। ମାଁ ଠାକୁରାଣୀଙ୍କ ଘଣ୍ଟଯାତ୍ର ଦ୍ୱିତୀୟଓ ତିଥିରୁ ଆରମ୍ଭ ହୋଇଥିବାବେଳେ ଲାଞ୍ଜିଗଡ ରାଜ ଉଆସରୁ ମାଁଙ୍କ ଘଣ୍ଟକୁ ଶୃଙ୍ଗାର କରି ଗାଁ ମଝିରେ ଥିବା ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରି ପୂଜକମାନେ ଆହ୍ୱାନ କରିଥିଲେ। ଜମ୍ବେଶ୍ୱର ପୂଜାରୀ ମାଁଙ୍କ ଘଣ୍ଟକୁ ମୁଣ୍ଡରେ ବହନ କରିଥିବା ବେଳେ ମାଁଙ୍କ ମୁଖ୍ୟ ପୂଜକ ଅଭିମନ୍ୟୁ ପାତ୍ର ମାଁଙ୍କ ପୂଜାର୍ଚ୍ଚନା ସହିତ ଘଣ୍ଟ ସାଙ୍ଗରେ ଅଞ୍ଚଳର ବିଭିଭ ଗାଁ ପରିକ୍ରମା କରିଥିଲେ ଏବଂ ଭକ୍ତମାନେ ମାଁଙ୍କୁ ଦର୍ଶନ କରିଥିଲେ। ଦୀର୍ଘ ୮ ଦିନ କାଳ ବିଭିଭ ଗାଁକୁ ଯାଇ ଭକ୍ତ ମାନଙ୍କ ଘରେ ପୂଜା ପାଇବା ପରେ ନବମ ଦିନ ନିଜ ମନ୍ଦିରରେ ଗୋଟିଏ ଦିନ ପାଇଁ ବିଶ୍ରାମ ନେଇଥିଲେ। ପୁଣି ସେହିଦିନ ସନ୍ଧ୍ୟାରେ ଲାଞ୍ଜିଗଡ ରାଜାଙ୍କ ଘରକୁ ଯାଇ ପୂଜା ପାଇବା ପରେ ନବମ ଦିବସ ରାତିସାରା ଲାଞ୍ଜିଗଡ ସହରର ସମସ୍ତ ଘରକୁ ଯାଇ ଝୁଣା, ପଣାପାଣି, ଗଜାମୁଆ ଇତ୍ୟାଦି ଭୋଗ ଗ୍ରହଣ କରିଥିଲେ। ରବିବାର ଉଦଯାପନି ଦିବସରେ ମାଁଙ୍କ ସେବକ ପୂଜାରୀ ପଡ଼ାରୁ ଏକ ବିରାଟ ଆଡୁଆଳରେ ମାଁଙ୍କୁ ମନ୍ଦିରକୁ ଆଣିଥିଲେ। ଗ୍ରାମର ପ୍ରତ୍ୟେକ ପଡାବାସୀ ନିଜ ଦ୍ୱାର ସାମ୍ନାରେ ଚିତା ଆଙ୍କି ଘଣ୍ଟ, ଘଣ୍ଟା, ଶଙ୍ଖ, ଖୋଳତାଳ ବାଦ୍ୟରେ ମାଁଙ୍କୁ ସ୍ୱାଗତ କରି ଭୋଗ ଅର୍ପଣ କରିଥିଲେ । ମାନସିକଧାରୀ ମାନେ ବୋଦା, କୁକୁଡ଼ା, ପାରା ବଳି ମଧ ଦେଇଥିବାର ଦେଖିବାକୁ ମିଳିଥିଲା। ମାଁ ଠାକୁରାଣୀ ପରେ ନିଜ ଆସ୍ଥାନକୁ ଆସିବା ସମୟରେ ଭକ୍ତ ମାନଙ୍କ ପିଠିରେ ଚଢି ନିଜ ଆସ୍ଥାନରେ ବିରାଜମାନ କରିଥିଲେ। ମାଁ ପିଠି ଉପରେ ଚଢି ଆସିଲେ ବିଭିଭ ରୋଗ ଶୋକ ଦୂର ହେବା ସହ ଶାନ୍ତିମୟ ଜୀବନଯାପନ କରିବାର ବିଶ୍ୱାସ ରହିଛି। ମନ୍ଦିରକୁ ଆସିବା ପରେ ଗ୍ରାମର ସମସ୍ତଙ୍କ ଘରୁ ଶସ୍ୟ ସଂଗ୍ରହ କରାଯାଇଥିଲା। ସେହି ଶସ୍ୟଙ୍କୁ ମାଁଙ୍କ ଘରେ ପୂଜାର୍ଚ୍ଚନା କଲା ପରେ ଭକ୍ତ ମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା। ସେହି ଶସ୍ୟକୁ ରଖି ଅକ୍ଷୟ ତୃତୀୟାରେ ବାହାର କରି ଜମିରେ ଦେଲେ ଭଲ ଅମଳ ହୁଏ ବୋଲି ମଧ ବିଶ୍ୱାସ ରହିଛି। ମାଁ ଠାକୁରାଣୀଙ୍କ ୯ ଦିନ ଧରି ଏହି ଘଣ୍ଟଯାତ୍ର ମହା ଆଡମ୍ବର ସହିତ ପାଳନ ହୋଇଥିବା ବେଳେ ମନ୍ଦିରକୁ ଆଲୋକମାଳାରେ ସୁସଜିତ କରାଯାଇଥିଲା। ଭକ୍ତଙ୍କ ମନରଞ୍ଜନ ପାଇଁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ପାଇଁ ମାଁ ଠାକୁରାଣୀ ପୂଜା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରିଥିଲେ।

## ଆସିକାରେ ଗ୍ୟାସ ପାଇଁ ଲମ୍ବା ଲାଇନ କଳାବଜାରୀ
## ମାଲେମାଲ ସାଧାରଣ ଜନତା ବେହାଲ



ଆସିକା (ମହାଭାରତ): ଆସିକାର କୋଣ ଅନୁକୋଣ ରେ ଗ୍ୟାସ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି ।ଏଠାରେ ଗ୍ୟାସ କଳାବଜାରୀ ଦିନକୁ ଦିନ ବଢିବାକୁ ଲାଗିଛି । ଗୋଟିଏ ଗ୍ୟାସ ୧୮୦୦ରୁ ୨୦୦୦ ରେ ଆସିକା ମାର୍କେଟରେ ବିକ୍ରି ହେଉଛି ।ଛୋଟ ବଡ଼ ଜଳଖିଆ ଦୋକାନ ଠାରୁ ବଡ଼ ବଡ଼ ନାମୀ ଦାମୀ ହୋଟେଲ ରେ ଘରୋଇ ଗ୍ୟାସ ବହୁଳ ବ୍ୟବହାର ହେବାର ନଜିର ରହିଛି। କମରସିଆଲ ଗ୍ୟାସ ଯୋଗାଣ ନଥିବାରୁ ହୋଟେଲ ଗୁଡ଼ିକ ରେ ବ୍ୟବହାର ହେଉଛି ଘରୋଇ ଗ୍ୟାସ। ଡବଲ ଇଞ୍ଜିନ ସରକାର ଏବେ ରାଜ୍ୟସଭା ର୍ନିବାଚନ ରେ ବ୍ୟସ୍ତ ଥିବା ବେଳେ ସରକାରୀ ବାବୁ ମାନେ ମଉଜ ମଜଲିଶ ରେ ବ୍ୟସ୍ତ ଥିବା ନେଇ ଆଲୋଚନା ହେଉଛି। କେତେକ ହୋଟେଲ କମରସିଆଲ ଗ୍ୟାସ ଦର ବୃଦ୍ଧିର ଦ୍ୱାହି ଦେଇ ଅନେକ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି କରିଛନ୍ତି। ସରକାର ଗ୍ୟାସ କଳା ବଜାରୀ ଉପରେ ଧ୍ୟାନ ନଦେଲେ ସାଧାରଣ ଲୋକଙ୍କୁ ଆଉ ସହଜ ରେ ଗ୍ୟାସ ମିଳିବ ନାହିଁ। ପ୍ରଶାସନିକ ଅଧିକାରୀ ମାନଙ୍କୁ ଚେତାବନୀ ଦେଇ ସରକାର ବିଭିନ୍ନ ହୋଟେଲ ଉପରେ ଚଢ଼ାଉ ଜୋର ଦାର କରିବା ପାଇଁ ବୁଦ୍ଧିଜୀବୀ ମହଲ ରୁ ଦାବୀ ହେଉଛି।

## ଦୁର୍ଘଟଣାରେ ଏଏମଏନଏସ ଠିକା କର୍ମଚାରୀ ଗୁରୁତର : କମ୍ପାନୀ ଓ ଠିକାଦାର ଙ୍କ ଅଣଦେଖା କୁ ନେଇ ଅସନ୍ତୋଷ

ପାରାଦୀପ (ମହାଭାରତ):୨୦୧୧ ମସିହାରୁ ଏସଆର ଷ୍ଟିଲ ଏବଂ ସମ୍ପ୍ରତି ଏଏମଏନଏସ କମ୍ପାନୀରେ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ ହେବ ପାଟକୁରା ଅଞ୍ଚଳ ର ର୍ନିମଳ କୁମାର ସାମଲ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରି ଆସୁଛନ୍ତି । ତେବେ ଗତ ମାର୍ଚ୍ଚ ୨୪ ତାରିଖରେ କମ୍ପାନୀରେ ଫାଷ୍ଟ ସିଫ୍ଟ ଡ୍ୟୁଟି ସାରି ତାଙ୍କ ପାଟକୁରା ସ୍ଥିତ ଘରକୁ ମଟରସାଇକେଲ ରେ ଫେରୁଥିବା ବେଳେ ମଧ୍ୟାହ୍ନ ୨.୩୦ ମିନିଟ ସମୟରେ ଏକ ଟ୍ରକ ସହିତ ଦୁର୍ଘଟଣା ଘଟି ବର୍ତ୍ତମାନ ସେ ଭୁବନେଶ୍ୱର ସ୍ଥିତ କିମ୍ସ ହସ୍ପିଟାଲ ରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ନା ଏଏମଏନଏସ କର୍ତ୍ତୃପକ୍ଷ ନା ତାଙ୍କ ଠିକା ସଂସ୍ଥା ତାଙ୍କୁ କୌଣସି ସହଯୋଗ କିମ୍ବା ସହାୟତର ହାତ ବଢ଼ାଇ ନାହାନ୍ତି । ଯାହା ଫଳରେ ଏଏମଏନଏସ ରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା କର୍ମଚାରୀ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହିତ ଆଗାମୀ ଦିନରେ ଏହି ଘଟଣା କି ରୂପ ନେବ ତାହା କହି ହେଉନାହିଁ ।

## ଖବର ପ୍ରସାରଣ ପରେ ସମାଧାନ ହେଲା ରାସ୍ତା ସମସ୍ୟା

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ର୍ନିବାଚନ ମଣ୍ଡଳୀରେ ଅନେକ ଦୁର୍ନୀତି ହେଉଥିବା ବିଭିନ୍ନ ଖବରକାଗଜରେ ପ୍ରସାରିତ ହେଉଥିଲେହେଁ ସରକାର ଓ ପ୍ରଶାସନର ଉଧେଶ୍ୟମୂଳକ ଦୃଷ୍ଟି ପଡ଼ୁନାହିଁ। ତେବେ ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଏନଏସି ୱାର୍ଡନଂ ୮ରୁ ୱାର୍ଡନଂ ୧୫ସିଂକୋଳ ପର୍ଯ୍ୟନ୍ତ ୫କିମି ପିଡବ୍ଲୁଡ଼ି ବିଭାଗର ରାସ୍ତା ର୍ନିମାଣରେ ବିଭିଭ ଅନିୟମିତତା ଅଭିଯୋଗ ହୋଇଆସୁଥିବାବେଳେ ୱାର୍ଡନଂ ୯ ପାଣି ଟାଙ୍କିଠାରୁ ୱାର୍ଡନଂ ୮ ମଧୁବନ ପର୍ଯ୍ୟନ୍ତ ରାସ୍ତା କିଛି ସମସ୍ୟାପାଇଁ କାର୍ଯ୍ୟବନ୍ଦ ପାଇଁ ହୋଇଥିଲା ଯୋଜନା। ତେବେ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗପାଇ ବିଜେଡିନେତା ହିନ୍ଦୋଳ ଏନଏସି ଅଧକ୍ଷ କେଶବ ପ୍ରଧାନ,ୱାର୍ଡନଂ୮ କାଉନସିଲର ରୁଦ୍ରନାରାୟଣ ଦାସ,ପୂର୍ବତନ କାଉନସିଲର ତଥା ବିଜେଡି ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରା, ପୂର୍ବତନ କାଉନସିଲର ରମେଶ ସାହୁ ପ୍ରମୁଖ ଉଦ୍ୟମକରି ଦାବି କରିବାରୁ ଏବଂ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ହସ୍ତକ୍ଷେପ ଫଳରେ ପ୍ରଶାସନିକ ସ୍ତରରେ ଏହି ରାସ୍ତା ସମସ୍ୟା ସମାଧାନ ହୋଇଥିଲା ଫଳରେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେଉରା,ତହସିଲଦାର ଦିଲୀପ ସେଠି,ଏନଏସି ର୍ନିବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ପ୍ରମୁଖ ପ୍ରଶାସନିକ ଅଧିକାରୀ ଏହାର ସମାଧାନ କରିଥିଲେ ଏବଂ ପୁନଃଶ୍ଚ ଅସମ୍ପୂର୍ଣ୍ଣ ରାସ୍ତା ର୍ନିମାଣକାର୍ଯ୍ୟ ଆଗେଇବାସହ ସାଇଡୱାଲ ର୍ନିମାଣ ମଧ ହୋଇପାରିଛିୟତେବେ ରାସ୍ତାଟିର ଗୁଣାତ୍ମକ ମାନପ୍ରତି ଅଧିକ ଗୁରୁତ୍ୱ ଦେବାପାଇଁ ସ୍ଥାନୀୟ ଅଞ୍ଚଳବାସି ଦାବିକରିବାସହ ବିଧାୟିକା,ହିନ୍ଦୋଳ ଏନଏସି ଅଧକ୍ଷ,ୱାର୍ଡ୮ କାଉନସିଲର, ପୂର୍ବତନ କାଉନସିଲର ଓ ପ୍ରଶାସନଙ୍କୁ ଅଞ୍ଚଳବାସି କୃତଜ୍ଞତା ଜଣାଇଛନ୍ତି।

## ୧୫୧ କେଜି ସମ୍ବର ମାଂସ ଜବତ, ୪ ଜଣ ଶିକାରୀ କୋର୍ଟ ଚାଲାଣ



କରଞ୍ଜିଆ,(ମହାଭାରତ): ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାର ଓ ଅବୈଧ ମାଂସ ଚାଲାଣ ବିରୋଧରେ ବନ ବିଭାଗ ପକ୍ଷରୁ ବୃହ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶିମିଳିପାଳ ଜଙ୍ଗଲ ସଂଲଗ୍ନ ଅଞ୍ଚଳରୁ ଶିକାର ହୋଇଥିବା ଏକ ସମ୍ବର ହରିଣର ପ୍ରାୟ ୧୫୧ କେଜି ମାଂସ ଜବତ କରାଯାଇଥିବାବେଳେ ଏହି ଘଟଣାରେ ସମ୍ପୃକ୍ତ ୪ ଜଣ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଠାକୁରମୁଣ୍ଡା ବ୍ଲକ ହାତୀଗୋଡା ଗ୍ରାମପଞ୍ଚାୟତ ଅଧୀନ ଅସନକୁଦର ମାହାଲି ସାହିର ବିକ୍ରମ ମାହାଲି, ଅର୍ଜୁନ ମାହାଲି, ସୁନୀଲ ମାହାଲି ଏବଂ ରାଣୀଭୋଳ ଗ୍ରାମର ଦେରେଗା ଡାଙ୍ଗୀଲ। ବନ ବିଭାଗ ସୂଚନା ଅନୁସାରେ, ଗତ ୨୬ ତାରିଖ ସନ୍ଧ୍ୟା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଏସିଏଫ ଓ ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ ଏକ ଦଳ ଶିମିଳିପାଳ ସଂଲଗ୍ନ କମ୍ପାର୍ଟମେଣ୍ଟ ନମ୍ବର-୮ ଅଞ୍ଚଳରେ ଚଢ଼ାଉ କରିଥିଲେ।ଚଢ଼ାଉ ସମୟରେ ଦୁଇ ଜଣ ଶିକାରୀ ଜଙ୍ଗଲ ଭିତରୁ ଫେରୁଥିବା ବେଳେ ସନ୍ଦେହ ଆଧାରରେ ସେମାନଙ୍କୁ ଅଟକାଇ ତଲାଶି କରାଯାଇଥିଲା। ତଦନ୍ତ ସମୟରେ ସେମାନଙ୍କ ନିକଟରୁ ସମ୍ବର ମାଂସ ମିଳିଥିଲା। ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରି ପଳାଇଥିବାବେଳେ ଅନ୍ୟଜଣଙ୍କୁ ଧରିବାରେ ବନ କର୍ମଚାରୀମାନେ ସଫଳ ହୋଇଥିଲେ।ପରବର୍ତ୍ତୀ ତଦନ୍ତ ଓ ପଚରାଉଚରା ପରେ ଏହି ଘଟଣାରେ ସମ୍ପୃକ୍ତ ଆଉ ୩ ଜଣ ଶିକାରୀଙ୍କ ସନ୍ଧାନ ମିଳିଥିଲା। ବନ ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ମୋଟ ୧୫୧ କେଜି କଟା ସମ୍ବର ମାଂସ ଏବଂ ଦୁଇଟି ରକ୍ତରେ ଭିଜା କୁରାଢ଼ୀ ଜବତ କରାଯାଇଛି ।ଏହି ଘଟଣା ସମ୍ବନ୍ଧରେ ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ କେଶ ନମ୍ବର ୦୫/୨୬ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପରେ ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ବାରିପଦା କୋର୍ଟରେ ପେଶ କରାଯାଇ କୋର୍ଟ ଚାଲାଣ କରାଯାଇଛି ।ବନ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଶିମିଳିପାଳ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାର ରୋକିବା ପାଇଁ ଚଢ଼ାଉ ଓ ପହରା ବ୍ୟବସ୍ଥାକୁ ଆହୁରି କଡ଼ା କରାଯିବୟ ଏପରି ଅବୈଧ କାର୍ଯ୍ୟରେ ଜଡିତ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ବିଭାଗ ଚେତାବନୀ ଦେଇଛି।

## ହିନ୍ଦୋଳ ଓକିଲ ସଙ୍ଘ ର୍ନିବାଚନ,ସୁଶୀଲ ସଭାପତି,ପ୍ରକାଶ ସମ୍ପାଦକ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳବିଧାନସଭା କ୍ଷେତ୍ର ହିନ୍ଦୋଳ ବାର ଆସୋସିଏସନର ର୍ନିବାଚନରେ ପୂର୍ବତନ ସଭାପତି ଓ ସମ୍ପାଦକଙ୍କ ଏକତରଫା ବିଜୟ ହୋଇଛି। ଆଜି ହିନ୍ଦୋଳ ବାର ଆସୋସିଏସନ ପାଇଁ ସଭାପତି ଥିବା ସୁଶୀଲ ଗଡ଼ନାୟକ ଓ ସମ୍ପାଦକ ପ୍ରକାଶ ନାୟକ ପୁନର୍ବାର ପଦବୀପାଇଁ ର୍ନିବାଚନ ଅଧିକାରୀ ନିଯୁକ୍ତ ଆଦିକନ୍ଦ ପାଲଙ୍କ ନିକଟରେ ନାମାଙ୍କନ ଭରିଥିଲେ। ତେବେ ସୁଶୀଲ ଗଡ଼ନାୟକ ୧୫ଟି ଭୋଟ ପାଇଥିବାବେଳେ ବିପକ୍ଷରେ ଥିବା ଦୀପ୍ତିକାନ୍ତ ପ୍ରଧାନ ମଧ ୧୫ଭୋଟ ପାଇବାରୁ ଧର୍ମଗୁଳା ପଡିଥିଲା ଏବଂ ଏଥିରେ ସୁଶୀଲ ଗଡ଼ନାୟକ ବିଜୟୀ ହୋଇ ସଭାପତି ଘୋଷିତ ହୋଇଥିଲେ। ସେହିପରି ସମ୍ପାଦକ ପାଇଁ ପ୍ରକାଶ ନାୟକ ୨୦ଟି ଭୋଟପାଇ ବିଜୟୀ ଘୋଷିତ ହୋଇଥିବାବେଳେ ବିପକ୍ଷରେ ୧୦ଭୋଟ ଯାଇଥିଲା ।ସେହିପରି ଉପସଭାପତି ଭାବରେ ଦେବାନନ୍ଦ ପଟ୍ଟନାୟକ,ସହ-ସମ୍ପାଦକ ଭାବରେ ଦିଲୀପ ଦାସ, କୋଷାଧକ୍ଷ ଭାବରେ ସୁଶାନ୍ତ ମିଶ୍ର ବିନା ପ୍ରତିଦ୍ୱନ୍ଦୀତା ର୍ନିବାଚିତ ହୋଇଥିଲେ। ସୁଶୀଲ,ପ୍ରକାଶଙ୍କ ବିଜୟରେ ଉପଖଣ୍ଡରେ ଖୁସିରମାହୋଲ ସୃଷ୍ଟି ହୋଇଥିବାବେଳେ ପୂର୍ବତନ ସାଂସଦ ମହେଶ ସାହୁ,ବ୍ଲକବିଜେଡି ସଭାପତି ଦେବି ପ୍ରସାଦ ପଟ୍ଟନାୟକ,ବ୍ଲକ ଅଧକ୍ଷା ସସ୍ମିତାରାଣୀ ନାୟକ,ଏନଏସି ଅଧକ୍ଷ କେଶବ ପ୍ରଧାନ,ଉପାଧ୍ୟାକ୍ଷା ପ୍ରତିମା ରାଉତ,ବିଜେଡି ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରାଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ବରିଷ୍ଠ ଆଇନଜୀବୀ, ସାମ୍ବାଦିକ ଓ ଜନସାଧାରଣ ବିଜୟୀ କାର୍ଯ୍ୟକର୍ତା ମାନଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ସୋମବାର, ୩୦ ମାର୍ଚ୍ଚ, ୨୦୨୬ 

## ପାକିସ୍ତାନରେ ୨ ଦିନିଆ ଲକ୍ ଡାଉନ୍ ଘୋଷଣା

ପାକିସ୍ତାନ : ପାକିସ୍ତାନରେ ବଢୁଥିବା ତୈଳ ସଙ୍କଟକୁ ଦୃଷ୍ଟିରେ ରଖି ସରକାର ୨ ଦିନିଆ ଲକ୍ ଡାଉନ୍ ଘୋଷଣା କରିଛନ୍ତି । ଶନିବାର ଏବଂ ରବିବାର ଲକଡାଉନ୍ ନିଷ୍ପତ୍ତି ନେଇଛନ୍ତି ସରକାର । ଏହି ଲକଡାଉନ ସମୟରେ ସମୟରେ ବଜାର, କାରଖାନା ଏବଂ ରାସ୍ତା ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ହସ୍ପିଟାଲ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସେବା କେନ୍ଦ୍ରଗୁଡିକ କାର୍ଯ୍ୟକ୍ଷମ ରହିବ । ସୂଚନାନୁଯାୟୀ, ଲକଡାଉନ୍ ଶନିବାର ଦିନ ୧୨ଟାରୁ ରବିବାର ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ । ଏହି ସୂଚନା ପାକିସ୍ତାନ ମିଡିଆ ପକ୍ଷରୁ ମିଳିଛି । ଲକଡାଉନ୍ ସମୟରେ ସମସ୍ତ ଦୋକାନ, ବଜାର, କାରଖାନା ଏବଂ ଅନ୍ୟାନ୍ୟ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ ରହିବ । ଏଥିସହ ବାଣିଜ୍ୟିକ ସ୍ଥାନରେ ବିବାହ କିମ୍ବା ଅନ୍ୟ କୌଣସି କାର୍ଯ୍ୟକ୍ରମକୁ ଅନୁମତି ଦିଆଯିବ ନାହିଁ । କିନ୍ତୁ ହସ୍ପିଟାଲ, ଔଷଧ ଦୋକାନ ଏବଂ ଅନ୍ୟାନ୍ୟ ଜରୁରୀ ସରକାରୀ ସେବା ଖୋଲା ରହିବ । ଏହା ବ୍ୟତୀତ ବିମାନବନ୍ଦର, ସମୁଦ୍ର ବନ୍ଦର ଏବଂ ରେଳ ଷ୍ଟେସନଗୁଡ଼ିକ ମଧ୍ୟ କାର୍ଯ୍ୟକ୍ଷମ ରହିବ । ଅତ୍ୟାବଶ୍ୟକୀୟ ଯାତ୍ରାକୁ ଅନୁମତି ଦେବା ପାଇଁ ସାର୍ବଜନୀନ ବସ୍‌ଗୁଡ଼ିକୁ ଛାଡ଼ ଦିଆଯାଇଛି । ନଚେତ୍ ଅତ୍ୟାବଶ୍ୟକୀୟ ଯାତ୍ରା ଏବଂ ସେବା ପ୍ରଭାବିତ ହୋଇପାରେ । ଅନ୍ୟପଟେ ପ୍ରାଦେଶିକ ସରକାରଙ୍କୁ ଦୁଇ ଏବଂ ତିନି ଚକିଆ ଯାନର ପଞ୍ଜୀକରଣ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସରକାର ଆବଶ୍ୟକ କରୁଥିବା ଲୋକଙ୍କୁ ସିଧାସଳଖ ସବସିଡି ପ୍ରଦାନ କରିପାରିବେ । ସରକାର କହିଛନ୍ତି ଯେ ଏହି ପଦକ୍ଷେପଗୁଡ଼ିକ ଦେଶରେ ତୈଳ ଅଭାବକୁ ଦୂର କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ସମ୍ପଦ ସଂରକ୍ଷଣ କରିବା ପାଇଁ ଉଦ୍ଦିଷ୍ଟ ।

## ଆମେରିକାରେ ଟ୍ରମ୍ପ ସରକାରଙ୍କ ବିରୋଧରେ ବିଶାଳ ବିଦ୍ରୋହ

ଆମେରିକାରେ ଟ୍ରମ୍ପ ସରକାରଙ୍କ ବିରୋଧରେ ବିଶାଳ ବିଦ୍ରୋହ ।




ଆମେରିକାର ସମସ୍ତ ୫୦ ରାଜ୍ୟରେ ଟ୍ରମ୍ପ ସରକାରଙ୍କ ବିରୋଧରେ ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । "ନୋ କିଙ୍ଗସ୍" ଶୀର୍ଷକ ଏହି ବିକ୍ଷୋଭ ପ୍ରଦର୍ଶନରେ ପ୍ରାୟ ୮୦ ରୁ ୯୦ ଲକ୍ଷ ଲୋକ ସାମିଲ ହୋଇଥିଲେ । ସାନ୍-ଫ୍ରାନ୍ସିସ୍କୋର ସମୁଦ୍ର କୂଳରେ ହଜାର ହଜାର ଲୋକ ଏକାଠି ହୋଇ ବାଲି ଉପରେ ଟ୍ରମ୍ପ ଏବେ ବିଦା ହୁଅନ୍ତୁ ଲେଖି ନିଜ ଆକ୍ରୋଶ ପ୍ରକାଶ କରିଛନ୍ତି । ଇରାନ ବିରୁଦ୍ଧରେ ଆମେରିକା ଚଳାଇଥିବା ସାମରିକ ଅଭିଯାନକୁ ଲୋକେ ତୀବ୍ର ବିରୋଧ କରୁଛନ୍ତି । ପ୍ରଦର୍ଶନକାରୀ କହିଛନ୍ତି, ଦେଶ ଗଣତନ୍ତ୍ରରେ ଚାଲିବା କଥା, କୌଣସି ଜଣେ ବ୍ୟକ୍ତିଙ୍କ ଜିଦରେ ନୁହେଁ । ସେଥିପାଇଁ ସେମାନେ "ଘକ୍ଟ କସଭଶସ୍ୱ" ସ୍ଲୋଗାନ ଦେଇଛନ୍ତି । ସାନ୍ ଫ୍ରାନସିସକୋ ର ଓସେନ୍ ବିଚ୍ ରେ ୬୦୦ ଫୁଟ୍ ଚଉଡ଼ା ଏବଂ ୩୦୦ ଫୁଟ୍ ଉଚ୍ଚର ଏକ ମାନବ ଶୃଙ୍ଖଳା ତିଆରି କରାଯାଇଥିଲା । ଯେଉଁଥିରେ "ଛଜଟଗଚ ଗଟଝଞ ଏଙ ଘଡଙ" ଲେଖା ହୋଇଥିଲା । ନ୍ୟୁୟର୍କ, ଲସ୍ ଆଞ୍ଜେଲସ୍, ଚିକାଗୋ ଏବଂ ୱାଶିଂଟନ୍ ଭଳି ବଡ଼ ସହରରେ ଶହ ଶହ ଶୋଭାଯାତ୍ରା ବାହାରିଥିଲା । ଏଥିରେ ପ୍ରସିଦ୍ଧ ସଙ୍ଗୀତଜ୍ଞ ବ୍ରୁସ୍ ସ୍ପ୍ରିଙ୍ଗଷ୍ଟିନ୍ ମଧ୍ୟ ସାମିଲ ହୋଇଥିଲେ । ତେବେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଏହି ବିକ୍ଷୋଭକୁ ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି ।

## ଆର୍ଟେମିସ୍-୨ ମିଶନ କାଉଣ୍ଟଡାଉନ୍ ଆରମ୍ଭ

ନୂଆଦିଲ୍ଲୀ : ଚନ୍ଦ୍ରକୁ ଯିବା ପାଇଁ କାଉଣ୍ଟଡାଉନ୍ ଆରମ୍ଭ । ଆର୍ଟେମିସ୍-୨ ମିଶନରେ କେନେଡି ସ୍ପେସ୍ ସେଣ୍ଟରରେ ପହଞ୍ଚିଲେ ୪ ମହାକାଶଚାରୀ । ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ନିଜର ଐତିହାସିକ 'ଆର୍ଟେମିସ୍-୨' ମିଶନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ମିଶନରେ ସାମିଲ ଥିବା ୪ ଜଣ ମହାକାଶଚାରୀ ଫ୍ଲୋରିଡା ସ୍ଥିତ କେନେଡି ସ୍ପେସ୍ ସେଣ୍ଟରରେ ପହଞ୍ଚିଛନ୍ତି । ୧୯୭୨ ମସିହା ପରେ ପ୍ରଥମ ଥର ପାଇଁ ମଣିଷ ପୃଥିବୀର କକ୍ଷପଥ ବାହାରକୁ ଯାଇ ଚନ୍ଦ୍ର ଚାରିପଟେ ବୁଲି ଆସିବେ । ଏପ୍ରିଲ ୧ରେ ରକେଟ୍ ମହାକାଶକୁ ଉତ୍କ୍ଷେପଣ ହେବାର ଲକ୍ଷ୍ୟ ରଖାଯାଇଛି । ଏହି ଟିମର ନେତୃତ୍ୱ ନେଉଛନ୍ତି କମାଣ୍ଡର ରୀଡ୍ ୱାଇଜମ୍ୟାନ୍ । ତାଙ୍କ ସହ ପାଇଲଟ୍ ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ୍ ଓ କାନାଡାର ଜେରେମି ହାନସେନ ଯାଉଛନ୍ତି । ନାସାର ସବୁଠୁ ଶକ୍ତିଶାଳୀ ରକେଟ୍ ଝଖଝ- ଝକ୍ସବମର ଖବଙ୍କଭମଷ ଝଛସ୍ୱସ୍ୱରଙ୍କ ଓ ଓରିଅନ୍ ମହାକାଶ ଯାନ ମାଧ୍ୟମରେ ଯାତ୍ରା କରାଯିବ । ଏହା ୧୦ ଦିନିଆ ମିଶନ । ମହାକାଶଚାରୀମାନେ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇବେ ନାହିଁ । ବରଂ ଚନ୍ଦ୍ରର ଚାରିପଟେ ବୁଲି ଏହାର ବହୁତ ପାଖ ଦେଇ ପୃଥିବୀକୁ ଫେରିଆସିବେ । ମିଶନର ସଫଳତା ପରେ ୨୦୨୮ ସୁଦ୍ଧା ମଣିଷକୁ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇବା ପାଇଁ ନାସା ଯୋଜନା କରିଛି । ମହାକାଶଚାରୀମାନେ ବର୍ତ୍ତମାନ 'କ୍ୱାରେଣ୍ଟିନ୍'ରେ ଅଛନ୍ତି । ଯାହାଦ୍ୱାରା ସେମାନେ କୌଣସି ରୋଗ ସଂକ୍ରମଣରୁ ରକ୍ଷା ପାଇବ ।

## ଆମେରିକୀୟ ଯୁଦ୍ଧ ବିମାନକୁ ଖସାଇଲା ଇରାନ

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଇରାନ ବଡ଼ ଦାବି କରିଛି । ଆମେରିକାର ସାମରିକ ଘାଟି ଏବଂ ସେମାନଙ୍କର ସାମରିକ ଘାଟି ଏବଂ ଫାଇଟର ଜେଟ୍ ର-୧୬ ଲଢୁଆ ବିମାନକୁ ଟାର୍ଗେଟ୍ କରିଥିବା ଦାବି କରିଛି । ଏହା ଏକ ର-୧୬ ଲଢୁଆ ବିମାନ ଏବଂ ଏକ ଆମେରିକୀୟ ଗଛ-୯ ଡ୍ରୋନକୁ ଗୁଳି କରି ଖସାଇ ଦେଇଛି ବୋଲି କୌଣସି ଏକ ସୂତ୍ରରୁ ଜଣାପଡିଛି । କିନ୍ତୁ ଏପର୍ଯ୍ୟନ୍ତ ସୁଦ୍ଧା କୌଣସି ବିବୃତ୍ତି ଜାରି କରିନାହିଁ । ସୂଚନାନୁଯାୟୀ, ଇରାନୀ ନାଗରିକ ଏବଂ ଇଣ୍ଡଷ୍ଟ୍ରିଆଲିଷ୍ଟ ସାଇଟସ ଉପରେ ଆକ୍ରମଣର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ଓଜଏଓ ଦାବି କରିଛି ଯେ, ଏହା ଅଧିକୃତ ଅଞ୍ଚଳରେ ଅବସ୍ଥିତ ଆମେରିକା-ଇସ୍ରାଏଲୀ ଘାଟିଗୁଡ଼ିକୁ ମଧ୍ୟ ଟାର୍ଗେଟ କରିଥିଲା । ଏହା ଏକ ଆମେରିକୀୟ ର-୧୬ ଯୁଦ୍ଧ ବିମାନ ଉପରେ ଆକ୍ରମଣ କରିଛି ବୋଲି ଓଜଏଓ ଦାବି କରିଛି । କିନ୍ତୁ କ୍ଷୟକ୍ଷତି ସମ୍ପର୍କରେ କୌଣସି ସୂଚନା ମିଳିନାହିଁ । ଏହାରି ମଧ୍ୟରେ ଇରାନ, ଇସ୍ରାଏଲ ଏବଂ ଆମେରିକା ପରସ୍ପର ଉପରେ ଆକ୍ରମଣ କରୁଛନ୍ତି । ଏହି ସଂଘର୍ଷ ଆହୁରି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି ।

# ବିୟର ବୋତଲ ପର୍ଯ୍ୟନ୍ତ ପହଞ୍ଚିଲାଣି ଯୁଦ୍ଧର ନିଆଁ

ନୂଆଦିଲ୍ଲୀ : ଗ୍ରୀଷ୍ମ ଋତୁ ଆସିଗଲାଣି । ସାଧାରଣତଃ ଗରମ ଋତୁରେ ବିୟରର ବ୍ୟବହାର ବୃଦ୍ଧି ପାଏ । ତଥାପି, ଏଥର, ଭାରତୀୟ ବିୟର ପ୍ରେମୀମାନଙ୍କୁ ଏହି ଋତୁରେ ସେମାନଙ୍କର ତୃଷା ମେଣ୍ଟାଇବା ପାଇଁ ନିଜ ପକେଟକୁ ଆହୁରି ଓଜନଦାର କରିବାକୁ ପଡ଼ିପାରେ । ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷର ତାପ ଏବେ ଆପଣଙ୍କ ବିୟର ବୋତଲ ଏବଂ କ୍ୟାନ ପର୍ଯ୍ୟନ୍ତ ପହଞ୍ଚିଛି । ଏହି ଯୁଦ୍ଧ ଲଜିଷ୍ଟିକ୍ସ ଏବଂ ପ୍ୟାକେଜିଂ ଖର୍ଚ୍ଚରେ ଏକ ବଡ଼ ବୃଦ୍ଧି ସୃଷ୍ଟି କରିଛି । ଫଳସ୍ୱରୂପ, ବିୟର ମୂଲ୍ୟ ଯେକୌଣସି ମୁହୂର୍ତ୍ତରେ ବୃଦ୍ଧି ପାଇପାରେ । ଏହି ସଙ୍କଟ କେବଳ ବିୟର ପର୍ଯ୍ୟନ୍ତ ସୀମିତ ନୁହେଁ; ପ୍ଲାଷ୍ଟିକ ବୋତଲ ଏବଂ କ୍ୟାପର ମୂଲ୍ୟ ବୃଦ୍ଧି ବୋତଲବନ୍ଦ ପାଣି ଏବଂ କେଚଅପ ଯୋଗାଣରେ ସମ୍ଭାବ୍ୟ ବାଧା ସୃଷ୍ଟି କରିବାର ଆଶଙ୍କା ମଧ୍ୟ ସୃଷ୍ଟି କରିଛି ।

ଭାରତ ବିଶ୍ୱର ଚତୁର୍ଥ ସର୍ବବୃହତ ପ୍ରାକୃତିକ ଗ୍ୟାସ ଆମଦାନୀକାରୀ, ଏହାର ଆବଶ୍ୟକତାର ପ୍ରାୟ ୪୦% ଉତ୍ସ କାତାରରୁ କରୁଛି । ଇରାନ ଦ୍ୱାରା କରାଯାଇଥିବା ଆକ୍ରମଣ କାତାରର ଗ୍ୟାସ ଉତ୍ପାଦନ କ୍ଷମତାକୁ ପ୍ରଭାବିତ କରିଛି । ଏହା ବ୍ୟତୀତ, ହର୍ମୁଜ ପ୍ରଣାଳୀର ଆଂଶିକ ବନ୍ଦ ହେବା ଦ୍ୱାରା ଭାରତରେ ପହଞ୍ଚିବା ଗ୍ୟାସ ଯୋଗାଣ ଗୁରୁତର ଭାବରେ ସୀମିତ ହୋଇଛି । ଏହି ଗ୍ୟାସ ଅଭାବ ବିୟର ବୋତଲ ଏବଂ କ୍ୟାନ ନିର୍ମାଣରେ ଜଡିତ କମ୍ପାନୀଗୁଡ଼ିକ ଉପରେ ସିଧାସଳଖ ପ୍ରଭାବ ପକାଇଛି । ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଏହି ଶକ୍ତି ସଙ୍କଟ ଏବଂ ସାମୁଦ୍ରିକ ଜାହାଜ ପରିବହନ ଲେନରେ ବାଧା ଜାରି ରହେ, ତେବେ ଗ୍ରୀଷ୍ମ ଋତୁରେ ବିୟରର ପର୍ଯ୍ୟାପ୍ତ ଷ୍ଟକ ସୁରକ୍ଷିତ କରିବା ଏକ ଚ୍ୟାଲେଞ୍ଜିଂ କାର୍ଯ୍ୟ ହୋଇପାରେ । ପ୍ୟାକେଜିଂ ଖର୍ଚ୍ଚରେ ବିପୁଳ ବୃଦ୍ଧି

ଇରାନ ସହିତ ଜଡିତ ସଂଘର୍ଷ ଗ୍ୟାସ ଅଭାବ ସୃଷ୍ଟି କରିଛି ଏବଂ ଆଲୁମିନିୟମ ଯୋଗାଣକୁ ମଧ୍ୟ ବାଧାପ୍ରାପ୍ତ କରିଛି । ଫଳସ୍ୱରୂପ, କାଚ ବୋତଲର ମୂଲ୍ୟ ବୃଦ୍ଧି ପାଉଛି, ଏବଂ କେନ ତିଆରି ପାଇଁ ଆବଶ୍ୟକୀୟ କଞ୍ଚାମାଲ ଦୁର୍ଲଭ ହେଉଛି । ଏହି କାରଣରୁ ବିୟର ନିର୍ମାତାମାନେ ଏକ ଚେତାବନୀ ଜାରି କରିଛନ୍ତି: ଯଦି ପରିସ୍ଥିତି ଶୀଘ୍ର ସୁଧୁରେ ନାହିଁ, ତେବେ ସେମାନେ ବିୟର ମୂଲ୍ୟ ବୃଦ୍ଧି କରିବାକୁ ବାଧ୍ୟ ହେବେ । ଯୁଦ୍ଧର ପ୍ରଭାବ ଏବେ ସ୍ପଷ୍ଟ ଭାବରେ ଦେଖାଯାଉଛି – ଏହା କେବଳ ହେନିକେନ (ଐରସଭରଲରଭ), ବଡୱାଇଜର (ଇଈ ଓଭଈରଙ୍ଗ), ଏବଂ କାର୍ଲସବର୍ଗ (ଉବକ୍ସକ୍ଷସ୍ୱଭରକ୍ସଶ) ଭଳି ବିଶ୍ୱବ୍ୟାପୀ ବଡ଼ କମ୍ପାନୀଗୁଡ଼ିକୁ ନୁହେଁ, ବରଂ ବିରା ୯୧ ଏବଂ ସିମ୍ବା ଭଳି ଘରୋଇ ବ୍ରାଣ୍ଡଗୁଡ଼ିକୁ ମଧ୍ୟ ପ୍ରଭାବିତ କରୁଛି ।

ରଏଟର୍ସ ରିପୋର୍ଟ ଅନୁଯାୟୀ, ପ୍ୟାକେଜିଂ ସାମଗ୍ରୀର ବର୍ଦ୍ଧିତ ମୂଲ୍ୟ ବିୟର ପ୍ରସ୍ତୁତକାରୀଙ୍କ ଲାଭ ମାର୍ଜିନକୁ ସଙ୍କୁଚିତ କରିଛି । ବ୍ରୁଅର୍ସ ଆସୋସିଏସନ ଅଫ ଇଣ୍ଡିଆ (ଇଇଓ) କହିଛି ଯେ କାଚ ବୋତଲର ମୂଲ୍ୟ ପ୍ରାୟ ୨୦% ବୃଦ୍ଧି ପାଇଛି । ବିୟର ପ୍ୟାକେଜିଂ ପାଇଁ ବ୍ୟବହୃତ କାଗଜ କାର୍ଟନର ମୂଲ୍ୟ ଏବେ ପ୍ରାୟ ଦ୍ୱିଗୁଣିତ ହୋଇଛି । ଏହା ବ୍ୟତୀତ, ଲେବଲ, ଟେପ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ମଧ୍ୟ ନିରନ୍ତର ବୃଦ୍ଧି ପାଇବାର ଲକ୍ଷ୍ୟ କରାଯାଉଛି । ଇଇଓର ମହାନିର୍ଦ୍ଦେଶକ ବିନୋଦ ଗିରି କହିଛନ୍ତି, "ଆମେ ରାଜ୍ୟ ସରକାରଙ୍କୁ ଆବେଦନ କରୁଛୁ ଯେ ଆମକୁ ୧୨-୧୫% ମୂଲ୍ୟ ବୃଦ୍ଧି କରିବାକୁ ଅନୁମତି ଦିଅନ୍ତୁ । ଆମେ ଆମର ସଦସ୍ୟ କମ୍ପାନୀଗୁଡ଼ିକୁ ବ୍ୟକ୍ତିଗତ ରାଜ୍ୟଗୁଡ଼ିକ ସହିତ ଯୋଗାଯୋଗ କରିବାକୁ ଏବଂ ମୂଲ୍ୟ ସଂଶୋଧନକୁ ଅନୁମୋଦନ କରିବାକୁ ଅନୁରୋଧ କରିବାକୁ ପରାମର୍ଶ ଦେଇଛୁ । ବର୍ତ୍ତମାନର ଉତ୍ପାଦନ ଖର୍ଚ୍ଚ ବୃଦ୍ଧିକୁ ଦୃଷ୍ଟିରେ ରଖି, ପୁରୁଣା ହାରରେ କାର୍ଯ୍ୟ ଜାରି ରଖିବା ପ୍ରାୟତଃ ଅସମ୍ଭବ ହୋଇଯାଇଛି ।"

ଗ୍ୟାସ ଅଭାବ ଉତ୍ତର ପ୍ରଦେଶର ଫିରୋଜାବାଦକୁ ଏହାର ସବୁଠାରୁ ସିଧାସଳଖ ଆଘାତ ଦେଇଛି – ଏହା କାଚ ଶିଳ୍ପର ଏକ ପ୍ରମୁଖ କେନ୍ଦ୍ର । ଏଠାରେ ଅବସ୍ଥିତ ଫର୍ଣ୍ଣେସ ପାଇଁ, ଗ୍ୟାସ ଅକ୍ସିଜେନ ପରି ଗୁରୁତ୍ୱପୂର୍ଣ୍ଣ । ଫାଇନ ଆର୍ଟ ଗ୍ଲାସ ୱାର୍କ୍ସର ସିଇଓ ନୀତିନ ଅଗ୍ରୱାଲ ଉଲ୍ଲେଖ କରିଛନ୍ତି, "ଗମ୍ଭୀର ଗ୍ୟାସ ଅଭାବ ଏବଂ ବୃଦ୍ଧି ପାଉଥିବା ମୂଲ୍ୟ ଯୋଗୁ, ଆମେ ଆମର କାରଖାନାରେ ଉତ୍ପାଦନ ୪୦% ହ୍ରାସ କରିଛୁ । ଆମେ କେବଳ ମଦ କମ୍ପାନୀଗୁଡ଼ିକୁ ନୁହେଁ ବରଂ ଜୁସ ଏବଂ କେଚପ ନିର୍ମାତାମାନଙ୍କୁ ମଧ୍ୟ ବୋତଲ ଯୋଗାଣ କରୁ । ପ୍ରଚଳିତ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆମେ ଆମର ମୂଲ୍ୟ ୧୭-୧୮% ବୃଦ୍ଧି କରିଛୁ ।" ଉତ୍ପାଦନରେ ଏହି ହ୍ରାସ ସୂଚାଇ ଦେଉଛି ଯେ ଆଗାମୀ ମାସଗୁଡ଼ିକରେ ବୋତଲର ଏକ ଗୁରୁତର ଅଭାବ ଆସିବ – ଏକ ପରିସ୍ଥିତି ଯାହା ବିୟର ଉପଲବ୍ଧତା ଉପରେ ସିଧାସଳଖ ପ୍ରଭାବ ପକାଇବ । ଭାରତରେ ମଦ ଏବଂ ବିୟରର ବଜାର କଠୋର ନିୟମାବଳୀ ଅଧୀନରେ ଅଛି; କମ୍ପାନୀଗୁଡ଼ିକ ନିଜ ଇଚ୍ଛାରେ ଏକପାଖିଆ ଭାବରେ ମୂଲ୍ୟ ବୃଦ୍ଧି କରିପାରିବେ ନାହିଁ । ଏହା ବଦଳରେ, ସେମାନଙ୍କୁ ଦେଶର ୨୮ଟି ରାଜ୍ୟର ପ୍ରାୟ ଦୁଇ-ତୃତୀୟାଂଶ ରାଜ୍ୟରୁ ଅନୁମୋଦନ ପାଇବାକୁ ପଡିବ । ଭାରତୀୟ ଆଲକୋହୋଲିକ ପାନୀୟ ଶିଳ୍ପ ସଂଘ (ଉଓଇଇଓ) ଅନୁଯାୟୀ, ବର୍ଦ୍ଧିତ ମାଲ ପରିବହନ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ମଧ୍ୟରେ, ଯଦି ରାଜ୍ୟ ସରକାରଗୁଡ଼ିକ ମୂଲ୍ୟ ବୃଦ୍ଧି ପାଇଁ ଅନୁମତି ନ ଦିଅନ୍ତି, ତେବେ କମ୍ପାନୀଗୁଡ଼ିକ ପାଖରେ ଯୋଗାଣ ବନ୍ଦ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ରହିବ ନାହିଁ ।

## ପଶ୍ଚିମବଙ୍ଗରେ ଗର୍ଜିଲେ ଦିଦି

ନୂଆଦିଲ୍ଲୀ, ୨୯।୩: ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ସମସ୍ତ ରାଜନୈତିକ ଦଳ ସେମାନଙ୍କର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଶାସକ ତୃଣମୂଳ କଂଗ୍ରେସ (ଝଗଉ) ପକ୍ଷରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜୋରଦାର ପ୍ରଚାର ଅଭିଯାନ ଜାରି ରଖିଛନ୍ତି । ଏହା ମଧ୍ୟରେ, ପୁରୁଲିଆରେ ଜନସାଧାରଣଙ୍କୁ ସମ୍ବୋଧିତ କରିବା ସମୟରେ, ସେ ଭାଜପାକୁ ଟାର୍ଗେଟ କରିଛନ୍ତି । ଯଦି ପଶ୍ଚିମବଙ୍ଗରେ ଭାଜପା କ୍ଷମତାକୁ ଆସେ, ତେବେ ଲୋକମାନେ ଆମିଷ ଖାଦ୍ୟ ଖାଇପାରିବେ ନାହିଁ । ମମତା ବାନାର୍ଜୀ କହିଛନ୍ତି, "ମହିଳାମାନେ 'ଲକ୍ଷ୍ମୀ ଭଣ୍ଡାର' ଯୋଜନାରୁ ଉପକୃତ ହୋଇଛନ୍ତି । ନିର୍ବାଚନ ପୂର୍ବରୁ ଭାଜପା କିଛି ଆର୍ଥିକ ସହାୟତା ଯୋଗାଇବ, କିନ୍ତୁ ନିର୍ବାଚନ ସରିବା ପରେ ଏହାକୁ ବନ୍ଦ କରିଦେବ ।"ସେ ଆହୁରି ମଧ୍ୟ କହିଛନ୍ତି, "ବଙ୍ଗଳା ନିର୍ବାଚନ ପୂର୍ବରୁ, ଝଓଜ ପ୍ରକ୍ରିୟା ମାଧ୍ୟମରେ ୧.୨ କୋଟି ଭୋଟରଙ୍କ ନାମ କଟାଯାଇଥିଲା ।" ମମତା ବାନାର୍ଜୀ କହିଛନ୍ତି, "ଜଣେ ପ୍ରମୁଖ ଭାଜପା ନେତା ଟିଏମସି ବିରୋଧରେ



'ଚାର୍ଜସିଟ୍' ଦାଖଲ କରିଛନ୍ତି । ତାଙ୍କ ବିରୋଧରେ ମଧ୍ୟ 'ଚାର୍ଜସିଟ୍' ଦାଖଲ କରାଯିବା ଉଚିତ । ସର୍ବପରି, ଗୁଜରାଟରେ ଏତେ ଦଙ୍ଗା ହୋଇଥିଲା ।ଲୋକେ ଦାବି କରନ୍ତି ଯେ ମୁଁ ପଟି ବାନ୍ଧି ବୁଲୁଛି । ମୁଁ ମୃତ୍ୟୁକୁ ମାତ୍ ଦେଇଛି । ସେମାନେ ଡାକ୍ତରଙ୍କ ରିପୋର୍ଟ ଦେଖିବା ଉଚିତ । ମୋ ଉପରେ ପ୍ରକୃତରେ ଆକ୍ରମଣ ହୋଇଥିଲା ଏବଂ ମୁଁ ମୋ ଗୋଡ଼ରେ କାଷ୍ଟ ଲାଗିଥିବା ହ୍ୱିଲଚେୟାରରେ ବୁଲିଥିଲି ।" ପୁରୁଲିଆରେ ଭାଷଣ ଦେଇ ମମତା ମନ୍ତବ୍ୟ ଦେଇଥିଲେ, ପୁରୁଲିଆ ଆଉ ଭୟ ଦ୍ୱାରା ପରିଭାଷିତ ଜିଲା ନୁହେଁ ।" ଉଲ୍ଲେଖଯୋଗ୍ୟ, ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି, ମମତା ବାନାର୍ଜୀ ସାରା ରାଜ୍ୟରେ ନିର୍ବାଚନ ପ୍ରଚାର ପଛରେ ତାଙ୍କର ସମସ୍ତ ଭାର ପକାଇ ଦେଇଛନ୍ତି । ଏବେ ଦେଖିବାକୁ ବାକି ଅଛି ଯେ ଜନସାଧାରଣ କାହା ଉପରେ ଭରସା କରୁଛନ୍ତି ।

## ଜିତିଲେ ୫ ବର୍ଷ ଯାଏ ନଗଦ ଦାନ ଅବ୍ୟାହତ ରଖିବାକୁ ପ୍ରତିଶ୍ରୁତି

ନୂଆଦିଲ୍ଲୀ: ଆସନ୍ତା ମାସରେ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏଥିରୁ ଚାରୋଟି ରାଜ୍ୟରେ ଦଳଗୁଡ଼ିକ ବିଜୟ ପାଇଁ ରଣନୀତି ଭାବରେ ନଗଦ ହସ୍ତାନ୍ତର ଯୋଜନା ଉପରେ ଅଧିକ ନିର୍ଭର କରୁଛନ୍ତି । ମିଳିତ ଭାବେ ଏହି ରାଜ୍ୟଗୁଡ଼ିକ ପ୍ରାୟ ୨୪,୫୦୦ କୋଟି ଟଙ୍କା ସିଧାସଳଖ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରୁଛନ୍ତି । ଯଦି ସେମାନେ କ୍ଷମତାକୁ ଫେରିବେ ତେବେ ଦେୟ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ମଧ୍ୟ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି । ତାମିଲନାଡୁରେ ଦ୍ରାବିଡ଼ ମୁନ୍ନେତ୍ରା କାଝାଗମ (ଡିଏମ୍?କେ) ସରକାର ଏକ ସ୍ୱତନ୍ତ୍ର ଗ୍ରୀଷ୍ମ ପ୍ୟାକେଜ୍ ଅଧୀନରେ ପ୍ରତ୍ୟେକ ମହିଳାଙ୍କୁ ୨,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ । ଆସାମରେ ଭାରତୀୟ ଜନତା ପାର୍ଟି ସରକାର ବିହୁ ଉତ୍ସବ ସମୟରେ ପ୍ରତ୍ୟେକଙ୍କୁ ୪,୦୦୦ ଟଙ୍କା ପ୍ରଦାନ କରିଥିଲେ । କେରଳରେ ବାମପନ୍ଥୀ ସରକାର 'ସ୍ତ୍ରୀ ସୁଖମ୍' ଯୋଜନା ପ୍ରଣୟନ କରିଥିଲେ, ଯାହା ଅଧୀନରେ ୧୦ ଲକ୍ଷ ମହିଳା ପ୍ରତି ମାସରେ ୧୦୦୦ ଟଙ୍କା ପାଇଥାନ୍ତି । ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ସରକାର ଫେବୃଆରିରେ ଲକ୍ଷ୍ମୀ ଭଣ୍ଡାର ଯୋଜନାରେ ୫୦୦ ଟଙ୍କା ବୃଦ୍ଧି କରିଥିଲେ । ଅର୍ଥନୈତିକ ଚାପ ସତ୍ତ୍ୱେ ବଙ୍ଗଳା ସରକାରଙ୍କୁ ଆସନ୍ତା ବର୍ଷ ଏହି ଯୋଜନା ପାଇଁ ୫,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ, ଯାହା ୨୦୨୧ ନିର୍ବାଚନରେ ଜିତିବାରେ ସାହାଯ୍ୟ କରିଥିଲା । ଏହି ଚାରୋଟି ରାଜ୍ୟରେ ସମୁଦାୟ ୧୭.୮୯ କୋଟି ଭୋଟରଙ୍କ ମଧ୍ୟରୁ ପ୍ରାୟ ୪.୧ କୋଟି ମହିଳା ହିତାଧିକାରୀ ଅଟନ୍ତି – ପ୍ରାୟ ୨୩ ପ୍ରତିଶତ । ଗତ ପାଞ୍ଚ ବର୍ଷ ମଧ୍ୟରେ, ମହିଳାମାନଙ୍କୁ ନଗଦ ହସ୍ତାନ୍ତର କରୁଥିବା ରାଜ୍ୟ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି । ଏହି ରାଜ୍ୟଗୁଡ଼ିକ ବର୍ତ୍ତମାନ ୧୩ କୋଟିରୁ ଅଧିକ ମହିଳାଙ୍କୁ ପ୍ରତିବର୍ଷ ୨.୪୬ ଲକ୍ଷ କୋଟିରୁ ଅଧିକ ଟଙ୍କା ବଣ୍ଟନ କରୁଛନ୍ତି, ଯାହା ସେମାନଙ୍କ ମୋଟ ବଜେଟ୍?ର ପ୍ରାୟ ୦.୭ ପ୍ରତିଶତ । ଝାଡ଼ଖଣ୍ଡରେ ଗ୍ରାମ୍ୟ ଉନ୍ନୟନ ବଜେଟ୍?ର ପ୍ରାୟ ୮୧ ପ୍ରତିଶତ ଏଭଳି ଯୋଜନାରେ ଖର୍ଚ୍ଚ ହୋଇଥାଏ । ତେବେ, ଏହି ଧାରା ଦର୍ଶାଉଛି ଯେ ନଗଦ ହସ୍ତାନ୍ତର ଉପରେ ଅଧିକ ଧ୍ୟାନ ଦେଉଥିବା ରାଜ୍ୟମାନେ ବିକାଶମୂଳକ ପ୍ରକଳ୍ପ ପାଇଁ ପାଣ୍ଠି ହ୍ରାସ କରୁଛନ୍ତି । ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭଳି ବଡ଼ ରାଜ୍ୟ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଖର୍ଚ୍ଚ ହ୍ରାସ କରିଛନ୍ତି । ବିଶେଷଜ୍ଞମାନେ କହିଛନ୍ତି ଯେ ବିଭିନ୍ନ ଚିନ୍ତାଧାରା ଥିବା ଦଳ ନିର୍ବାଚନ ଜିତିବା ପାଇଁ ସମାନ ରଣନୀତି ବ୍ୟବହାର କରୁଛନ୍ତି, କିନ୍ତୁ କେବଳ ନଗଦ ସ୍ଥାନାନ୍ତର ସଫଳତାର ଗ୍ୟାରେଣ୍ଟି ଦେଇପାରିବ ନାହିଁ । ଶାସକ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ନଗଦ ହସ୍ତାନ୍ତର ପ୍ରବର୍ତ୍ତନ କରିଥିଲା, ଯେଉଁଥିରେ ପିଲାମାନେ ସ୍କୁଲରେ ପଢୁଥିବା ମା'ମାନଙ୍କ ପାଇଁ ସହାୟତା ଅନ୍ତର୍ଭୁକ୍ତ ଥିଲା, ତଥାପି ଏହା ନିର୍ବାଚନରେ ହାରିଗଲା । ରାଜସ୍ଥାନରେ ଇନ୍ଦିରା ମହିଳା ସମ୍ମାନ ଯୋଜନା ମଧ୍ୟ କଂଗ୍ରେସ ସରକାରଙ୍କୁ କ୍ଷମତାରେ ରଖିବାରେ ସାହାଯ୍ୟ କରିବାରେ ବିଫଳ ହୋଇଛି । ଫଳାଫଳ କେବଳ ଆର୍ଥିକ ଯୋଜନା ନୁହେଁ, ଏକାଧିକ କାରଣ ଉପରେ ନିର୍ଭର କରେ ।

## ଇସ୍ରାଏଲର ନେଗରେଭ୍ କେମିକାଲ ଫ୍ୟାକ୍ଟ୍ରି ଉପରେ କ୍ଷେପଣାସ୍ତ୍ର ମାଡ଼

ତେଲ ଅଭିଭ୍: ଦକ୍ଷିଣ ଇସ୍ରାଏଲର ନିଓଟ୍ ହୋଭାବ ଇଣ୍ଡଷ୍ଟ୍ରିଆଲ ଜୋନ୍ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ପରେ ଭୟଙ୍କର ଭାବେ ରସାୟନ ଲିକ୍ ହେବା ଆଶଙ୍କା ପ୍ରକାଶ ପାଇଛି । କ୍ଷେପଣାସ୍ତ୍ର ମାଡ଼ ପରେ ରସାୟନ ସଂରକ୍ଷିତ ରଖାଯାଉଥିବା ୟୁନିଟରେ ଭୀଷଣ ନିଆଁ ଲାଗି ବିପଜ୍ଜନକ ଭାବେ ରସାୟନ ଲିକ୍ ହୋଇଥିବା ଅଗ୍ନିଶମ ବିଭାଗ ଉପମୁଖ୍ୟ କହିଛନ୍ତି । ଏସବୁ କୀଟନାଶକ ବୋଲି କୁହାଯାଉଛି । ଏପର୍ଯ୍ୟନ୍ତ ଏଥିରେ କେହି ମୃତାହତ ହୋଇ ନଥିବାବେଳେ କେମିକାଲ ଫ୍ୟାକ୍ଟ୍ରିକୁ ସିଲ୍ କରିବାକୁ ଅଗ୍ନିଶମ ଓ ଉଦ୍ଧାରକାରୀ ଟିମ୍ ଲାଗି ପଡ଼ିଛନ୍ତି । ଫ୍ୟାକ୍ଟ୍ରି ଆଖପାଖ ଅଞ୍ଚଳକୁ ନ ଆସିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଉଛି । ସ୍ଥାନୀୟ ଲୋକମାନଙ୍କୁ ଘର ଭିତରେ ରହିବାକୁ ପରାମର୍ଶ ଦିଆଯାଇଛି । ଇସ୍ରାଏଲ ଗଣମାଧ୍ୟମ ଅନୁଯାୟୀ, ଇରାନ ଅଧଘଣ୍ଟାରୁ କମ୍ ସମୟ ମଧ୍ୟରେ ଡିମୋନା, ବେର୍‌ସେବା ଓ ଗ୍ରେଟର ତେଲ ଅଭିଭକୁ ଟାର୍ଗେଟ କରି ତିନିଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା ।

## ଯୁଦ୍ଧ ଭିତରେ ଭାରତ ବଢାଇଲା ସାହାଯ୍ୟର ହାତ

ନୂଆଦିଲ୍ଲୀ, ୨୯।୩: ଇରାନ, ଆମେରିକା ଏବଂ ଇସ୍ରାଏଲ ସହିତ ସଂଘର୍ଷ ଯୋଗୁଁ ସୃଷ୍ଟି ହୋଇଥିବା ଶକ୍ତି ସଙ୍କଟ ଏବଂ ଫଳସ୍ୱରୂପ ହର୍ମୁଜ ପ୍ରଣାଳୀ ବନ୍ଦ ହେବା ମଧ୍ୟରେ, ଭାରତ ଶ୍ରୀଲଙ୍କାକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିଛି । ଏହାର ଜରୁରୀକାଳୀନ ସହାୟତାର ଏକ ଅଂଶ ଭାବରେ, ଭାରତ ଶ୍ରୀଲଙ୍କାକୁ ମୋଟ ୩୮,୦୦୦ ମେଟ୍ରିକ ଟନ ପେଟ୍ରୋଲିୟମ ଉତ୍ପାଦ ଯୋଗାଇଛି, ଯେଉଁଥିରେ ୨୦,୦୦୦ ମେଟ୍ରିକ ଟନ ଡିଜେଲ ଏବଂ ୧୮,୦୦୦ ମେଟ୍ରିକ ଟନ ପେଟ୍ରୋଲ ଅନ୍ତର୍ଭୁକ୍ତ ।

ଏହି ସହାୟତା ପରେ, ଶ୍ରୀଲଙ୍କା ଖୋଲାଖୋଲି ଭାବରେ ଭାରତ ପ୍ରତି କୃତଜ୍ଞତା ପ୍ରକାଶ କରିଛି । କଲମ୍ବୋରେ ଥିବା ଭାରତୀୟ ଉଚ୍ଚାୟୋଗଙ୍କ ଅନୁଯାୟୀ, ଏହି ଯୋଗାଣ ଏପରି ସମୟରେ ପ୍ରଦାନ କରାଯାଇଥିଲା ଯେତେବେଳେ ଇରାନ ସହିତ ସଂଘର୍ଷ ଯୋଗୁଁ ବିଶ୍ୱ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଥିଲା ଏବଂ ଶ୍ରୀଲଙ୍କା ଏକ ଗୁରୁତର ଇନ୍ଧନ ସଙ୍କଟରେ ଜଡ଼ିତ ଥିଲା । ଶ୍ରୀଲଙ୍କାର ପ୍ରମୁଖ ବିରୋଧୀ ନେତା ସାଜିତ ପ୍ରେମଦାସା ମଧ୍ୟ ଭାରତକୁ ଧନ୍ୟବାଦ ଜଣାଇ କହିଛନ୍ତି



ଯେ ସଙ୍କଟ ସମୟରେ ସମ୍ପର୍କର ପ୍ରକୃତ ସ୍ୱରୂପ ପ୍ରକାଶିତ ହୁଏ ଏବଂ ଏହି କଷ୍ଟକର ସମୟରେ ଭାରତ ଏକତାରେ ଠିଆ ହୋଇ ଏହା ପ୍ରମାଣିତ କରିଛି । ଜାନୁଆରୀରେ, ଶ୍ରୀଲଙ୍କା ହାମ୍ବନଟୋଟା ବନ୍ଦର ନିକଟରେ ୨୦୦,୦୦୦ ବ୍ୟାରେଲ କ୍ଷମତା ବିଶିଷ୍ଟ ଏକ ତୈଳ ବିଶୋଧନାଗାର ନିର୍ମାଣ ପାଇଁ ସିନୋପେକ ଚାଇନାର ରାଷ୍ଟ୍ରାୟତ୍ତ ଶକ୍ତି କମ୍ପାନୀ ସହିତ ୩.୭ ବିଲିୟନ ଡଲାରର ଚୁକ୍ତି ସ୍ୱାକ୍ଷର କରିଥିଲା । ତଥାପି, ହର୍ମୁଜ ପ୍ରଣାଳୀ ବନ୍ଦ ହେବା ଫଳରେ ସୃଷ୍ଟି ହୋଇଥିବା ସଙ୍କଟ ମଧ୍ୟରେ, ଚୀନ ଏପର୍ଯ୍ୟନ୍ତ କୌଣସି ସହାୟତା ପ୍ରଦାନ କରିନାହିଁ । ପ୍ରେମଦାସାଙ୍କ ବକ୍ତବ୍ୟକୁ ଚୀନର ପରୋକ୍ଷ ସମାଲୋଚନା ଭାବରେ ବ୍ୟାଖ୍ୟା କରାଯାଉଛି । ପଶ୍ଚିମ ଏସିଆରେ ସଂଘର୍ଷ ଯୋଗୁଁ, ଅନେକ ଆନ୍ତର୍ଜାତୀୟ ଯୋଗାଣକାରୀ ଜବରଦଖଲ (ଅପ୍ରତ୍ୟାଶିତ ପରିସ୍ଥିତି) ଦର୍ଶାଇ ଇନ୍ଧନ ଯୋଗାଣ କରିବାକୁ ମନା କରିଦେଇଥିଲେ । ଜାହାଜ ପରିବହନର ଅଭାବ ଏବଂ ସାମୁଦ୍ରିକ ମାର୍ଗରେ ବାଧା ଶ୍ରୀଲଙ୍କାକୁ ଏକ ଗୁରୁତର ସଙ୍କଟ ଭିତରକୁ ଠେଲି ଦେଇଥିଲା । ଏହି ଜଟିଳ ପରିସ୍ଥିତିରେ, ଭାରତ ତୁରନ୍ତ ଇଣ୍ଡିଆନ ଅଏଲ କର୍ପୋରେସନ (ଓଙଉ) ମାଧ୍ୟମରେ ଜରୁରୀକାଳୀନ ଯୋଗାଣ ଯୋଗାଇ ଦେଇଥିଲା । ପୂର୍ବରୁ, ମାର୍ଚ୍ଚ ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେଙ୍କ ମଧ୍ୟରେ ଏକ ଟେଲିଫୋନ କଥାବାର୍ତ୍ତା ହୋଇଥିଲା, ଯେଉଁଥିରେ ସେମାନେ ପଶ୍ଚିମ ଏସିଆର ପରିସ୍ଥିତି, ଯୋଗାଣ ଶୃଙ୍ଖଳରେ ବାଧା ଏବଂ ଶକ୍ତି ସହଯୋଗ ବିଷୟରେ ଆଲୋଚନା କରିଥିଲେ । ଏହା ସହିତ, ମାର୍ଚ୍ଚ ୨୩ ତାରିଖରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଶ୍ରୀଲଙ୍କାର ବୈଦେଶିକ ମନ୍ତ୍ରୀ ବିଜୟଦାସ ରାଜପକ୍ଷେଙ୍କ ସହିତ ଆଲୋଚନା କରିଥିଲେ । ଶ୍ରୀଲଙ୍କାରେ ଇନ୍ଧନ ସଙ୍କଟ ଯୋଗୁଁ, ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ସମ୍ପ୍ରତି ୨୫% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ପେଟ୍ରୋଲର ମୂଲ୍ୟ ପ୍ରତି ଲିଟର ୩୯୮ ଟଙ୍କା ଏବଂ ଡିଜେଲର ମୂଲ୍ୟ ପ୍ରତି ଲିଟର ୩୮୨ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ପରିସ୍ଥିତି ଏତେ ଭୟଙ୍କର ହୋଇଯାଇଥିଲା ଯେ ସରକାର ଚାରି ଦିନିଆ କାର୍ଯ୍ୟ ସପ୍ତାହ ଲାଗୁ କରିଥିଲେ ଏବଂ 'ଓ୍?ତାର୍କ ଫର୍ମ ହୋମ' ନୀତିକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ । ବିଶ୍ୱର ପ୍ରାୟ ୨୦% ତୈଳ ଯୋଗାଣ ହର୍ମୁଜ ପ୍ରଣାଳୀ ଦେଇ ଗତି କରେ । ଏହାର ବିଭ୍ରାଟ ପରିସ୍ଥିତିକୁ ଆହୁରି ତୀବ୍ର କରିଥିଲା । ଶ୍ରୀଲଙ୍କା ସମ୍ପୂର୍ଣ୍ଣ ଭାବରେ ଆମଦାନୀ ହେଉଥିବା ତେଲ ଉପରେ ନିର୍ଭରଶୀଳ ହୋଇଥିବାରୁ, ଭାରତର ଏହି ସହାୟତା ଦେଶ ପାଇଁ ଜୀବନରେଖା ପ୍ରମାଣିତ ହେଲା ।

# ଆଉ ଏକ ମାଇଲ୍‌ଖୁଣ୍ଟ ଛୁଇଁଲେ କୋହଲି



ବେଙ୍ଗାଲୁରୁ, ୨୯।୩: ଭାରତୀୟ ବ୍ୟାଟର୍ ବିରାଟ କୋହଲି ଶନିବାର ଆଉ ଏକ ମୁଇଲ୍‌ଖୁଣ୍ଟ ଛୁଇଁଛନ୍ତି। ବେଙ୍ଗାଲୁରୁସ୍ଥିତ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍) ବିପକ୍ଷ ମ୍ୟାଚ୍‌ରେ ୬୯ ରନ୍‌ର ଅପରାଜିତ ପାଳି ଖେଳିଥିବା କୋହଲି ଟ୍ୱେଣ୍ଟି-୨୦ କ୍ରିକେଟ୍‌ରେ ସର୍ବାଧିକ ରନ୍ କରିବାରେ ପାକିସ୍ତାନର ସୋଏବ ମଲ୍ଲିକଙ୍କୁ ଟପିଛନ୍ତି।

ସୋଏବ ୫୫୭ ଟେ୍ୱଣ୍ଟି-୨୦ ମ୍ୟାଚ୍ ଖେଳି ୧୩,୫୭୧ ରନ୍ କରିଥିଲା ବେଳେ ବିରାଟ ୪୧୫ ମ୍ୟାଚ୍‌ରେ ଏହି ରନ୍ ଟପି ଯାଇଛନ୍ତି। ବିରାଟ ମୋଟ ୧୩,୬୫୨ ରନ୍ କରିଛନ୍ତି। ଏଥିସହ ସେ ଏସିଆରେ ସର୍ବାଧିକ ଟ୍ୱେଣ୍ଟି-୨୦ ରନ୍ କରିବାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଶ୍ୱରେ ଷଷ୍ଠ ସ୍ଥାନରେ ରହିଛନ୍ତି। ତାଙ୍କ ଆଗରେ କ୍ରିସ୍ ଗେଲ୍ (୧୪,୫୬୨), କିରନ ପୋଲାର୍ଡ (୧୪,୪୮୨), ଆଲେକ୍ସ ହେଲ୍ସ (୧୪,୪୪୯), ଡେଭିଡ ୱାର୍ଣ୍ଣର (୧୪,୦୬୩) ଓ ଜୋସ ବଟଲର (୧୩,୮୪୫) ଅଛନ୍ତି।

ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)-୨୦୨୬ର ଉଦଘାଟନୀ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୯ଟି ୱିକେଟ୍ ହରାଇ ୨୦୧ ରନ୍ ସଂଗ୍ରହ କରିଥିଲା। ହାଇଦ୍ରାବାଦ ଟିମ୍‌ର ଅଧିନାୟକ ଈଶାନ କିଶନ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୩୮ଟି ବଲ୍ ଖେଳି ୮ଟି ଚୌକା ଏବଂ ୫ଟି ଛକା ବଳରେ ୮୦ ରନ୍ ସଂଗ୍ରହ କରିଥିଲେ। ଜବାବରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମାତ୍ର ୧୫.୪ ଓଭରରେ ଲକ୍ଷ୍ୟ ହାସଲ କରିଥିଲା।

ବିରାଟ କୋହଲି ଏବେ ସଫଳ ରନ ପିଛା କରିବାରେ ସର୍ବାଧିକ ପଚାଶରୁ ଅଧିକ ସ୍କର କରିବାର ରେକର୍ଡ (୨୧) ରଖିଛନ୍ତି। ସେ ୱାର୍ଣ୍ଣର ଏବଂ ଧାୱନଙ୍କ ମିଳିତ ରେକର୍ଡ ଭାଙ୍ଗିଛନ୍ତି। ବିରାଟ କୋହଲି ଆଇପିଏଲରେ ସର୍ବାଧିକ ୧୮୨ ଛକା ମାରିଥିବା ଭାରତୀୟ ଓପନର ହୋଇଛନ୍ତି। ସେ କେଏଲ ରାହୁଲଙ୍କ ୧୭୯ ଛକା ରେକର୍ଡ ଭାଙ୍ଗିଛନ୍ତି। ବିରାଟ କୋହଲି ସଞ୍ଜୁ ସାମସନଙ୍କ ରେକର୍ଡ ଭାଙ୍ଗି ୮୭୪ ରନ ସହିତ ଏସଆରଏଚ ବିପକ୍ଷରେ ସର୍ବାଧିକ ରନ ସ୍କରର ହୋଇଛନ୍ତି। ବିରାଟ କୋହଲି ଏବେ ଓଟଖରେ ଗୋଟିଏ ଦଳ ପାଇଁ ସର୍ବାଧିକ ସ୍କର କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୫୦+ ୩୧ଥର ହୋଇଛି। ସେ ଏହି କ୍ଷେତ୍ରରେ ରୋହିତ ଶର୍ମାଙ୍କୁ ପଛରେ ପକାଇ ଦେଇଛନ୍ତି। ଆଇପିଏଲରେ ବିରାଟ କୋହଲିଙ୍କ ପଚାଶରୁ ଅଧିକ ସ୍କୋର ସଂଖ୍ୟା ଏବେ ୭୨। ସେ ତାଙ୍କର ୨୬୦ତମ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି।

# ହାଇଦ୍ରାବାଦକୁ ହରାଇଲା ଡିଫେଣ୍ଡିଂ ଚାମ୍ପିଅନ୍ ଆରସିବି

ବେଙ୍ଗାଲୁରୁ ୨୯।୩: ଆଇପିଏଲ ୨୦୨୬। ବିଜୟରୁ ଅଭିଯାନ ଆରମ୍ଭ କଲା ଜଉଇ। ହାଇଦ୍ରାବାଦକୁ ୬ ୱିକେଟରେ ହରାଇ ଉଦଘାଟନୀ ମ୍ୟାଚ୍‌କୁ ଜିତି ନେଇଛି ବେଙ୍ଗାଲୁରୁ। ୨୦୨୫ ସିଜିନରେ ଚାମ୍ପିୟନ ହୋଇଥିବା ଆରସିବି ଚଳିତ ସିଜିନର ପ୍ରଥମ ମ୍ୟାଚ୍‌ରେ ଦମଦାର ପ୍ରଦର୍ଶନ ସହ ବିଜୟୀ ହୋଇଛି। ଆରସିବି ଆଗରେ ୨୦୨ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ୨୬ ବଲ ପୂର୍ବରୁ ଜିତିଛି। ଦଳ ପକ୍ଷରୁ ଘାତକ ବ୍ୟାଟିଂ କରିଥିଲେ ଇମ୍ପାକ୍ଟ ପ୍ଲେୟାର ଦେବିଦତ୍ତ ପାଡିକଲ୍। ସେ ୨୬ ବଲରୁ ୬୨ ରନର ପାଳି ଖେଳିଛନ୍ତି। ତେବେ ସେ ୨୧ ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ। ଏହାସହ ବିରାଟ କୋହଲି ମଧ୍ୟ ଅର୍ଦ୍ଧାତକୀୟ ପାଳି ଖେଳିଛନ୍ତି।

ଉଦଘାଟନୀ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଜଉଇ। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ନିର୍ଦ୍ଧାରିତ ଓଭର ମଧ୍ୟରେ ୯ ୱିକେଟ ହରାଇ ୨୦୧ ରନ କରିବାରେ ସକ୍ଷମ ହୋଇଥିଲା। ଦଳ ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା। ତଥାପି ଦଳ ପାଇଁ ଲଢୁଆ ପାଳି ଖେଳିଥିଲେ ଇଶାନ କିଷନ। ସେ ୩୮ ବଲରୁ ୮୦ ରନ୍ ସଂଗ୍ରହ କରିଛନ୍ତି। ପରେ ଅନିକେତ ୧୮ ବଲରୁ ୪୩ ରନର ପାଳି ଖେଳିଥିଲେ। ଆରସିବି ପକ୍ଷରୁ ପ୍ରଥମରୁ ହାଇଦ୍ରାବାଦର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇଥିଲେ ଜାକବ ଡଫି। ସେ ୨୨ ରନ୍ କରି ୩ ୱିକେଟ୍ ଅକ୍ତିଆର କରିଛନ୍ତି। ସେ ଟ୍ରାଭିସ୍ ହେଡ, ଅଭିଶେକ ଶର୍ମା ଏବଂ ନୀତିଶ କୁମାର ରେଡ୍ଡିଙ୍କୁ ଆଉଟ୍ କରିଥିଲେ। ଅଭିଶେକ ଶର୍ମା ୭, ହେଡ ୧୧ ଏବଂ ନୀତିଶ ୬ ବଲରୁ ମାତ୍ର ୧ ରନ୍ ସଂଗ୍ରହ କରିପାରିଥିଲେ। ପରେ କ୍ଲାସନଙ୍କ ସହ ବଡ଼ ପାଳି ଖେଳିବାରେ ସକ୍ଷମ ହୋଇଥିଲେ ଇଶାନ କିଷନ। ଅନିକେତ ବର୍ମା ୧୮ ବଲରୁ ୪୩ ରନର ପାଳି ଖେଳିଥିଲେ। ସେପଟେ ଆରସିବି ପକ୍ଷରୁ ସେଫର୍ଡ ୩ ୱିକେଟ୍ ନେଇଛନ୍ତି। ଭୁବନେଶ୍ୱର କୁମାର, ସୁୟସ ଶର୍ମା ଏବଂ ଅଭିନନ୍ଦନ ସିଂହ ଗୋଟିଏ ଲେଖାଏଁ ୱିକେଟ୍ ନେବାରେ ସଫଳ ହୋଇଥିଲେ। ଜବାବରେ ୨୦୨ ରନ୍‌ର ପିଛା କରୁଥିବା ଆରସିବିର ଆରମ୍ଭ ସାମାନ୍ୟ ଦୁର୍ବଳ ଥିଲେ ମଧ୍ୟ 'ଇମ୍ପାକ୍ଟ ପ୍ଲେୟାର' ଭାବେ ପଡ଼ିଆକୁ ଓହ୍ଲାଇଥିବା ଦେବଦତ୍ତ ପଡିକ୍କଲ ଖେଳର ମୋଡ଼ ବଦଳାଇ ଦେଇଥିଲେ। ସେ ମାତ୍ର ୨୬ ବଲ୍‌ରେ ୭ଟି ଚୌକା ଓ ୪ଟି ଛକା ସହାୟତାରେ ୬୧ ରନ୍‌ର ଧୂଆଁଧାର ଇନିଂସ ଖେଳିଥିଲେ। ତାଙ୍କ ବ୍ୟତୀତ ବିରାଟ କୋହଲି ୩୮ ବଲ୍‌ରେ ୫ଟି ଚୌକା ଓ ୫ଟି ଛକା ସହ ଅପରାଜିତ ୬୯ ରନ ସଂଗ୍ରହ କରି ଦଳକୁ ବିଜୟ ଦ୍ୱାରଦେଶରେ ପହଞ୍ଚାଇଥିଲେ। ଅଧିନାୟକ ରଜତ ପାଟିଦାର ମଧ୍ୟ ୧୨ ବଲ୍‌ରେ ୩୧ ରନ୍‌ର ଆକ୍ରମଣାତ୍ମକ ଇନିଂସ ଖେଳିଥିଲେ। ଫଳରେ ଆରସିବି ମାତ୍ର ୧୫.୪ ଓଭରରେ ୪ ଉଇକେଟ ହରାଇ ୨୦୩ ରନ କରିବା ସହ ୬ ଉଇକେଟରେ ବିଜୟୀ ହୋଇଥିଲା। ଆଇପିଏଲ ଇତିହାସରେ ଆରସିବି ପ୍ରଥମ ଥର ପାଇଁ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୧୯୦ରୁ ଅଧିକ ରନ୍‌ର ଟାର୍ଗେଟ୍‌କୁ ସଫଳତାର ସହ ଚେଜ୍ କରିବାରେ ସକ୍ଷମ ହୋଇଛି। ଏହି ବିଜୟ ସହ ଆରସିବି ନିଜର ୨୦୨୬ ଅଭିଯାନ ଅତି ଦମଦାର ଭାବେ ଆରମ୍ଭ କରିଛି।



# ପାଣ୍ଡ୍ୟାଙ୍କୁ ଧୋକ୍କା ଦେଲା ୧୨ କୋଟିର ଫରାରୀ କାର୍!

ମୁମ୍ବାଇ, ୨୯।୩: ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ନିଜର ଲଗଜରୀ ଲାଇଫଷ୍ଟାଇଲ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ସୋସିଆଲ ମିଡିଆରେ ତାଙ୍କର ଏକ ଭିଡିଓ ଖୁବ୍ ଗତିରେ ଭାଇରାଲ ହେଉଛି। ଏହି ଭିଡିଓରେ, ମୁମ୍ବାଇର ରାସ୍ତାରେ ହାର୍ଦ୍ଦିକ ତାଙ୍କର ନୂତନ ଫରାରୀ କାର୍ ଚଳାଉଥିବାର ଦେଖାଯାଇଥିଲେ। ତେବେ ୧୨ କୋଟି ଟଙ୍କାର ଏହି ସ୍ପୋର୍ଟ୍ସ କାରର ଗ୍ରାଉଣ୍ଡ କ୍ଲିୟରେନ୍ସ ବହୁତ କମ୍। ଏହି କାରଣରୁ ମୁମ୍ବାଇର ଉଚ୍ଚା ଉଚ୍ଚା ସ୍ପିଡ୍ ବ୍ରେକ୍ ଉପରେ ତାଙ୍କୁ କାର ଡ୍ରାଇଭ୍ କରି ନେବା ବହୁତ ବଡ଼ ଚ୍ୟାଲେଞ୍ଜ।

ଭାଇରାଲ ଭିଡିଓରେ ଦେଖିପାରିବେ କିଭଳି ପାଣ୍ଡ୍ୟା କାରର ଗ୍ରାଉଣ୍ଡ ସ୍ପସ୍‌କୁ ଡ୍ୟାମେଜ୍ ହେବାରୁ ବଞ୍ଚାଇବା ପାଇଁ କ୍ରିଏଟିଭ ଟେକ୍‌ନୋଲୋଜି ବ୍ୟବହାର କରୁଛନ୍ତି। ସେ କାରକୁ ସିଧା ନେବା ବଦଳରେ ଅଳ୍ପ ବଙ୍କାଇକି ସାବଧାନ ସହକାରେ ସ୍ପିଡ୍ ବ୍ରେକର ପାର କରିଥିଲେ। ଏହି ଭିଡିଓଟିକୁ ଫ୍ୟାନ୍ସ ଖୁବ୍ ପସନ୍ଦ କରୁଛନ୍ତି। ଯେଉଁଥିରେ ହାର୍ଦ୍ଦିକ ନିଜର ଲଗଜରୀ କାର ପ୍ରତି ଖୁବ୍ ପଜେସିଭ ଅଛନ୍ତି।

ହାର୍ଦ୍ଦିକ ସ୍ପିଡ୍ ବ୍ରେକ୍‌ର ପାର କରିବା ବେଳେ କିଛି ପୁଲିସ କର୍ମଚାରୀଙ୍କ ସହ ମଧ୍ୟ ତାଙ୍କର ଭେଟ ହୋଇଥିଲା। ରାସ୍ତାରେ ଚେକିଂ ସମୟରେ ମୁମ୍ବାଇର ସଡକରେ ଏଭଳି ଦାମୀ କାର ନେଇ ହାର୍ଦ୍ଦିକ ଯାଉଥିବାର ଦେଖି ପୁଲିସ କର୍ମଚାରୀ ବି ନିଜର ଖୁସି ରୋକି ପାରିନଥିଲେ। ହାର୍ଦ୍ଦିକଙ୍କ ସହ କିଛି କଥା ହେବା ସହ ହାଣ୍ଡସେକ୍ ମଧ୍ୟ କରିଥିଲେ। ମେଦାନ ବାହାରେ ଏ ତ ହେଲା ପାଣ୍ଡ୍ୟାଙ୍କ ମସ୍ତି, କିନ୍ତୁ ଏବେ ପ୍ରକୃତ ପରୀକ୍ଷାର ସମୟ ରବିବାର ୱାଙ୍ଖଡ ଷ୍ଟାଡିୟମ୍‌ରେ ଆଉ କିଛି ଘଣ୍ଟା ପରେ ହେବାକୁ ଯାଉଛି। ଘରୋଇ ଗ୍ରାଉଣ୍ଡରେ କୋଲକାତା ନାଇଟ ରାଇଡର୍ସକୁ ଭେଟିବ। ସର୍ବଦା ପ୍ରାରମ୍ଭରୁ ମନ୍ଥର ଆରମ୍ଭ କରୁଥିବା ମୁମ୍ବାଇ ଇଣ୍ଡିଆନ୍ସ ଏଥର ବିଜୟ ସହ ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି।



କେକେଆର ବିପକ୍ଷରେ ଆଇପିଏଲ୍ ମ୍ୟାଚ୍‌ରେ ବିସ୍ଫୋରକ ୭୮ ରନ୍ କରିଥିବା ଏମ୍‌ଆଇ ବ୍ୟାଟ୍ସମ୍ୟାନ୍ ରୋହିତ ଶର୍ମା

# କ୍ୟାଚ୍‌କୁ ନେଇ ହାଇଡ୍ରାମା

ବେଙ୍ଗାଲୁରୁ, ୨୯।୦୩: ଆଇପିଏଲ୍ ୨୦୨୬ର ପ୍ରଥମ ମ୍ୟାଚ୍। ଆରସିବି ବନାମ ଏସଆରଏଚ୍ ମ୍ୟାଚ୍ ରେ ଉଭୟ ଦଳ ରନ ସଂଗ୍ରହ କରିଥିଲେ, ଯାହା ଦର୍ଶକଙ୍କ ପାଇଁ ପ୍ରଚୁର ଉତ୍ସାହ ଆଣିଥିଲା। ତଥାପି, ଏକ ରୋମାଞ୍ଚକର ପ୍ରତିଯୋଗିତା ସହିତ ଆରମ୍ଭ ହୋଇଥିବା ଆଇପିଏଲ୍ ୨୦୨୬ ପ୍ରଥମରୁ ବିବାଦରେ ଫସିଲାଣି। ନୂତନ ଆଇପିଏଲ୍ ସିଜିନର ବିବାଦ ନମ୍ବର ୧ ସାମ୍ନାକୁ ଆସିଛି। ଏହି ବିବାଦ ଆରସିବି ଏବଂ ଏସଆରଏଚ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ସମୟରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳାରୁ ସୃଷ୍ଟି ହୋଇଛି, ଯାହାକୁ ନେଇ ସୋସିଆଲ ମିଡିଆରେ ଲାଗିରହିଛି ଆଲୋଚନା ଏବଂ ସମାଲୋଚନା।

ଏବେ ପ୍ରଶ୍ନ ହେଉଛି, ସେହି ବିବାଦ କ'ଣ ଆଇପିଏଲ୍ ୨୦୨୬ ର ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ମଧ୍ୟରେ ଉଦଘାଟନୀ ମ୍ୟାଚ୍‌ରେ ପ୍ରକୃତରେ କ'ଣ ଘଟିଥିଲା ପ୍ରକୃତରେ, ଏହି ସମ୍ପୂର୍ଣ୍ଣ ଘଟଣା ସନରାଇଜର୍ସ ହାଇଦ୍ରାବାଦର ଇନିଂସର ୧୪ତମ ଓଭର ସହିତ ଜଡିତ। ଆରସିବି ପକ୍ଷରୁ ଏହି ଓଭର ବୋଲିଂ କରିବାକୁ ଆସନ୍ତି ରୋମାରିଓ ସେଫର୍ଡ। ତାଙ୍କର ପ୍ରଥମ ବଲରେ, ଷ୍ଟ୍ରାଇକରେ ଥିବା ହାଇଦ୍ରାବାଦର ଇନଫର୍ମ ବ୍ୟାଟର ହେନରିଚ୍ କ୍ଲାସେନ ଏକ ବଡ ସଟ୍ ଖେଳିଥିଲେ। ତଥାପି, ଆରସିବିର ର ତୀକ୍ଷ୍ଣ ଫିଲ୍ଡର ଫିଲ୍ ସଲ୍ଟ ବଲଟିକୁ ବାଉଣ୍ଡ୍ରି ଅତିକ୍ରମ କରିବା ପୂର୍ବରୁ କ୍ୟାଚ୍ କରିଥିଲେ। ସେତିକିବେଳେ ଦେଖାଯାଉଥିଲା ଯେ ସଲ୍ଟଙ୍କ ପାଦ ବାଉଣ୍ଡ୍ରିକୁ ଟଚ୍ କରିଥିଲା। ଯାହା ପରେ ପଡ଼ିଆରେ ଉପସ୍ଥିତ ଅମ୍ପାୟାର କ୍ୟାଚ୍ର ବୈଧତା ଯାଞ୍ଚ କରିବା ପାଇଁ ଏହାର ନିଷ୍ପତ୍ତି ଥାର୍ଡ ଅମ୍ପାୟାରଙ୍କ ନିକଟକୁ ପଠାଇଥିଲେ। ତଥାପି, ଥାର୍ଡ ଅମ୍ପାୟାର ରୋହନ ପଣ୍ଡିତ କ୍ୟାଚ୍ କୁ କ୍ଲିନ୍ ଘୋଷଣା କରିଥିଲେ, ଯାହା ଫଳରେ କ୍ଲାସେନଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡିଥିଲା। ତଥାପି, କ୍ଲାସେନ ପାଭିଲିୟନ ଫେରିବା ସମୟରେ ବିରକ୍ତିଭାବ ପ୍ରକାଶ କରିଥିଲେ। ସେହିଠାରୁ ହିଁ ଉପୁଜିଥିଲା ବିବାଦ। ଥାର୍ଡ ଅମ୍ପାୟାର ତ ଖୁସି ଖୁସି ତାଙ୍କ ନିଷ୍ପତ୍ତି ଜଣାଇଦେଲେ କିନ୍ତୁ ଏହି ନିଷ୍ପତ୍ତିରେ ବିରକ୍ତ ହୋଇଥିଲେ କ୍ଲାସେନ୍। ତାଙ୍କୁ ଅମ୍ପାୟାରଙ୍କ ସହ ନିଷ୍ପତ୍ତି ବିଷୟରେ ଆଲୋଚନା କରୁଥିବାର ମଧ୍ୟ ଫିଲ୍ଡରେ ଦେଖିବାକୁ ମିଳିଥିଲା। ଆଇପିଏଲ୍ ୨୦୨୬ ର ପ୍ରଥମ ମ୍ୟାଚ୍ ରେ ଅମ୍ପାୟରିଂ ବିଷୟରେ ପ୍ରଶ୍ନ ଏହି ପ୍ରସଙ୍ଗକୁ ଆହୁରି ତାଜା କରିଛି। ଯାହାକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ଅନେକ ଆଲୋଚନା ଅନେକ ସମାଲୋଚନା। ଅନ୍ୟପକ୍ଷରେ, ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ଭନ୍ ଏହି ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିଲେ ଏବଂ କହିଥିଲେ ଯେ ଫିଲ୍ ସଲ୍ଟଙ୍କ ପାଦ ବାଉଣ୍ଡ୍ରି ରୋପ୍ ଛୁଇଁଥିଲା।

# ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର୨୯।୩:: ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଚଳିତ ମାସ ୨୭ ତାରିଖ ଠାରୁ ଆରମ୍ଭ ହୋଇଛି। ଏହି ଦୁଇଦିନିଆ ଶିବିର ମାର୍ଚ୍ଚ ୨୮ରେ ଶେଷ ହୋଇଛି। ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ଜିଲ୍ଲାରୁ ୫୦ ଜଣ ପ୍ରଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏହି ଶିବିରରେ ବ୍ଲାକବେଲ୍ଟ ପରୀକ୍ଷା ମଧ୍ୟ ଆୟୋଜନ ହୋଇଥିଲା। କ୍ରୀଡାର ମାନ ବୃଦ୍ଧି କରିବା ସହ କରାଟେ କ୍ରୀଡାକୁ ବହୁଳ ଭାବେ ପ୍ରସାରିତ କରିବା ନିମନ୍ତେ ପ୍ରଶିକ୍ଷଣ ଏବଂ ସେମିନାର ମଧ୍ୟ ଆୟୋଜନ କରାଯାଇଥିଲା।




# ଜାପାନିଜ୍ ଗ୍ରାଁ ପ୍ରି ଜିତିଲେ କିମି

ଟୋକିଓ, ୨୯।୩: ମର୍ସିଡିଜ୍‌ର ୧୯ ବର୍ଷୀୟ ଚାଳକ କିମି ଆଣ୍ଟୋନେଲି ଚମତ୍କାର ପ୍ରଦର୍ଶନ କରି ଜାପାନିଜ୍ ଗ୍ରାଁ ପ୍ରି ବିଜେତା ହୋଇଛି। ଏହା ତାଙ୍କର ଦ୍ୱିତୀୟ ଫର୍ମୁଲା ୱାନ୍ ରେସ୍ ବିଜୟ। ଏହି ଇଟାଲି ବାଳକ ରବିବାର ମ୍ୟାକ୍‌ଲରେନ ଚାଳକ ଓସ୍କାର ପିଆଷ୍ଟ୍ରିଙ୍କୁ ପଛରେ ପକାଇ ଟ୍ରଫି ଜିତିବା ସହ ସର୍ବକନିଷ୍ଠ ଭାବେ ଫର୍ମୁଲା ୱାନ୍ ବିଜେତା ହେବା ଦେଡରେ ସାମିଲ ହୋଇଛନ୍ତି। ସଂପ୍ରତି ସେ ୭୨ ପଏଣ୍ଟ ସହ ଶୀର୍ଷରେ ରହିଥିଲା ବେଳେ ତାଙ୍କ ଦଳୀୟ ସାଥୀ ଜର୍ଜ ରସେଲ (୬୩ ପଏଣ୍ଟ) ଦ୍ୱିତୀୟରେ ରହିଛନ୍ତି। ସୁଜୁକା ସର୍କିଟ୍‌ରେ ପିଆଷ୍ଟ୍ରି ଏବଂ ଫେରାରିର ଚାର୍ଲସ ଲେକ୍‌ଲର୍କ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଥିଲେ। ରସେଲ ଚତୁର୍ଥ, ବିଶ୍ୱ ବିଜେତା ତଥା ମ୍ୟାକ୍‌ଲରେନ୍‌ର ଲାଣ୍ଡୋ ନୋରିସ ପଞ୍ଚମ ଏବଂ ୭ ଥରର ବିଶ୍ୱବିଜେତା ଫେରାରି ଲୁସି ହାମିଲଟନ୍ ଷଷ୍ଠ ସ୍ଥାନରେ ରହିଥିଲେ।




# ଏମ୍‌ଏଲ୍‌ସିରେ ଖେଳିବେ ଅଶ୍ୱୀନ

ଚେନ୍ନାଇ: ଆମେରିକୀୟ ଟ୍ୱେଣ୍ଟି-୨୦ ଲିଗ୍ ମେଜର୍ ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି)ରେ ଖେଳିବାରେ ପ୍ରଥମ ଭାରତୀୟ ଖେଳାଳି ହେବାକୁ ଯାଉଛନ୍ତି ପୂର୍ବତନ ଅଫ୍-ସ୍ପିନର ରବିଚନ୍ଦ୍ରନ୍ ଅଶ୍ୱୀନ୍। ସେ ୨୦୨୬ ଋତୁ ନିମନ୍ତେ ଏମ୍‌ଏଲ୍‌ସି ଫ୍ରାଞ୍ଚାଇଜି ସାନ୍ ଫ୍ରାନ୍‌ସିସକୋ ୟୁନିକର୍ଣ୍ଣ ସହ ଚୁକ୍ତିବଦ୍ଧ ହୋଇଛନ୍ତି।

ଏସମ୍ପର୍କରେ ଏକ ବୟାନ ଜାରି କରି ଅଶ୍ୱୀନ କହିଛନ୍ତି ଯେ ବିଗତ କିଛି ଋତୁରେ ଏମ୍‌ଏଲ୍‌ସି କେତେକ ବିଶ୍ୱସ୍ତରୀୟ ଖେଳାଳିଙ୍କୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଆମେରିକୀୟ ପ୍ରତିଭାଙ୍କୁ ଆଗକୁ ଆଣିବାରେ ସହାୟକ ହୋଇପାରିଛି। ପ୍ରଥମ ଭାରତୀୟ ଖେଳାଳିଭାବେ ଏହି ଲିଗ୍‌ରେ ସାମିଲ ହେବାର ଦାୟିତ୍ୱକୁ ସେ ଗ୍ରହଣ କରୁଛନ୍ତି। ଏହି ଫ୍ରାଞ୍ଚାଇଜିକୁ ମ୍ୟାଚ୍ ଜିତାଇବା ଓ ଚାମ୍ପିଅନ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଅଶ୍ୱୀନ ଭାରତ ପାଇଁ ୨୮୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ସହ ୭୬୫ ୱିକେଟ୍ ନେଇଛନ୍ତି। ଏହା ମଧ୍ୟରେ ୬୫ ଟ୍ୱେଣ୍ଟି-୨୦ରେ ୭୨ ୱିକେଟ୍ ଅନ୍ତର୍ଭୁକ୍ତ। ସେହିପରି ଆଇପିଏଲ୍‌ରେ ସେ ୨୨୧ଟି ମ୍ୟାଚ୍ ଖେଳି ୧୮୭ ୱିକେଟ୍ ନେଇଛନ୍ତି।

# ଭାରତୀୟ ବଧିର କ୍ରିକେଟ୍ ଦଳରେ ସନ୍ତୋଷ

ଭୁବନେଶ୍ୱର, ୨୯।୩: ଦକ୍ଷିଣ ଆଫ୍ରିକା ଗସ୍ତ ଲାଗି ଭାରତୀୟ ବଧିର କ୍ରିକେଟ୍ ଦଳ ଘୋଷିତ ହୋଇଛି। ଏହି ୧୪ ଜଣିଆ ଦଳରେ ଓଡିଶାର ସନ୍ତୋଷ କୁମାର ମହାପାତ୍ରଙ୍କୁ ସ୍ଥାନ ମିଳିଛି। ଭାରତ ଏହି ଗସ୍ତରେ ଘରୋଇ ଦଳ ବିପକ୍ଷରେ ୩ଟି ଟ୍ୱେଣ୍ଟି-୨୦ ଓ ୨ଟି ଦିନିକିଆ ଖେଳିବ। ଏହି ଅନ୍ତର୍ଜାତୀୟ ମ୍ୟାଚ୍‌ଗୁଡିକ ଏପ୍ରିଲ ୨୬ରୁ ମେ' ୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଦିନିକିଆ ମ୍ୟାଚ୍ ଏପ୍ରିଲ ୨୬ ଓ ୨୮ ତାରିଖରେ ଖେଳାଯିବାକୁ ଥିଲା ବେଳେ ଏପ୍ରିଲ୍ ୩୦, ମେ' ୧ ଓ ୨ ତାରିଖରେ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ଗସ୍ତ ପୂର୍ବରୁ ଏପ୍ରିଲ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଅନଗୁଳ ଜିଲ୍ଲା ତାଲଚେରର ସନ୍ତୋଷ ଜଣେ ଭଲ ଅଲରାଉଣ୍ଡର। ସେ ଚମତ୍କାର ବ୍ୟାଟିଂ ଓ ବୋଲିଂ କରିବା ସହ କ୍ଷେତ୍ରରକ୍ଷଣରେ ମଧ୍ୟ ତାଙ୍କର ପାରଦର୍ଶିତା ରହିଛି। ସେ ୨୦୦୬ରୁ ତାଲଚେରସ୍ଥିତ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ଓ ୨୦୦୮ରୁ ଅନଗୁଳ ଡିଷ୍ଟ୍ରିକ୍ଟ କ୍ରିକେଟ୍ ସହ ଅନୁବନ୍ଧିତ ଅଛନ୍ତି। ଗତ ମାସରେ ବାରବାଟୀ ଷ୍ଟାଡିୟମ୍‌ରେ ଆୟୋଜିତ ଏସିଆ କପ୍ ବଧିର କ୍ରିକେଟ୍ ପ୍ରତିଯୋଗିତାରେ ସନ୍ତୋଷ ଚମତ୍କାର ପ୍ରଦର୍ଶନ କରିଥିଲେ। ତାଙ୍କର ଏହି ସଫଳତା ଲାଗି ଜାତୀୟ ଦଳରେ ନିଜ ସ୍ଥାନ ସୁରକ୍ଷିତ ରଖିପାରିଛନ୍ତି। ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ସନ୍ତୋଷଙ୍କୁ ଓଡିଶା ବଧିର କ୍ରିକେଟ୍ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଭାରତୀୟ ଦଳ: ବୀରେନ୍ଦ୍ର ସିଂହ (ଅଧିନାୟକ), ସାଇ ଆକାଶ (ଉପଅଧିନାୟକ), ଉମର ଅସ୍ରଫ (ୱିକେଟ୍‌କିପର), ଅଭିଷେକ ସିଂହ, ସାନିଥ ସେଟ୍ଟୀ, ଯଶବନ୍ତ ନାଇଡୁ, କୁଲଦୀପ ସିଂହ, ବିବେକ କୁମାର, ପ୍ରନିଲ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZb Kêcûe ]k